# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୧/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, December 11/2020 | ★★★★★★

୪୭ଶ ଭାଗ ୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI





## ବିକିନିରେ ଚାହତ୍

ଟେଲି ଅଭିନେତ୍ରୀ ଚାହତ୍ ଖନ୍ନା ବ୍ଲାକ୍ ବିକିନିରେ ଫଟୋ ଇନଷ୍ଟାରେ ଶେୟାର କରିଛନ୍ତି। ଏହା ଏବେ ଭାଇରାଲ ହୋଇଛି।

୧୨

୧୧

## ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।



# ମୁଖ୍ୟମନ୍ତ୍ରୀ ନାହିଁ କଲେ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

କୋଭିଡ-୧୯ ମହାମାରୀ ସଂକ୍ରମଣ ଆଶଙ୍କାରେ ଗତ ୯ ମାସ ହେବ ରାଜ୍ୟରେ ସମସ୍ତ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। କେତେକ କ୍ଷେତ୍ରରେ ଅନ୍‌ଲାଇନରେ ପଢା ହେଉଛି। ତେବେ ଅଧିକାଂଶ ପିଲା ଏହି ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ପାଠପଢା ବନ୍ଦ ରହିଥିବା ବେଳେ ଚଳିତ ଶିକ୍ଷା ବର୍ଷ ମଧ୍ୟ ଘୁଞ୍ଚି ଘୁଞ୍ଚି ଯାଉଛି। ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ସନ୍ଦିହାନ ହୋଇପଡିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ଏହାର ପୁନଃ ସଂକ୍ରମଣ ଆଶଙ୍କା ଟଳି ନାହିଁ। ଏପରିକି ମହାରାଷ୍ଟ୍ର, କେରଳ, ଦିଲ୍ଲୀ ଭଳି ଅନେକ ରାଜ୍ୟରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଓଡିଶା ସରକାର ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ସ୍କୁଲ ଓ କଲେଜ ଖୋଲିବା ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ପକ୍ଷରୁ ଗଣମାଧ୍ୟମକୁ ବିଭିନ୍ନ ସମୟରେ ସୂଚନା ଦିଆଯାଉଛି। ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ବେଳେ ବିଭାଗଗୁଡିକ ପକ୍ଷରୁ ଦିଆଯାଉଥିବା ବିବୃତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାପସନ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଦୃଷ୍ଟିକୋଣରୁ ବିଚାରବିମର୍ଶ କରି ରାଜ୍ୟ ସରକାର ଉପଯୁକ୍ତ ନିଷ୍ପତ୍ତି ନେବେ। ଗୁରୁବାର ଭିଡିଓ କନଫରେନ୍ସ ମାଧ୍ୟମରେ କୋଭିଡ-୧୯ ମୁକାବିଲା ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ସଂକ୍ରମଣ ଆଶଙ୍କା ସମ୍ପୂର୍ଣ୍ଣ ଦୂର ହୋଇ ନ ଥିବାରୁ ସ୍କୁଲ, କଲେଜ ଖୋଲିବା ନେଇ ସରକାର ଦ୍ୱନ୍ଦ୍ୱରେ ରହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପୂର୍ବରୁ ନୂଆବର୍ଷଠାରୁ ସ୍କୁଲ ଖୋଲିବା କଥା ଚିନ୍ତା କରାଯାଉଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସୂଚନା ଦେଇଥଲେ। ସେହିପରି ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ସଙ୍କେତ ଦେଇଥିଲେ। ସ୍କୁଲ୍ ଖୋଲିବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଏବେ ସ୍କୁଲ୍ ଖୋଲିବା ସମ୍ଭବ ନୁହେଁ। ତେଣୁ ଜାନୁୟାରୀରୁ ଖୋଲାଯିବ। ପ୍ରାଥମିକ ପର୍ଯ୍ୟାୟରେ ହାଇସ୍କୁଲ ଓ ଯୁକ୍ତ ୨ କଲେଜ ଖୋଲାଯାଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ ଦିଆଯିବ। ପରବର୍ତ୍ତୀ ସମୟରେ ପ୍ରାଥମିକ ବିଦ୍ୟାଳୟ ଖୋଲିବା ନେଇ ବିଚାରବିମର୍ଶ ହେବ। ଶନିବାର, ରବିବାର ସହ ଛୁଟି ଦିନରେ ବି କ୍ଲାସ ହେବ। କେବଳ ପର୍ବପର୍ବାଣି ଛୁଟି ବ୍ୟତୀତ ଅନ୍ୟ ସମସ୍ତ ଛୁଟିରେ କ୍ଲାସ୍ କରାଯିବ। ଶହେ ଦିନ ପାଠ ପଢ଼ାଇବା ପରେ ପରୀକ୍ଷା ହେବ। ଏଥର ପ୍ରାୟ ୬ ଲକ୍ଷ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଓ ୩.୫ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେବେ। ଛାତ୍ରୀଛାତ୍ରଙ୍କ ଚାପ କମାଇବା ପାଇଁ ସ୍ୱତନ୍ତ୍ର ପାଠ୍ୟପୁସ୍ତକ ପ୍ରସ୍ତୁତ ହେବ। କିଛିଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଷ୍ଟଡି ମ୍ୟାଟେରିଆଲ ଲୋକାର୍ପଣ କରାଯାଇ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ। ପାଠପଢା ଶେଷ ହେବା ପରେ ଏପ୍ରିଲ କିମ୍ବା ମେ’ ରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଚ୍ଚଶିକ୍ଷା ସଚିବ କହିଛନ୍ତି, କରୋନା ପାଇଁ ୯ ମାସ ହେଲାଣି କଲେଜ ବନ୍ଦ ରହିଛି। ତେବେ ନୂଆ ବର୍ଷରେ ଛାତ୍ରୀଛାତ୍ର କଲେଜରେ କ୍ଲାସ କରିବେ। ଖୁବ୍‌ଶୀଘ୍ର ଏନେଇ ରାଜ୍ୟ ସରକାର ଚୂଡାନ୍ତ ନିଷ୍ପତ୍ତି ନେବେ। ଯୁଜି ଓ ପିଜି ସେମିଷ୍ଟର ପରୀକ୍ଷା ଘୁଞ୍ଚିବ। ଅନଲାଇନ୍ ପଢ଼ାକୁ ନେଇ ☞ପୃଷ୍ଠା-୨

### ସ୍କୁଲ ଖୋଲିବା ପ୍ରସଙ୍ଗ

- କ୍ଲାସ୍‌ରୁମ୍ ଶିକ୍ଷାଦାନ ପରେ ପରୀକ୍ଷା ହେବ: ଗଣଶିକ୍ଷା ମନ୍ତ୍ରୀ
- ଛୁଟିଦିନରେ କ୍ଲାସ୍ ହେବ, ଚାପ କମାଇବାକୁ ସ୍ୱତନ୍ତ୍ର ପାଠ୍ୟପୁସ୍ତକ
- ଯୁଜି, ପିଜି ସେମିଷ୍ଟର ଘୁଞ୍ଚିବ: ଉଚ୍ଚଶିକ୍ଷା ସଚିବ

## ବିସ୍ଫୋରଣରେ ଜଳିଗଲା ସ୍ପେସ୍‌ଏକ୍ସ ଷ୍ଟାରଶିପ୍



**କେପ୍ କାନାଭେରାଲ, ୧୦।୧୨:** ଘରୋଇ ସଂସ୍ଥା ସ୍ପେସ୍‌ଏକ୍ସ ପକ୍ଷରୁ ବୁଧବାର ପରୀକ୍ଷାମୂଳକ ଭାବେ ପଠାଯାଇଥିବା ମହାକାଶଯାନ ମଡେଲ ଷ୍ଟାରଶିପ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟେକ୍ସାସ୍‌ରୁ ଉତ୍କ୍ଷେପଣ କରାଯିବାର ୬.୫ ମିନିଟ ପରେ ତାହା ବିସ୍ଫୋରଣ ହୋଇ ଜଳିଯାଇଥିଲା। ବିସ୍ଫୋରଣ ସତ୍ତ୍ୱେ ଏହା ସଫଳ ହୋଇଥିବା ସ୍ପେସ୍‌ଏକ୍ସ ପକ୍ଷରୁ କୁହାଯାଇଛି। ଏହା ସର୍ବୋଚ୍ଚ ଓ ସବୁଠୁ ସୁନ୍ଦର ଫ୍ଲାଇଟ୍ ଥିଲା ବୋଲି ସ୍ପେସ୍‌ଏକ୍ସ ମୁଖ୍ୟ ଏଲୋନ୍ ମସ୍କ କହିଛନ୍ତି। ଆଗାମୀ ୬ ବର୍ଷ ମଧ୍ୟରେ ଉକ୍ତ ମହାକାଶ ଯାନରେ ମଙ୍ଗଳକୁ ମାନବ ପ୍ରେରଣ କରିବା ପାଇଁ ସ୍ପେସ୍‌ଏକ୍ସ ଲକ୍ଷ୍ୟ ରଖିଛି। ପରୀକ୍ଷାମୂଳକ ଉଡ଼ାଣ ବେଳେ ଉକ୍ତ ମଡେଲ ମହାକାଶ ଯାନ ୧୨.୫ କିଲୋମିଟର ଉପରକୁ ଉଠିଥିଲା, ଯାହାକି ଆଶା କରାଯାଇଥିବା ଉଚ୍ଚତା ଠାରୁ ୧୦୦ ଗୁଣ ଅଧିକ।

## ହାଇକୋର୍ଟରେ ସ୍କୁଲ ଫି’ ଛାଡ଼ ମାମଲା
## ଜବାବ ଦାଖଲ କଲା ଆଇସିଏସ୍‌ଇ, ଡିଏଭି

**କଟକ ଅଫିସ, ୧୦।୧୨**

କରୋନା ମହାମାରୀ ଯୋଗୁ ଘରୋଇ ସ୍କୁଲ ଫି’ ଛାଡ଼ ପାଇଁ ହାଇକୋର୍ଟରେ ଆଗତ ମାମଲାରେ ଗୁରୁବାର ଇଣ୍ଡିଆନ କାଉନ୍‌ସିଲ ଫର୍ ସେକେଣ୍ଡାରି ଏଜୁକେଶନ (ଆଇସିଏସ୍‌ଇ)ର ଓଡ଼ିଶା ସ୍କୁଲ ସଂଘ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ପରିଚାଳିତ ଡିଏଭି ପବ୍ଲିକ୍ ସ୍କୁଲ , ଓଡ଼ିଶା ଜୋନ୍ ୧ ଓ ୨ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଗତ ୭ତାରିଖରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠର ଜବାବ ଆଇସିଏସ୍‌ଇ ଓ ଡିଏଭି ପକ୍ଷରୁ ଦାଖଲ କରାଯାଇଛି।

ପ୍ରକାଶ ଯେ, ଗତ ୨ତାରିଖରେ ରାଜ୍ୟ ସରକାର ଘରୋଇ ସ୍କୁଲ୍ ଫି’ ନିର୍ଦ୍ଧାରଣ ପାଇଁ ଆଇନ ☞ପୃଷ୍ଠା-୨

ସ୍ୱତନ୍ତ୍ର ପୃଷ୍ଠା: ଟିକା ହିଁ ଆଶା
୧୦

ଧଳସାମନ୍ତ ଭ୍ରାତାଙ୍କ ବାସଭବନରେ ଚଢ଼ାଉ
୨

**ଆଜିର ସମ୍ପାଦକୀୟ**

### ଲୋକଙ୍କୁ ଶୋଷଣ

**ଆଜିର ମନ୍ତବ୍ୟ**

“ପୁରୁଣା ପାର୍ଲାମେଣ୍ଟ ସ୍ୱାଧୀନୋତ୍ତର ଭାରତକୁ ମାର୍ଗଦର୍ଶନ କରିଥିବାବେଳେ ନୂଆ ସଂସଦ ଭବନ ଆତ୍ମନିର୍ଭର ଭାରତ ନିର୍ମାଣ କରିବ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# କୃଷି ଆଇନ ପ୍ରତ୍ୟାହାର ନ ହେଲେ ରେଲରୋକୋ

**ନୂଆଦିଲ୍ଲୀ, ୧୦।୧୨**

ନୂତନ ଆଇନରେ କୃଷି ଉତ୍ପାଦନ ବଜାର କମିଟି (ଏପିଏମ୍‌ସି) ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଭାବିତ ହେବନାହିଁ ବୋଲି କେନ୍ଦ୍ର ସରକାର ଗୁରୁବାର କୃଷକମାନଙ୍କୁ ପୁଣି ଥରେ ବୁଝାଇଥିଲେ। ସରକାର କୃଷକ ସଂଗଠନଗୁଡ଼ିକ ସହ ଖୋଲା ମନରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଥିଲେ। ଏହା ପରେ କୃଷି ଆଇନ ପ୍ରତ୍ୟାହାର ପାଇଁ ଚାଷୀ ନେତା ବୁଟା ସିଂ ପୁଣି ଥରେ ଦାବି ଦୋହରାଇଛନ୍ତି। ବିବାଦୀୟ ଆଇନ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ। ଡିସେମ୍ବର ୧୦ ସୁଦ୍ଧା ଆଇନ ପ୍ରତ୍ୟାହାର ପାଇଁ ଚାଷୀ ସଂଗଠନଗୁଡ଼ିକ ସମୟସୀମା ଧାର୍ଯ୍ୟ କରିଥିଲେ। ଯଦି ପ୍ରଧାନମନ୍ତ୍ରୀ ଆମ କଥା ନ ଶୁଣନ୍ତି ଓ ଆଇନ ପ୍ରତ୍ୟାହାର ନ କରନ୍ତି ତେବେ ରେଲରୋକୋ ହେବ ବୋଲି ବୁଟା କହିଛନ୍ତି।

ବ୍ୟବସାୟୀମାନଙ୍କ ପାଇଁ ଆଇନ ପ୍ରଣୟନ କରାଯାଇଥିବା କେନ୍ଦ୍ର ସ୍ୱୀକାର କରିସାରିଲାଣି। ଯଦି କୃଷି ରାଜ୍ୟର ବିଷୟ ତେବେ ଏହା ଉପରେ ଆଇନ ପ୍ରଣୟନ କରିବା ଅଧିକାର କେନ୍ଦ୍ରର ନାହିଁ ବୋଲି ଭାରତୀୟ କିଷାନ ୟୁନିୟନ(ଆର୍) ନେତା ବଲବୀର ସିଂ ରାଜେୱାଲ କହିଛନ୍ତି। କେନ୍ଦ୍ରର କଳା ଆଇନ କେବଳ କୃଷକଙ୍କ ପାଇଁ ନୁହେଁ, ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଏବଂ ସାରା ଦେଶ ପାଇଁ ମୃତ୍ୟୁ ୱାରେଣ୍ଟ ବୋଲି ବୁଟା ସିଂ କହିଛନ୍ତି। ଚାଷୀ ଆନ୍ଦୋଳନ ଗୁରୁବାର ୧୫ ଦିନରେ ପହଞ୍ଚିଛି। ଦିଲ୍ଲୀ-ହରିୟାଣାର ସିଙ୍ଘୁ ସୀମାରେ ଦିନକୁ ଦିନ ଚାଷୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡିସେମ୍ବର ୧୨ ପୂର୍ବରୁ ଚାଷୀମାନେ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ବୁଧବାର ଘୋଷଣା କରିଥିଲେ। ସରକାରଙ୍କ ଚିଠା ସଂଶୋଧନ ପ୍ରସ୍ତାବକୁ କୃଷକମାନେ ବିଚାର କରିବାକୁ ଗୁରୁବାର ତୋମାର ଆହ୍ୱାନ ଦେଇଥିଲେ। ବୁଧବାର ପଠାଯାଇଥିବା ଏହି ଚିଠା ପ୍ରସ୍ତାବକୁ କୃଷକ ସଂଗଠନଗୁଡ଼ିକ ଅଗ୍ରାହ୍ୟ କରିଦେଇଥିଲେ।

### ସରକାରଙ୍କୁ ଚାଷୀଙ୍କ ଚେତାବନୀ



ବୁଟା ସିଂ

# ଆଇଆଇସି ନିଲମ୍ବିତ, ବଦଳିଲେ ଏସ୍‌ଡିପିଓ

### ପରୀ ହତ୍ୟା ମାମଲା



ରୀନାରାଣୀ ସାହୁ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ପରୀ ଅପହରଣ ଓ ହତ୍ୟା ଘଟଣାକୁ ନେଇ ଏବେବି ଆନ୍ଦୋଳନ ଜାରି ରହିଛି। ଝିଅକୁ ନ୍ୟାୟ ଦେବା ପାଇଁ ମା’ବାପା ଓ ପରିବାର ଲୋକେ ସଂଘର୍ଷ ଜାରି ରଖିଛନ୍ତି। ଏପରିସ୍ଥଳେ ନୟାଗଡ଼ ସଦର ଥାନା ଅଧିକାରୀଙ୍କ ବିରୋଧରେ ପରୀର ମା’ ଗୁରୁତର ଅଭିଯୋଗ ଆଣିବା ପରେ ଗୁରୁବାର ପଦକ୍ଷେପ ଗ୍ରହଣ କରାଯାଇଛି। ଥାନା ଅଧିକାରୀ ରୀନାରାଣୀ ସାହୁଙ୍କୁ ନିଲମ୍ବିତ କରାଯାଇଥିବାବେଳେ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢୀଙ୍କୁ କନ୍ଧମାଳକୁ ବଦଳି କରାଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ନୟାଗଡ଼ ଯଦୁପୁରର ☞ପୃଷ୍ଠା-୨




## ଅସ୍ତାଦ ଦେବୁଙ୍କ ପରଲୋକ



**ମୁମ୍ବାଇ, ୧୦।୧୨**

ଭାରତୀୟ ଓ ପାଶ୍ଚାତ୍ୟ ନୃତ୍ୟଶୈଳୀର ସମ୍ମିଳିତ କରିଥିବା ସମସାମୟିକ ନୃତ୍ୟଶିଳ୍ପୀ ଅସ୍ତାଦ ଦେବୁଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ସେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କଥକ ଏବଂ କଥାକଳିର ମିଶ୍ରଣରେ ଏକ ସ୍ୱତନ୍ତ୍ର ନୃତ୍ୟ ସୃଷ୍ଟି କରିଥିଲେ। କିଛିଦିନର ଅସୁସ୍ଥତା ପରେ ଗୁରୁବାର ସକାଳେ ମୁମ୍ବାଇ ବାସଭବନରେ ତାଙ୍କର ପରଲୋକ ଘଟିଥିବା ପରିବାର ପକ୍ଷରୁ ଘୋଷଣା କରାଯାଇଛି। ☞ପୃଷ୍ଠା-୨

# ଜମି ହରାଉଛନ୍ତି ଏସ୍‌ସି, ଏସ୍‌ଟି

**ଯାଜପୁର ଅଫିସ,୧୦।୧୨**

ରାଜ୍ୟର ୯ ଜିଲାରେ ୨୦୦୯-୧୦ରୁ ୨୦୧୯-୨୦ ବର୍ଷ ମଧ୍ୟରେ ଅନୁସୂଚିତ ଜାତି(ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ୨୩୩୭.୮୧୧ ଏକର ଜମି ବିକ୍ରି ପାଇଁ ୭,୮୪୭ ସାଧାରଣ ବର୍ଗଙ୍କ ସପକ୍ଷରେ ଅନୁମତି ତଥା ଭୂସଂସ୍କାର (ଓଏଲ୍‌ଆର୍) ପ୍ରମାଣପତ୍ର ଦିଆଯାଇଛି। ଏଥିରେ ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ସର୍ବାଧିକ ୨,୨୯୩ ସାଧାରଣ ବର୍ଗର ଲୋକ ଏସ୍‌ସି/ଏସ୍‌ଟିଙ୍କ ୨୧୪.୧୪ ଏକର ଜମି କିଣିଛନ୍ତି। ସେଥିମଧ୍ୟରେ ସର୍ବାଧିକ ୫,୩୫୮ ଜଣ ଏସ୍‌ସି ବର୍ଗର ହୋଇଥିବାବେଳେ ଏସ୍‌ଟି ୨୦୪୨ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାର ସାରୁଅ ଜମି ମାମଲା ଭଳି ରାଜ୍ୟର ଅନ୍ୟ କୌଣସି ଜିଲାରେ ଏସ୍‌ସି ଏବଂ ଏସ୍‌ଟିଙ୍କ ଜମି ହଡ଼ପ ବିଷୟରେ ଅଭିଯୋଗ ନ ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଗତ ବିଧାନସଭାରେ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି।

ଓଡ଼ିଶା ଭୂସଂସ୍କାର ଆଇନ ୧୯୬୦ ଅନୁସାରେ ଏସ୍‌ସି ଏସ୍‌ଟିଙ୍କ ଜମିକୁ ସୁରକ୍ଷା ଦେବା ପାଇଁ ନିୟମ ରହିଛି। ସାଧାରଣ ଲୋକ ସେମାନଙ୍କ ଜମିକୁ ସହଜରେ କିଣିପାରିବେ ନାହିଁ। ଯଦି କୌଣସି ଏସ୍‌ସି ଏସ୍‌ଟି ବ୍ୟକ୍ତି ଜମି ବିକ୍ରି କରିବାକୁ ଚାହାନ୍ତି ତେବେ ସେ ସ୍ଥାନୀୟ ପ୍ରଶାସନ ନିକଟରୁ ଅନୁମତି ଲୋଡ଼ିବେ। ଗତ ୧୦ବର୍ଷର ତଥ୍ୟକୁ ଅବଲୋକନ କଲେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ,ଯାଜପୁରରୋଡ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ହିଁ ସର୍ବାଧିକ ମାତ୍ରାରେ ଏସ୍‌ସି ଏବଂ ଏସ୍‌ଟିଙ୍କ ଜମି ବିକ୍ରି ଅନୁମତି ନେଇ ଅକ୍ତିଆର କରାଯାଇଛି। ଜିଲାରେ ୧୯ ଏସ୍‌ଟି ପରିବାରଙ୍କ ୧.୦୫ ଏକର ଏବଂ ୨,୨୭୪ ଏସ୍‌ସି ପରିବାରଙ୍କ ୨୧୪.୧୪ ଏକର ଜମି କିଣିବାକୁ ସାଧାରଣ ବର୍ଗଙ୍କ ସପକ୍ଷରେ ଓଏଲ୍‌ଆର ପ୍ରଦାନ କରାଯାଇଛି। ସେହିପରି ସମ୍ବଲପୁର ଜିଲାର ୪୧୨ ଏସ୍‌ଟିଙ୍କ ୨୪୧.୭ ଏକର ଓ ୨୦୧ ଏସ୍‌ସି ବର୍ଗ ପରିବାରଙ୍କ ୨୩୯.୨୨ ଏକର ଜମିକୁ ୬୧୩ ଜଣ ସାଧାରଣ ବର୍ଗଙ୍କ ପାଇଁ ଅନୁମତି ମିଳିଛି। ବରଗଡ଼ ଜିଲାର ୪୦୦ ଏସ୍‌ଟିଙ୍କ ୨୯୦.୩ ଏକର ଓ ୪୫୧ ଏସ୍‌ସି ବର୍ଗ ପରିବାରଙ୍କ ୨୪୭.୭୬ ଏକର ଜମିକୁ ୮୫୧ ଜଣ ସାଧାରଣ ବର୍ଗ ଲୋକ କିଣିଛନ୍ତି। ବଲାଙ୍ଗୀର ଜିଲାର ୨୬୩ ଏସ୍‌ଟିଙ୍କ ୩୮୨.୩ ଏକର ଓ ୨୮୪ ଏସ୍‌ସି ବର୍ଗ ପରିବାରଙ୍କ ୨୩୭.୨୧୧ ଏକର ଜମିକୁ ୫୪୭ ଜଣ ସାଧାରଣ ବର୍ଗଙ୍କୁ ବିକ୍ରି ପାଇଁ ଅନୁମତି ମିଳିଛି। ସେହିପରି ଜଗତ୍‌ସିଂହପୁର ଜିଲାର ଜଣେ ଏସ୍‌ଟିଙ୍କ ୦.୧୩ ଏକର ଓ ୩୮୨ ଏସ୍‌ସି ବର୍ଗ ପରିବାରଙ୍କ ୨୭୧.୧୧ ☞ପୃଷ୍ଠା-୨

- ୯ ଜିଲାରେ ୨୩୩୭.୮୧୧ ଏକର ଜମି ବିକ୍ରି ଅନୁମତି
- ହାସଲ କରିଛନ୍ତି ୭,୮୪୭ ସାଧାରଣ ବର୍ଗ
- ଯାଜପୁର ଜିଲାରେ ସର୍ବାଧିକ ୨,୨୯୩ ସାଧାରଣ ବର୍ଗ
- ଜମି ବିକିବାରେ ଏସ୍‌ସି ବର୍ଗ ଆଗରେ



## ୧୪ରୁ ଖୋଲିବ ହରିୟାଣା ସ୍କୁଲ

**ଚଣ୍ଡିଗଡ଼, ୧୦।୧୨:** ହରିୟାଣାରେ ଆସନ୍ତା ୧୪ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପିଲାଙ୍କୁ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ ଦାଖଲ କରିବାକୁ ପଡ଼ିବ। ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୩ ଘଣ୍ଟା ସ୍କୁଲ ଚାଲିବ ବୋଲି ସ୍କୁଲ୍ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସର୍କୁଲାର ଜାରି କରାଯାଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧଳସାମନ୍ତ ଭ୍ରାତାଙ୍କ ବାସଭବନରେ ଚଢ଼ାଉ

**୭ ବନ୍ଧୁକ, ୫୦୦ଗୁଳି ଜବତ**



**କଟକ ଅଫିସ, ୧୦।୧୨**

କଟକ ସିଡିଏସ୍ଥିତ ଧଳସାମନ୍ତ ଭ୍ରାତାଙ୍କ ବାସଭବନରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରିଛି। କଟକ ଡିସିପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ୭ଟି ବନ୍ଧୁକ, ୫୦୦ଗୁଳି ଓ ୮ଟି ମୋବାଇଲ ଫୋନ ଜବତ କରିଛି। ଖବର ଲେଖା ହେବାପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। କଟକ ଚୌଦ୍ୱାର ଅଞ୍ଚଳରେ ବନ୍ଧୁକ କାରବାର ହେଉଥିବା ନେଇ ପୋଲିସ ସୂଚନା ପାଇ ଜଣକୁ କାବୁ କରିଥିଲା। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ପୋଲିସ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି। ଏହାପୂର୍ବରୁ ଗତ ମାସ ୧୦ତାରିଖରେ ବାଲିଘାଟ ମାଲିକ ଓ ଠିକାଦାରଙ୍କୁ ଲକ୍ଷାଧିକ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଧଳସାମନ୍ତଙ୍କ ୩ସହଯୋଗୀଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ, ରଞ୍ଜିତ ସିଂ ଏବଂ ସୁଚିତ୍ର ରଞ୍ଜନ ମହାପାତ୍ର। ଦୁଇ ଭାଇ ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଜେଲ ଯିବା ପରଠାରୁ ରଞ୍ଜିତା ଓ ସୁଚିତ୍ର ସେମାନଙ୍କ ଆପରାଧିକ କାରବାର ସମ୍ଭାଳୁଥିଲେ। ଗତ ଅଗଷ୍ଟରେ ମଧ୍ୟ ଧଳସାମନ୍ତଙ୍କ ଅନ୍ୟତମ ସହଯୋଗୀ ଶଶିକାନ୍ତ ଖଣ୍ଡାଇଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୨ଟି ଦେଶୀ ବନ୍ଧୁକ, ୬୯ ରାଉଣ୍ଡ ଗୁଳି, ୩ଟି ପତ୍ରିକା, ୨ଟି ମୋବାଇଲ, ଗୋଟିଏ କାର୍ ଏବଂ ମୋଟର ସାଇକେଲ ଜବତ କରାଯାଇଥିଲା। ଶଶିକାନ୍ତ ଯୁବକମାନଙ୍କୁ ଆପରାଧିକ ଗୋଷ୍ଠୀରେ ସାମିଲ କରିବା ସହ ଦାଦାବଟି କାର୍ଯ୍ୟରେ ନିୟୋଜିତ କରୁଥିବା ନେଇ ଅଭିଯୋଗ ହେଉଥିଲା।

**ପ୍ରଥମ ପୃଷ୍ଠାରୁ...**

## ମୁଖ୍ୟମନ୍ତ୍ରୀ ନାହିଁ...

ପରୀକ୍ଷା କଲେ ଫେଲ୍ ହାର ବଢ଼ିବା ଆଶଙ୍କା ରହିଛି। ତେଣୁ କ୍ଲାସରେ ୭୦ରୁ ୮୦ ଦିନ ପାଠପଢା ପରେ ପରୀକ୍ଷା କରାଯିବ। ଯଦି କଲେଜ ଖୋଲିବାରେ ବିଳମ୍ବ ହେବ, ତା'ହେଲେ ସିଲାବସ୍ ହ୍ରାସ କରିବା କଥା ଚିନ୍ତା କରାଯାଇପାରେ ବୋଲି ମିଶ୍ର କହିଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟ ପରୀକ୍ଷା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଗତ ଜୁଲାଇ-ଅଗଷ୍ଟରେ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କର ଅଫ୍‌ଲାଇନ କ୍ଲାସ ସରିଯାଇଥିଲା। ତେଣୁ ସେମାନଙ୍କୁ ପରୀକ୍ଷା ନିମନ୍ତେ ଅନୁମତି ଦିଆଯାଇଛି। ଏହାବ୍ୟତୀତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ମଧ୍ୟ ପରୀକ୍ଷା ପାଇଁ ଅନୁମତି ଦିଆଯାଇଛି। ମୁକ୍ତ ବିଶ୍ୱଦ୍ୟାଳୟରେ ଫିଜିକାଲ କ୍ଲାସ କରାଯାଇ ନ ଥାଏ। ସପ୍ତାହକୁ ଥରେ ପିଲାମାନେ ସନ୍ଦେହ ଦୂର କରିବାକୁ ଆସିଥାନ୍ତି। ତେଣୁ ସେମାନଙ୍କୁ ମଧ୍ୟ ପରୀକ୍ଷା ପାଇଁ ଅନୁମତି ଦିଆଯାଇଛି। ମାତ୍ର ଯେଉଁ ଛାତ୍ରୀଛାତ୍ର ୟୁଜି ଓ ପିଜିରେ ଆଡ୍‌ମିଶନ କରିଛନ୍ତି, ସେମାନଙ୍କ ଅନ୍‌ଲାଇନ କ୍ଲାସ ଚାଲିବ। ସବୁ ପିଲା ଅନ୍‌ଲାଇନ୍‌ରେ କ୍ଲାସ କରୁ ନ ଥିବାରୁ ଏବେ ପରୀକ୍ଷା କଲେ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। କ୍ଲାସ୍‌ରୁମ୍ ଶିକ୍ଷାଦାନ ପରେ ହିଁ ସେମାନଙ୍କର ପରୀକ୍ଷା କରାଯିବ ବୋଲି ଉଚ୍ଚଶିକ୍ଷା ସଚିବ କହିଛନ୍ତି। ସ୍କୁଲ୍ ଓ କଲେଜ ଖୋଲିବା ପୂର୍ବରୁ କ୍ୟାମ୍ପସ୍ ଓ କ୍ଲାସ୍‌ରୁମ୍ ପରିସରକୁ ସ୍ୱଚ୍ଛ ଓ ସଫାସୁତୁରା ରଖିବାକୁ ପ୍ରତି ସ୍କୁଲ୍‌ର ପ୍ରଧାନଶିକ୍ଷକ ଓ କଲେଜ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜବାବ ଦାଖଲ କଲା...

ରାଜ୍ୟରେ ନାହିଁ ଓ ଏହା ଉପରେ ରାଜ୍ୟ ସରକାରଙ୍କ କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ସତ୍ୟପାଠ ମାଧ୍ୟମରେ କହିଥିଲେ। ଏହାର ଜବାବରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇ ୧୯୯୬ ସେପ୍ଟେମ୍ବର ୨୩ ସରକାର ଓ ଘରୋଇ ସ୍କୁଲ ସଂଘକୁ ନେଇ ହୋଇଥିବା ରିଜୋଲ୍ୟୁଶନ ଅନୁସାରେ ଘରୋଇ ସ୍କୁଲ ଉପରେ ସରକାରଙ୍କ ନିୟନ୍ତ୍ରଣ ରହିଛି। ଏପରି କି ଯେଉଁ ଘରୋଇ ସ୍କୁଲଗୁଡ଼ିକ ଫି' ବଢ଼ାଇବା କିମ୍ବା କମାଇବା ନିଷ୍ପତ୍ତି ନେବାପାଇଁ ସରକାରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଅଭିଭାବକ ମହାସଂଘ ପକ୍ଷରୁ ସତ୍ୟପାଠରେ କୁହାଯାଇଥିଲା। ହେଲେ ଏବେ ଆଇସିଏସ୍‌ଇ ଓ ଡିଏଭି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। 'ଶିକ୍ଷା ପାଇଁ ଅଧିକାର'(ଆର୍‌ଟିଇ) ବ୍ୟବସ୍ଥା ୨୦୦୯ରେ ଲାଗୁ ହେବା ପରଠାରୁ ଘରୋଇ ସ୍କୁଲର ଫି' ମାମଲାରେ ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ। ଆର୍‌ଟିଇ ଆକ୍ଟର ଦଫା ୧୩ରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେଣୁ ୧୯୯୬ରେ ହୋଇଥିବା ରିଜୋଲ୍ୟୁଶନର ଏବେ କୌଣସି ଯଥାର୍ଥତା ନାହିଁ। ତେବେ ରାଜ୍ୟ ସରକାର ଉଭୟ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସ୍‌ଇ) ଏବଂ ଆଇସିଏସ୍‌ଇ ଅନୁମୋଦିତ ସ୍କୁଲଗୁଡ଼ିକର ପରିଚାଳନା ପାଇଁ ସ୍ୱୀକୃତି ପ୍ରମାଣ ପତ୍ର(ସିଓଆର୍)ଦେବା ପାଇଁ ବୈଧାନିକ କର୍ତ୍ତୃପକ୍ଷ ଅଟନ୍ତି ବୋଲି ଆଇସିଏସ୍‌ଇ ଓ ଡିଏଭି ପକ୍ଷରୁ କୁହାଯାଇଛି। ଆଇସିଏସ୍‌ଇ ସଂଘର ରାଜ୍ୟ ସମ୍ପାଦକ ଫାଦର ଏସ୍.ଜୋସେଫ୍ ଏବଂ ଡିଏଭି ସ୍କୁଲ ଜୋନ୍-୧ ଓ ୨ ର ଆଞ୍ଚଳିକ ଅଧିକାରୀ କେଶବ ଚନ୍ଦ୍ର ଶତପଥୀ ସତ୍ୟପାଠ ଦାଖଲ କରିଛନ୍ତି।

ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠରେ ହେଉଥିବା ଏହି ଶୁଣାଣିରେ ଅଭିଭାବକ ମହାସଂଘ ପକ୍ଷରୁ ମାମଲା ଲଢୁଥିବା ବିଭୂତି ଭୂଷଣ ଚୌଧୁରୀ କହିଥିଲେ ଯେ, ଘରୋଇ ସ୍କୁଲ ପକ୍ଷରୁ ୨୦୦୯ର ଆରଟିଇ ନିୟମ କଥା କୁହାଯାଉଛି। ହେଲେ ଉକ୍ତ ନିୟମ ମାନି ସେମାନେ ଆବଶ୍ୟକ ସଂଖ୍ୟକ ପିଲାଙ୍କୁ ମାଗଣାରେ ପଢ଼ିବାର ବ୍ୟବସ୍ଥା କରିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫ ତାରିଖରେ ହେବ।

## ଆଇଆଇସି ଅଧିକାରୀ...

୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟା ମାମଲାର ତଦନ୍ତକୁ ନେଇ ଉଭୟ ସନ୍ଦେହ ଘେରକୁ ଆସିଥିଲେ। ସଦର ଥାନାର ଆଇଆଇସି ସାହୁ ତାଙ୍କୁ ତଦନ୍ତ ବାହାନାରେ ନାନା ଦୁର୍ବ୍ୟବହାର କରିଥିବା ନେଇ ମୃତ ପରୀର ମା' ସୌଦାମିନୀ ସାହୁ ଅଭିଯୋଗ କରିଥିଲେ। ଏଥିସହ ମନ୍ତ୍ରୀ ଅରୁଣ ସାହୁଙ୍କ ନିର୍ଦ୍ଦେଶରେ ସେ ହତ୍ୟା ଘଟଣାରେ ଉଚିତ ତଦନ୍ତ ନ କରି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଥିବା ନେଇ ମଧ୍ୟ ସେ କହିଥିଲେ। ଝିଅର ମୃତ୍ୟୁ ପରେ ଥାନା ଅଧିକାରୀ ଉଭୟ ମା'ବାପାଙ୍କୁ ସକାଳ ୧୦ଟାରେ ଥାନାକୁ ଉଠାଇ ନେଇ ମଧ୍ୟରାତ୍ରିରେ ଛାଡି ଦେଇଥିଲା। ସେବେଠାରୁ ଥାନା ଅଧିକାରୀ ତଦନ୍ତ ଆଳରେ ଆମକୁ ଅନେକଥର ଉଠାଇ ନେଇଥିଲେ ଏବଂ ତଦନ୍ତକୁ ବାଟବଣା କରିବା ପାଇଁ ମିଥ୍ୟା ସ୍ୱୀକାର କରିବା ଲାଗି ବାଧ୍ୟ କରିଥିଲେ ବୋଲି ସେ ଅଭିଯୋଗ ଆଣିଥିଲେ।

## ଜମି ହରାଉଛନ୍ତି...

ଏକର ଜମିକୁ ୩୮୩ ଜଣ ସାଧାରଣ ବର୍ଗ, ନୂଆପଡ଼ା ଜିଲାର ୯୪୬ ଏସ୍‌ଟିଙ୍କ ୪୮୩.୪ ଏକର ଓ ୫୨୦ ଏସ୍‌ସି ବର୍ଗ ପରିବାରଙ୍କ ୩୦୦.୯୧୮ ଏକର ଜମିକୁ ୧୪୬୬ ଜଣ ସାଧାରଣ ବର୍ଗ, ମୟୂରଭଞ୍ଜ ଜିଲାର ୪୨୧ ଏସସି ବର୍ଗ ପରିବାରଙ୍କ ୧୮୩.୭୪ ଏକର ଜମିକୁ ୪୨୧ ଜଣ ସାଧାରଣ ବର୍ଗ, ଭଦ୍ରକ ଜିଲାର ଜଣେ ଏସ୍‌ଟିଙ୍କ ୦.୦୮ ଏକର ଓ ୮୨୫ ଏସ୍‌ସି ବର୍ଗ ପରିବାରଙ୍କ ୩୪୫.୨୬ ଏକର ଜମିକୁ ୮୨୬ଜଣ ସାଧାରଣ ବର୍ଗ, ଅନୁଗୋଳ ୪୪୭ ଏସ୍‌ସି ଓ ଏସ୍‌ଟି ବର୍ଗ ପରିବାରଙ୍କ ୨୯୮.୪୫୨ ଏକର ଜମିକୁ ୪୪୭ ଜଣ ସାଧାରଣ ବର୍ଗଙ୍କୁ ଓଏଲଆର ପ୍ରମାଣପତ୍ର ମିଳିଛି। ତେବେ ରାଜ୍ୟର ଅନ୍ୟ ଜିଲାର ଏସଟି ଏବଂ ଏସ୍‌ସିଙ୍କ ଜମି ବିକ୍ରି ଅନୁମତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ମନ୍ତ୍ରୀ ମାରାଣ୍ଡି ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଶିଳ୍ପାୟନ ନାମରେ ଯାଜପୁର ଜିଲାରେ ଚାଲିଛି ଶିଳ୍ପସଂସ୍ଥା ରାଜ। ଏଥିରେ ରାଜ୍ୟ ସରକାରଙ୍କ ଇଡ୍‌କୋ ସଂସ୍ଥା ମଧ୍ୟସ୍ଥ ସାଜିଥିବା ଅଭିଯୋଗ ହେଉଛି। କାରଖାନା ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଭୂ-ଅର୍ଜନ ନିମନ୍ତେ ଇଡ୍‌କୋ ଜରିଆରେ ଦରଖାସ୍ତ କରୁଛନ୍ତି। ଏପରି କି ଏସ୍‌ସି-ଏସ୍‌ଟି ଜମି ହାତେଇବା ପାଇଁ ଅନୁମତି ଲୋଡ଼ିବା ନାଁରେ ଭୂ-ଅର୍ଜନ ଆଇନରେ ବିଜ୍ଞପ୍ତି ଜାରି କରାଯାଇ ସମ୍ପୃକ୍ତ ଜମିର ବିକ୍ରିବଟା, ବନ୍ଧକରୁ ରୟତଙ୍କୁ ବର୍ଷ ବର୍ଷ ଧରି ବଞ୍ଚିତ କରାଯାଉଛି। ସେଥିପାଇଁ ଘରେ କିଏ ବେମାର ପଡ଼ିଲେ ଭୂସମ୍ପତ୍ତି ଥାଇ ସୁଦ୍ଧା ରୟତ ଟଙ୍କା ଯୋଗାଡ଼ରେ ବାରଦୁଆର ହେଉଛନ୍ତି। ପିଲାଙ୍କ ପାଠପଢା, ବିବାହ କାର୍ଯ୍ୟ ଅଟକି ଯାଉଛି। ଯାଜପୁର ଜିଲାରେ ୧୯୯୦ଦଶକରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏସ୍‌ସି ଏବଂ ଏସ୍‌ଟି ବର୍ଗର ଶତାଧିକ ଲୋକ ବାଧହୋଇ ମଧ୍ୟସ୍ଥଙ୍କ ଜରିଆରେ ତାଙ୍କ ପୈତୃକ ସମ୍ପତ୍ତିକୁ ଶାଗମାଛ ଦରରେ ଟେକି ଦେଇଛନ୍ତି। ଏପରି କି ଜିଲାରେ ଶିଳ୍ପ ପାଇଁ ଜମି ଯୋଗାଡ଼ରେ ପ୍ରଶାସନିକସ୍ତରରେ ଅନିୟମିତତା ସହ ଜମି ଦଲାଲଙ୍କ ଦ୍ୱାରା ନିରୀହ ଆଦିବାସୀ ଲୋକେ ଶୋଷିତ ହୋଇଥିବା ପୂର୍ବରୁ ବହୁବାର ଅଭିଯୋଗ ହୋଇଛି।

## ଅସ୍ତ୍ରାଦ ଦେବୁଙ୍କ...

କୋଭିଡ୍ କଟକଣା ଯୋଗୁ ତାଙ୍କ ଶେଷକୃତ୍ୟରେ କେବଳ ପରିବାର ସଦସ୍ୟ ଓ ନିକଟ ସମ୍ପର୍କୀୟ ଯୋଗଦେଇଥିଲେ। ତାଙ୍କ ପରଲୋକରେ ଭାରତ ଏକ ସାଂସ୍କୃତିକ ସମ୍ପଦ ହରାଇଲା ବୋଲି କଳାକାରମାନେ କହିଛନ୍ତି।

# ଅତିରିକ୍ତ ଏସ୍‌ପି ପାହ୍ୟାର ୧୨ ଅଫିସରଙ୍କ ବଦଳି

- କମିଶନରେଟ୍ ପୋଲିସରୁ ବଦଳିଲେ ୨
- ଶୁଭେନ୍ଦୁ କୁମାର ସିହ୍ନା ନୟାଗଡ଼ ଏସ୍‌ଡିପିଓ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ବରିଷ୍ଠ ଓପିଏସ୍ ପାହ୍ୟାରେ ଗୁରୁବାର ଅଦଳବଦଳ ହୋଇଛି। ରାଜ୍ୟ ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ କମିଶନରେଟ୍ ପୋଲିସର ୨ ଅଧିକାରୀଙ୍କ ସମେତ ଅତିରିକ୍ତ ଏସ୍‌ପି ପାହ୍ୟାର ୧୨ ଅଫିସରଙ୍କ ବଦଳି କରାଯାଇଥିବା ନେଇ ପୋଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତି ଅନୁସାରେ, କମିଶନରେଟ ପୋଲିସରେ କାର୍ଯ୍ୟରତ ଏସିପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ଭଦ୍ରକର ଅତିରିକ୍ତ ଏସ୍‌ପି ଓ ଏସିପି ସୁଯୋଗ୍ୟ କୁମାର ମିଶ୍ରଙ୍କୁ ମୟୂରଭଞ୍ଜର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଓପିଏସ୍ ରଞ୍ଜନ କୁମାର ଦାସଙ୍କୁ ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଥିବାବେଳେ ଉତ୍କଳ କେଶରୀ ଦାସଙ୍କୁ ସୋନପୁରର ଅତିରିକ୍ତ ଏସ୍‌ପି, ବିରଞ୍ଚି ପ୍ରସାଦ ଦେହୁରୀଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି, ଅନନ୍ତ ଚନ୍ଦ୍ର ପତିଙ୍କୁ ଗୋଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି, ତ୍ରିଲୋଚନ ସ୍ୱାଇଁଙ୍କୁ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ଓ ବିଜୟ କୁମାର ନନ୍ଦଙ୍କୁ କଳାହାଣ୍ଡିର ଅତିରିକ୍ତ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଡିଏସ୍‌ପି ରବୀନ୍ଦ୍ର କୁମାର ସେଠୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ତାଙ୍କୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁରେ ଡିଏସ୍‌ପି ଭାବେ ବଦଳି କରାଯାଇଛି। ନୟାଗଡର ଏସ୍‌ଡିପିଓ ନିରଞ୍ଜନ ପାଢୀଙ୍କୁ କନ୍ଧମାଳ ଡିଏସ୍‌ପି(ହେଡକ୍ୱାର୍ଟର), କେନ୍ଦ୍ରାପଡାର ଇନ୍‌ଚାର୍ଜ ଡିଏସ୍‌ପି ଶୁଭେନ୍ଦୁ କୁମାର ସିହ୍ନାଙ୍କୁ ନୟାଗଡ଼ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଏଥିସହ ବିଜୁ ପଟ୍ଟନାୟକ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଥିବା ଡିଏସ୍‌ପି ଉଦୟଭାନୁ ମିଶ୍ରଙ୍କ ବଦଳିକୁ ବାତିଲ କରାଯାଇଛି।

## ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ପଟିଆ ଷ୍ଟେଶନ ନିକଟ ରେଳ ଧାରଣାରୁ ଗୁରୁବାର ଅପରାହ୍ନରେ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ଯୁବତୀଙ୍କ ମୁଣ୍ଡ ଉପରେ ଟ୍ରେନ୍ ଚଢିଯିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇଛି। ମଞ୍ଚେଶ୍ୱର ଜିଆର୍‌ପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବାନୁସାରେ, ଟ୍ରେନ୍ ଆସୁଥିବା ଦେଖି ଯୁବତୀ ଜଣକ ରେଳ ଧାରଣାରେ ଶୋଇପଡିଥିଲେ। ଫଳରେ ଟ୍ରେନ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ତେବେ ଉକ୍ତ ଯୁବତୀଙ୍କୁ ପୂର୍ବରୁ କେହି ଦେଖି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।


# classifieds

**Everyday**
**0674-2580101, 2549302**

**real estate**

**SALE**

**Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999.** D-69945

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

**1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165.** D-19138

3BHK duplex at Gudiapokhari, Bhubaneswar with low price, (Surrounding by apartment, Duplex projects) finance available by leading Banks. 8217477600. D-70042

**ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395.** D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726.** D-70035

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

Ready to move furnished 2BHK, 3BHK flats sale at Patia and Damana square, Bhubaneswar. 7008346486. D-70050

Newly constructed 3BHK large 1325sqft. flat Forest view with 1car park in Tata Ariana for sale. Contact: 9437062777. D-19191

**Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932.** D-69357

2BHK simplex 30,00,000/- finishing Hanspal, Lowcost plot Atala- 8093465134, 9668194157. D-69657

3BHK flat 1756sqft. with car park in Tower 5 Vipul Garden for sale. Contact: 9437062777. D-19192

**ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511.** D-69356

**PURCHASE**

Required 50 to 300 acres of agriculture land (1.5-2lakhs per Ac.) only Ganjam District. 7990065093. D-70052

**construction**

**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70044

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-19148

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

**Newly open Saikrupa Panchakarma and Spa. Contact: 8984068077.** D-19124

Refreshing your mind & body with best therapy at Lotus Spa. 8018234866 D-69589

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

Newly open full body massage Ladies and Gents. 9337349409. D-69591

Sanjibani Ayurvedic full body massage with expert lady therapist. 7064223315. D-69658

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଅବସ୍ଥାନ କରି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଅଭିଳଷିତ କାର୍ଯ୍ୟ ସମାପନ କରିବେ। ତଥାପି ଅଷ୍ଟମସ୍ଥ ଶୁକ୍ରଙ୍କ ଯୋଗୁ ଟଙ୍କା ପଇସାକୁ କେନ୍ଦ୍ର କରି ଘରେ କଳହ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି।

**ବୃଷ** ରାଶି ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଓ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ। ଅଭାବ ପୂରଣ ଦିଗରେ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ।

**ମିଥୁନ** ଆଜି କର୍ମଭାବସ୍ଥ ମଙ୍ଗଳ ପ୍ରଭାବରେ କାମ ହାସଲ ସକାଶେ ଆନୁଷଙ୍ଗିକ ସାହାଯ୍ୟ ପାଇବେ। ବହୁତ ଦିନର ପୁରାତନ ରୋଗର ପୀଡା କ୍ରମଶଃ ହ୍ରାସ ପାଇପାରେ। ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇବାର ଆଶା ଉଜ୍ଜ୍ୱଳତର ହେବ।

**କର୍କଟ** ଚନ୍ଦ୍ର କେନ୍ଦ୍ରସ୍ଥ ହୋଇ ଶନି ଦୃଷ୍ଟିରେ ଥିବାରୁ କୌଣସି କାମ କରିସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିର ରହିବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କଲେ ବି ଆପଣଙ୍କୁ କିଛି ଫରକ ପଡିବନାହିଁ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ** ଚତୁର୍ଥସ୍ଥ ଚତୁଃଗ୍ରହ ଯୋଗୁ ପରିବାର ଓ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟିର ଆଶଙ୍କା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଝମେଲାରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ଚିନ୍ତିତ ହେବେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କନ୍ୟା** ତୃତୀୟ ଅଷ୍ଟମାଧିପ ରାଶିକୁ ଦେଖୁଥିବାରୁ କୌଣସି ବ୍ୟକ୍ତି ଫୁସୁଲା ଫୁସୁଲି କରି ନିଜର ଫାଇଦା ହାସଲ କରିପାରନ୍ତି। ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ। ମାତ୍ର ତାହା ଅନ୍ୟ ବାଟରେ ବ୍ୟୟ ହେବାର ସମ୍ଭାବନା ରହିଛି।

**ତୁଳା** କର୍ମାଧିପ କୋଣାଧିପଙ୍କ ଦୃଷ୍ଟିରେ ରହିଥିବାରୁ ଗତକାଲିର ଅସମ୍ପୂର୍ଣ୍ଣ କାମ ସାଙ୍ଗକୁ ଆଜିର ଅଫିସ୍ କାମର ଜଞ୍ଜାଳ ବଳିଯିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଅସୁବିଧା ଦୂର କରିବା ପାଇଁ ନିଜକୁ କଷ୍ଟ ଭୋଗିବାକୁ ପଡ଼ିବ। ପ୍ରକାଶନ, ପ୍ରଶାସନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଆଜି ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ନୂତନ କର୍ମାରମ୍ଭ, ଲୋକସମ୍ପର୍କ,ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଏକାଧିକଗ୍ରହ ରାଶିରେ ବିଭ୍ରାନ୍ତି ସୃଷ୍ଟି କରାଇ ବ୍ୟବହାରରେ କଠୋରତା ପ୍ରକାଶ କରାଇପାରନ୍ତି। ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ କୃତକାର୍ଯ୍ୟ ହେବେ।

**ଧନୁ** ଶନିଙ୍କ ପ୍ରଭାବରୁ ଅଳସୁଆମୀ ଯୋଗୁ କାମରେ ତତ୍ପରତା ନ ଦେଖାଇଲେ ନିଜ ଲୋକଙ୍କଠାରୁ ଆସ୍ଥା ହରାଇବେ। ଖର୍ଚ୍ଚ ବଢ଼ିବା ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଚତୁର୍ଥାଧିପ ତୃତୀୟସ୍ଥ ହେତୁ ନୂଆ ଯୋଜନା ପାଇଁ ପରିବାରରୁ ସହଯୋଗ ମିଳିବନି। ଖର୍ଚ୍ଚ ପରିମାଣ ବୃଦ୍ଧିପାଇବାରୁ ଚିନ୍ତା ବଢିଯିବ। ଅପରାହ୍ନରେ ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମ ହୋଇଯିବ। ଅଫିସ କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ** ଶୁକ୍ରଙ୍କ ଦୁର୍ବଳତା କାରଣରୁ ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାର୍ଯ୍ୟ ସଂପନ୍ନ କରିବେ।

**ମୀନ** ନୀଚ ରାଶିସ୍ଥ ବୃହସ୍ପତିଙ୍କ କୁପ୍ରଭାବରୁ କିଛି ଭଲ ଓ କିଛି ମନ୍ଦରେ ଦିନଟି କଟିବ। ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମଦେବ ନାହିଁ। ସତର୍କତା ଅବଲମ୍ବନ ନ କଲେ ପୁରାତନ ରୋଗର ପୀଡା ଦେବ। ଅନ୍ୟ କଥାକୁ ସତ ମଣି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ।

ଆଜି ମାର୍ଗଶିର କୃଷ୍ଣପକ୍ଷର ସର୍ବସମ୍ମତ ଉତ୍ପନ୍ନା ଏକାଦଶୀ ଶୁକ୍ରବାର, ଡିସେମ୍ବର ୧୧ ତାରିଖ, ଶୁକ୍ରବାର, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ରାଶି ନକ୍ଷତ୍ର-ସକାଳ ଘ.୦୮.୪୭ମି. ଗତେ ସ୍ୱାତୀ/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସ୍ୱାତୀ ନକ୍ଷତ୍ରରେ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ନବବଧୂଯାତ୍ରା, ନାମକରଣ ଓ ବାଣିଜ୍ୟକରଣ ପାଇଁ ଶୁଭପ୍ରଦ। ସକାଳ ଘ.୦୬.୧୫ମି. ଗତେ ଘ.୦୬.୫୮ମି. ମଧ୍ୟେ, ଘ.୦୭.୪୨ମି. ଗତେ ଘ.୦୯.୫୧ମି. ମଧ୍ୟେ, ଘ.୧୨.୦୧ମି. ଗତେ ଘ.୦୨.୫୫ମି. ମଧ୍ୟେ, ଘ.୦୩.୩୮ମି. ଗତେ ଘ.୦୫.୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୧୮ମି. ଗତେ ଘ. ୧୧.୪୦ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୯୬,୨୮,୯୦୧ | ୧୫,୮୩,୨୫୨ | ୪,୮୨,୭୬,୫୯୯ |
| ଭାରତ | ୯୭,୯୫,୫୭୨ | ୧,୪୨,୨୧୨ | ୯୨,୮୮,୮୦୩ |
| ଓଡ଼ିଶା | ୩,୨୨,୬୪୨ | ୧୭୯୪(+୫୩) | ୩,୧୭,୮୭୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବରମୁଣ୍ଡା ବସ୍ ଟର୍ମିନାଲ ଦେଖିଲେ ମୁଖ୍ୟମନ୍ତ୍ରୀ

- ଖର୍ଚ୍ଚ ହେବ ୧୮୦ କୋଟି
- ୧୮ ମାସରେ କାମ ଶେଷ ହେବ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ବରମୁଣ୍ଡା ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲର ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପର ଦୁଇଟି ଭାଗ ରହିଛି। ଗୋଟିଏ ଖଣ୍ଡଗିରିସ୍ଥିତ ବସ୍ ଡିପୋ ଏବଂ ଅନ୍ୟଟି ବରମୁଣ୍ଡା ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ। ଖଣ୍ଡଗିରି ବସ୍ ଡିପୋ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତାହା ବୁଲି ଦେଖିଥିଲେ। ଉନ୍ନତ ନିର୍ମାଣ ସହିତ ବସ୍ ରହିବାର ସୁବ୍ୟବସ୍ଥା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।

ଭୁବନେଶ୍ୱର ବରମୁଣ୍ଡା ରାଜ୍ୟର ସବୁଠାରୁ ବ୍ୟସ୍ତବହୁଳ ବସ୍‌ଷ୍ଟାଣ୍ଡ। ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରିଥାଏ। ହଜାର ହଜାର ଯାତ୍ରୀ ବସ୍‌ଯୋଗେ ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଇଥାଆନ୍ତି। ଏହାକୁ ଏକ ଅତ୍ୟାଧୁନିକ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ ଆରମ୍ଭ ହୋଇଛି। ବରମୁଣ୍ଡା ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲକୁ ପୂର୍ବ ଭାରତର ପ୍ରମୁଖ ବସ୍ ଟର୍ମିନାଲ ଭାବରେ ଗଢି ତୋଳିବାକୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଆଧୁନିକ ଡିଜାଇନ ସହିତ ଯାତ୍ରୀମାନଙ୍କ ସୁବିଧା ସୁଯୋଗ, ବସ୍‌ଗୁଡିକ ପ୍ରଶସ୍ତ ପ୍ରବେଶ ଓ ପ୍ରସ୍ଥାନ ତଥା ବାଣିଜ୍ୟିକ ସ୍ଥାନ ଆଦି ଉପରେ ଏଥିରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହି ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲର ରୂପାନ୍ତରୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କାର୍ଯ୍ୟ ପାଇଁ ମୋଟ ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ୧୮ ମାସରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ସଚିବ(୫-ଟି) ଭି.କେ. ପାଣ୍ଡିଆନ, ଭୁବନେଶ୍ୱର ମହାନଗର ନିଗମ କମିଶନର ଓ ପୋଲିସ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ବସ୍ ଟର୍ମିନାଲ୍‌ର ସମୀକ୍ଷା କରୁଛନ୍ତି।

# ଏକାଡେମୀର ସାଧାରଣ ପରିଷଦକୁ ଯିବେ ୮ ସଦସ୍ୟ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ବୈଠକ ଶୁକ୍ରବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହେବ। ସାଧାରଣ ପରିଷଦରେ ଖାଲି ପଡ଼ିଥିବା ୮ଜଣ ସଦସ୍ୟଙ୍କ ମନୋନୟନ ପାଇଁ ଏହି ବୈଠକ ବସିବ। ଏକାଡେମୀ ସଚିବ, ସଭାପତିଙ୍କ ସମେତ ୪୮ଜଣ ପରିଷଦ ସଦସ୍ୟ ଏହି ମନୋନୟନ ପ୍ରକ୍ରିୟାରେ ସାମିଲ ହୋଇ ୮ ପ୍ରାର୍ଥୀଙ୍କୁ ଚୟନ କରିବେ। ପୂର୍ବରୁ ଏହି ପରିଷଦରେ ୪୮ଜଣ ସଦସ୍ୟ ରହିଥିବାବେଳେ ଆଉ ୮ଜଣଙ୍କୁ ସେଥିରେ ସାମିଲ କରାଯିବ। ଏହି ଚୟନ ହେବାପରେ ସାଧାରଣ ପରିଷଦ ସମ୍ପୂର୍ଣ୍ଣ ହେବ। ଓଡ଼ିଆ ସାହିତ୍ୟ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଭୋଟିଂ ମାଧ୍ୟମରେ ସଦସ୍ୟଭାବେ ଚୟନ କରାଯିବ। ଏକ ମାସ ପରେ ପୁଣିଥରେ ବୈଠକ ବସି କାର୍ଯ୍ୟକାରୀ ସଦସ୍ୟ, ଅର୍ଥ ପରାମର୍ଶଦାତାଙ୍କୁ ନିଯୁକ୍ତ କରାଯିବ ବୋଲି ଏକାଡେମୀର ସଚିବ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୭ରେ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ କରାଯାଇଥିବାବେଳେ ଜୁଲାଇ ୨୪ରୁ ଏହା କାର୍ଯ୍ୟକାରୀ ହୋଇଥିଲା।

# ନରବଳି ଉଦ୍ୟମ ପଣ୍ଡ, ଜଣେ ଗିରଫ

ବାଙ୍ଗିରିପୋଷି, ୧୦।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ନରବଳି ପାଇଁ ପିଲା ଚୋରି ଉଦ୍ୟମ ଅଭିଯୋଗରେ ଏକ କନଷ୍ଟ୍ରକଶନ କମ୍ପାନୀର କର୍ମଚାରୀଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଯୋଜନାବଦ୍ଧ ଭାବେ ମିଥ୍ୟା ଅଭିଯୋଗ କରାଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କଳାବାଡ଼ିଆ ଦେଇଯାଇଥିବା ୧୮ ନମ୍ବର ଜାତୀୟ ରାଜପଥରେ ଇ-ଫାଇବ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ, ହରିୟାନା ନାମକ ଏକ କମ୍ପାନୀ ଦ୍ୱାରା ଗଳାପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ ନିର୍ମାଣସ୍ଥଳୀ ନିକଟରେ ସ୍ଥାନୀୟ ଜଗନ୍ନାଥଖୁଣ୍ଟା ଗ୍ରାମ ଆଖଡ଼ା ସାହିର ପିଲାମାନେ ଖେଳୁଥିବା ବେଳେ କମ୍ପାନୀର କେତେକ କର୍ମଚାରୀ ସେମାନଙ୍କୁ ଗୋଡ଼ାଇବା ସହ ମାରିବାକୁ ଉଦ୍ୟମ କରୁଥିଲେ। ଗ୍ରାମବାସୀ ଏହା ଜାଣିପାରି ଜଣେ କମ୍ପାନୀ କର୍ମଚାରୀଙ୍କୁ କାବୁ କରି ନେଇଥିଲେ। ପରେ ପିଲାମାନଙ୍କଠାରୁ ଘଟଣା ବିଷୟରେ ବୁଝି ସେମାନଙ୍କୁ ନରବଳି ଦେବା ଉଦ୍ଦେଶ୍ୟରେ ଅପହରଣ ଉଦ୍ୟମ କରାଯାଉଥିବା ନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସ ଏକ ମାମଲା(ନଂ.୨୦୩/୨୦)ରୁଜୁ କରିଥିଲେ। ଖବରପାଇ ଡିଏସ୍‌ପି ଯଦୁନାଥ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା କମ୍ପାନୀ କର୍ମଚାରୀ ଜୟ ଭଗବାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲେ। ତେବେ କମ୍ପାନୀ କର୍ମଚାରୀଙ୍କ ନାମରେ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




# ଆଜିଠୁ ୫ ଦିନିଆ ରିମାଣ୍ଡରେ ଆକାଶ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)



- ଟାଟା କମ୍ପାନୀରେ ନିଯୁକ୍ତି ଜାଲିଆତିର ତଦନ୍ତ ହେବ
- ଡେଭିଡ୍‌ଙ୍କ ତଥ୍ୟକୁ ନେଇ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ

ଆଇଏଫ୍‌ଏସ୍ ଅଧିକାରୀ ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ଶୁକ୍ରବାରଠାରୁ ପୁଣି ରିମାଣ୍ଡରେ ଆସିବେ। ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କ୍ରାଇବ୍ରାଞ୍ଚ ପକ୍ଷରୁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଥିବାବେଳେ ଗୁରୁବାର କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀ ନିଯୁକ୍ତି ଜାଲିଆତି ଅଭିଯୋଗରେ ଜେଲ ଯାଇଥିବା ଅଭିଯୁକ୍ତ ପାଠକ ବାପପୁଅ ଗତ ୩ ତାରିଖରେ ୩ ଦିନିଆ ରିମାଣ୍ଡରେ ଆସିଥିଲେ। ଏଥିସହ କ୍ରାଇମବ୍ରାଞ୍ଚ ଆକାଶଙ୍କ ବ୍ୟକ୍ତିଗତ ସହାୟକ ଡେଭିଡ୍ ପିଟରଙ୍କୁ ପୁଣେରୁ ଉଠାଇ ଆଣି ଭୁବନେଶ୍ୱରରେ ଜେରା କରି ଛାଡ଼ିଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ କ୍ରାଇମବ୍ରାଞ୍ଚ ଏବେ ଆକାଶଙ୍କ ଠକେଇ ଗୁମର ଖୋଲିବାକୁ ଯୋଜନା ରଖିଛି।

ଆକାଶ ନିଜକୁ ଟାଟା ମୋଟର୍ସ ପାସେଞ୍ଜର କାର୍ ଡିଭିଜନର ପରିଚାଳନା ନିର୍ଦ୍ଦେଶକ ପରିଚୟ ଦେଇ ଚାକିରି ଦେବା ଆଳରେ ବହୁ ଯୁବତୀଯୁବକଙ୍କୁ ଠକେଇ କରିଥିଲେ। ନିଜ ପରିଚୟର ଜାଲ୍ କାଗଜପତ୍ର ସହ ଜାଲ୍ ନିଯୁକ୍ତିପତ୍ର ଓ ଟାଟା କମ୍ପାନୀର ଏମ୍‌ଡି ଆଇକାର୍ଡ ହାତେଇବା ଘଟଣାର ଖୋଳତାଡ଼ ହେବ। ଅନ୍ୟପକ୍ଷରେ ଆକାଶଙ୍କ ଭାବି ଶ୍ୱଶୁର ତଥା ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ନେଇ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଥାଉକି, ପାଠକ ବାପପୁଅ ଆସନ୍ତା ୯ ପର୍ଯ୍ୟନ୍ତ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଅଛନ୍ତି। ସ୍ପେଶାଲ (ଭିଜିଲାନ୍ସ) କୋର୍ଟ ଭୁବନେଶ୍ୱର ସେମାନଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ଠକେଇ ଅଭିଯୋଗରେ ନଭେମ୍ବର ୨୭ରେ ଭିଜିଲାନ୍ସ ସେମାନଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ଏସ୍‌ଆଇଟି ଟିମ୍, କ୍ରାଇମବ୍ରାଞ୍ଚ, ଇଡି ଓ କମିଶନରେଟ ପୋଲିସ ପକ୍ଷରୁ ମିଳିତ ଭାବେ ତଦନ୍ତ ଜାରି ରହିଛି।

# ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କୁ ମିଳିବ ସୁରକ୍ଷା

କଟକ ଅଫିସ,୧୦।୧୨

ନୟାଗଡ଼ ପରୀ ହତ୍ୟା ମାମଲାରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସୁରକ୍ଷା ଦିଆଯିବ। ଏନେଇ ସେ ନୟାଗଡ଼ ଏସ୍‌ପିଙ୍କ ନିକଟରେ ୧୫ଦିନ ମଧ୍ୟରେ ଆବେଦନ କରିବେ। ବାସ୍ତବରେ ସୌମ୍ୟ ଓ ତାଙ୍କ ପରିବାର ପ୍ରତି ବିପଦ ଥିବାର ଯଦି ଏସ୍‌ପି ଅନୁଭବ କରିବେ ତେବେ ୭ଦିନ ମଧ୍ୟରେ ସୁରକ୍ଷା ଯୋଗାଇଦେବେ ବୋଲି ବିଚାରପତି ସି.ଆର୍ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର କହିଛନ୍ତି। ପରୀ ମୃତ୍ୟୁ ଘଟଣା ପରେ ମନ୍ତ୍ରୀ ଅରୁଣ ସାହୁ ଓ ସୌମ୍ୟଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳପର ଏକ ଅଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ପରେ ସୌମ୍ୟ ନିଜର ଓ ପରିବାରର ସୁରକ୍ଷା ନିମନ୍ତେ ଗତ ୨୭ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କରୋନା: ୩ହଜାର ତଳେ ସକ୍ରିୟ ଆକ୍ରାନ୍ତ

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ):** ରାଜ୍ୟରେ କରୋନା ଗ୍ରାଫ୍ ତଳମୁହାଁ ରହିଛି। ଦିନକୁ ଦିନ ଆକ୍ରାନ୍ତ ସଂଖ୍ୟା କମୁଥିବାବେଳେ ଆରୋଗ୍ୟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩ହଜାର ତଳକୁ ଖସି ଯାଇଛି। ଗୁରୁବାର ରାଜ୍ୟରେ ଆଉ ୪୫୮ ଆକ୍ରାନ୍ତ ସୁସ୍ଥ ହେବାପରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୩,୧୭,୮୭୦ରେ ପହଞ୍ଚିଛି। ସେହିଭଳି ସକ୍ରିୟ ରୋଗୀଙ୍କ ସଂଖ୍ୟା ୨,୯୨୫କୁ ଖସି ଆସିଛି। ଅପରପକ୍ଷରେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୩୪୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୋଟ ସଂକ୍ରମିତ ସଂଖ୍ୟା ୩,୨୨,୬୪୨କୁ ବୃଦ୍ଧି ପାଇଛି। ସେହିପରି ଆଉ ୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୭୯୪କୁ ବୃଦ୍ଧି ପାଇଛି।

# ସିସୋଡ଼ିଆଙ୍କ ଘର ଉପରେ ଆକ୍ରମଣ

**ନୂଆଦିଲ୍ଲୀ, ୧୦।୧୨(ପି.ଟି.):** ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କ ବାସଭବନ ଉପରେ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁରୁବାର ଅଭିଯୋଗ କରିଛି। ତେବେ ଭାଜପା ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଦିଲ୍ଲୀ ଭାଜପା କହିଛି। ଭାଜପା ଶାସିତ ମ୍ୟୁନିସିପାଲ କର୍ପୋରେଶନର ମେୟର ଓ ନେତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ କରି ଭାଜପା କର୍ମୀମାନେ ସିସୋଡ଼ିଆଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ କେଜରିୱାଲ ସରକାରଙ୍କଠାରୁ ପ୍ରାପ୍ୟ ଦାବିରେ ସେମାନେ ଧାରଣା ଦେଇଥିଲେ। ତେବେ ଭାଜପା ଗୁଣ୍ଡାମାନେ ସିସୋଡ଼ିଆଙ୍କ ଘରେ ପଶିଥିଲେ ହେଁ ପୋଲିସ ସେମାନଙ୍କୁ ଅଟକାଇ ନ ଥିଲା ବୋଲି ଏଏପି ନେତା ସୌରଭ ଭରଦ୍ୱାଜ ଅଭିଯୋଗ କରିଛନ୍ତି। ଆକ୍ରମଣ ସମୟରେ ସିସୋଡ଼ିଆ ଘରେ ନ ଥିଲେ।




**CHIEF ELECTORAL OFFICER ODISHA**
**HOME (ELECTIONS) DEPARTMENT**

Dated:10.12.2020

**PUBLIC NOTICE**

No. D-123: In order to bring more transparency in the tendering system, Home (Elections) Department is going to adopt the e-Tendering process through the Odisha Govt. Portal **(www.tenderorissa.gov.in)** for procurement of Pre-Printed Non-Personalized PVC Cards.Bidders/Suppliers may contact the following Telephone Nos. for further details.

**Phone Nos.: 9437590473, 8895296664, 9437632836**

**By order of the CEO, Odisha**

**GOVERNMENT OF ODISHA**
**HOME (ELECTIONS) DEPARTMENT**
**TENDER CALL NOTICE**

**No.IE(A)-10/2020- 7467/Elec. Dt.10th Dec., 2020**

Sealed tenders are invited from Registered Manufacturers / Authorised Dealers for procurement of preprinted non-personalised PVC Cards for preparation of Electors' Photo Identity Cards (EPICs).The detailed Tender Call Notice can be downloaded only from Odisha Govt. Portal **www.tenderorissa.gov.in**. However, this also can be viewed from Department website **www.ceoorissa.nic.in** and Govt. of Odisha website **www.odisha.gov.in**.

**Office of the Chief Electoral Officer, Odisha,**
**Unit-V, Behind SechaSadan, Bhubaneswar-1**

OIPR-12001/11/0013/2021



ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ଼ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। **-ଶ୍ରୀଅରବିନ୍ଦ**



# ଲୋକଙ୍କୁ ଶୋଷଣ

ଦେଶରେ ତେଲ ଦର ଖୁବ୍ ଜୋର୍‌ରେ ବଢ଼ିଚାଲିଛି। ଏପରିକି ଦୁଇବର୍ଷ ମଧ୍ୟରେ ପେଟ୍ରୋଲ ଓ ଡିଜେଲର ପମ୍ପ ପ୍ରାଇସ୍ ବା ଦର ସବୁଠୁ ବେଶି ରହିଛି। ଏକ ଲମ୍ବା ସମୟ ଧରି ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବାବେଳେ କୋଭିଡ୍ ମହାମାରୀ ଜନିତ ଦୁଃଖ ବି ବଢ଼ିଯାଇଛି। ଏହା ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦରରେ ନିରନ୍ତର ବୃଦ୍ଧି ସାଧାରଣ ଲୋକଟିଙ୍କୁ ଦେଇଛି ସବୁଠୁ ଅଧିକ ଦୁଃଖ । ଗତ ତିନି ସପ୍ତାହ ମଧ୍ୟରେ ପେଟ୍ରୋଲ ଲିଟର ପିଛା ପାଖାପାଖି ୨.୫ ଟଙ୍କା ବୃଦ୍ଧି ପାଇଛି ଓ ଡିଜେଲ ଲିଟର ପିଛା ବୃଦ୍ଧି ପାଇଛି ୩ଟଙ୍କା। ପେଟ୍ରୋଲ ଏବେ ଲିଟର ପିଛା ପାଖାପାଖି ୯୦ଟଙ୍କାରେ ବିକ୍ରି ହେଉଥିବାବେଳେ ଡିଜେଲ ଦର ରହିଛି ୮୦ ଟଙ୍କାରୁ ଉର୍ଦ୍ଧ୍ୱରେ । ମହାମାରୀ ସମୟରେ ଘରୋଇ ଆୟ ସବୁଠୁ କମ୍ ରହିଥିବାବେଳେ ସାଧାରଣ ଲୋକଙ୍କ ଉପରେ ଏହା ବେଢ଼ି ଉପରେ କୋରଡ଼ା ମାଡ ଭଳି ହୋଇଛି। ତେଲ ଦର ୬ ଦିନର କ୍ରମାଗତ ବୃଦ୍ଧି ପାଇବା ପରେ ଗୁରୁବାର ଏହା ବନ୍ଦ ରହିଛି। ତେଲ ଦର ବୃଦ୍ଧି ଯୋଗୁ ଖାଉଟି ମୂଲ୍ୟସୂଚୀ ବୃଦ୍ଧି ହେଉଛି। କାରଣ ଖାଉଟି ମୂଲ୍ୟ ବୃଦ୍ଧିରେ ତେଲ ଦର ବୃଦ୍ଧିର ପ୍ରମୁଖ ଭୂମିକା ରହିଛି ବୋଲି ଚଳିତ ମାସ ପ୍ରାରମ୍ଭରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ସତର୍କ କରିଦେଇଥିଲା। ଏପରିକି ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ କୋଭିଡ-୧୯ ଯୋଗୁ ପ୍ରଭାବିତ ଓ ଏହା ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ସଂଗ୍ରାମ କରୁଥିବା ସମୟରେ ବର୍ତ୍ତମାନର ତେଲ ଦର ବୃଦ୍ଧି ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଅର୍ଥବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିବା ସମୟରେ ତେଲ ଦର କାହିଁକି ବଢୁଛି ତାହା ବୁଝାପଡୁନି। ତେଲ ଦରରେ ପରିବର୍ତ୍ତନ ହେବାର ଦୁଇଟି କାରଣ ରହିଛି। ପ୍ରଥମତଃ ଅନ୍ତର୍ଜାତୀୟ ଅଶୋଧିତ ତେଲ ଦରରେ ପରିବର୍ତ୍ତନ ଏବଂ ଦ୍ୱିତୀୟରେ କେନ୍ଦ୍ର ଓ ରାଜ୍ୟ ସରକାର ଲଗାଇଥିବା ଟିକସ ଯୋଗୁ ଏହା ହୋଇଥାଏ। ପ୍ରଥମରେ ବିଶ୍ୱସ୍ତରୀୟ କାରଣଗୁଡ଼ିକୁ ଦେଖିବା। ୨୦୧୮ରେ ପ୍ରତି ବ୍ୟାରେଲର ମୂଲ୍ୟ ରହିଥିଲା ୭୦ ଡଲାର। ଏହା ଏବକାର ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଅଶୋଧିତ ତେଲ(ବ୍ରେଣ୍ଟ)ର ବ୍ୟାରେଲ ପିଛା ମୂଲ୍ୟ ୫୦ ଡଲାରରୁ କମ୍ ରହିଛି। ତଥାପି ସବୁବେଳେ ତେଲ ଦର ଉଚ୍ଚରେ ରହୁଛି। ଆମେ କିଣୁଥିବା ପ୍ରତି ଲିଟର ପେଟ୍ରୋଲ ଉପରେ ୫୦ ଟଙ୍କାରୁ ବେଶୀ ଟିକସ ଆକାରରେ ଦେଉଛୁ। ସେମିତି ଡିଜେଲ ଲିଟର ପିଛା ଦେଉଛୁ ୪୦ ଟଙ୍କାରୁ ଅଧିକ ଟିକସ । କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ସ୍ତରର ଉତ୍ପାଦ ଶୁଳ୍କ ଏବଂ ରାଜ୍ୟ ଦ୍ୱାରା ଲାଗୁ କରାଯାଇଥିବା ଭାଟ ମୋଟରେ ପେଟ୍ରୋଲ ଦରର ୬୫% ଓ ଡିଜେଲ ଦରର ୬୦%। କେନ୍ଦ୍ର ପେଟ୍ରୋଲ ଓ ଡିଜେଲ ଉପରେ ପ୍ରାୟ ୩୦ ଟଙ୍କା ଟିକସ ଲଗାଏ। ଏହା ମଧ୍ୟରେ ରହିଛି ମୂଳ ଉତ୍ପାଦ ଶୁଳ୍କ, ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ରୋଡ କିମ୍ବା ଇନ୍‌ଫ୍ରା ସେସ। ଗତ ବର୍ଷ ତୁଳନାରେ ଏହି ପରିମାଣ ପ୍ରାୟ ଦୁଇଗୁଣ ହୋଇଯାଇଛି। ଏହା ସହ ରାଜ୍ୟ ସରକାରଙ୍କ ଟିକସ ରହିଛି ଯାହା ରାଜ୍ୟରୁ ରାଜ୍ୟ ଅଲଗା ଅଲଗା ହୋଇଥାଏ।

## ଆଜିର ଅର୍ଥନୀତି

ଭାଜପା ନେତା ସୁବ୍ରମଣିୟନ ସ୍ୱାମୀ ଏବକାର ଦେଲ ଦର ବୃଦ୍ଧିକୁ ଭାରତୀୟଙ୍କ ଉପରେ କେନ୍ଦ୍ରର ଏକ ସ୍ମରଣୀୟ ଶୋଷଣ ବୋଲି ସମାଲୋଚନା କରିଛନ୍ତି। ସ୍ୱାମୀ କହିଛନ୍ତି,ପେଟ୍ରୋଲ ଲିଟର ପିଛା ଅତି ବେଶିରେ ୪୦ ଟଙ୍କାରେ ବିକ୍ରି ହେବା ଉଚିତ। ତେଲରୁ ସଂଗ୍ରହ ଟିକସ ରାଜ୍ୟ ଅର୍ଥନୀତିର ଏକ ସିଂହଭାଗ ଏବଂ ଏହି କାରଣ ଯୋଗୁ ରାଜ୍ୟ ସରକାର ଏହାକୁ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ପରିସରଭୁକ୍ତ କରିବାକୁ କେବେ ବି ଚାହାନ୍ତିନି। ତେଲ ଦର ଯେତେ ବଢ଼ିବ, ସରକାରଙ୍କ ରାଜକୋଷ ସେତେ ବଢ଼ିବ। ଏପରିକି ବେପରୁଆ ତେଲ ଦର ବୃଦ୍ଧିରେ ଗରିବମାନେ ନୀରବ ଯନ୍ତ୍ରଣା ଭୋଗୁଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିପ୍ରତି ଖାତିର ନାହିଁ। ଅପରପକ୍ଷେ ପେଟ୍ରୋଲ ଓ ଡିଜେଲ ଉପରେ ଶୁଳ୍କ ଶୀଘ୍ର ବଢିଥିବାବେଳେ ସରକାରଙ୍କର ଟିକସ ସଂଗ୍ରହ କମିଛି। କେନ୍ଦ୍ର ଉତ୍ପାଦ ଶୁଳ୍କ ବାବଦରେ ଯାହା ସଂଗ୍ରହ କରିଛି ତାହାର ଏକ ବଡ ଅଂଶ ପାଇଛି ପେଟ୍ରୋଲ, ଡିଜେଲ ଏବଂ ଅଶୋଧିତ ତେଲରୁ। ଗଲା ବର୍ଷ ତୁଳନାରେ ଏହା ୪୦% ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ତେଲ ଦର ଉଚ୍ଚରେ ରହିଲେ ତେଲର ଚାହିଦା କମିଯିବ ଏହା ପ୍ରତିକୂଳ ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ ପଡିବ। ତାହା ବ୍ୟତୀତ ତେଲ ଖାଉଟି ମୂଲ୍ୟ ମୁଦ୍ରାସ୍ଫୀତି ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ନେଉଥିବାରୁ ଅପ୍ରତ୍ୟାଶିତ ତେଲ ଦର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବ। ଭାରତର ଖାଉଟି ମୁଦ୍ରାସ୍ଫୀତି ସାତ ବର୍ଷରେ ସୁବଠୁ ଉଚ୍ଚ ୭.୬% ରହିଛି। ଖାଦ୍ୟ ମୁଦ୍ରାସ୍ଫୀତି ବି ଅଧିକ ବଢ଼ିଗଲାଣି ଓ ଉଚ୍ଚ ତେଲ ଦର ଯୋଗୁ ଗ୍ରସେରି ବିଲ୍ ମଧ ବଢ଼ିଛି। ଉଚ୍ଚ ମୁଦ୍ରାସ୍ଫୀତି ମଧ୍ୟରେ ଜନ ଅସନ୍ତୋଷ ଦାନା ବାନ୍ଧୁଛି। ମଙ୍ଗଳବାର କୃଷକମାନଙ୍କ ଦ୍ୱାରା କରାଯାଇଥିବା ଭାରତ ବନ୍ଦ ସଫଳତାରେ ଏହାର ପ୍ରତିଫଳନ ହେଲା। ଲୋମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦରେ ସାମିଲ ହୋଇ ଏହାକୁ ସମର୍ଥନ କଲେ। ଏଣୁ ଗରିବଙ୍କ ପ୍ରତି ଏହି ଦୁଃଖଦାୟକ ଶୋଷଣ ବନ୍ଦ କରିବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୧ ଡିସେମ୍ବର ୧୯୯୫

- ଶ୍ରୀଲଙ୍କା ତା'ର ବିମାନବାହିନୀର ଶକ୍ତି ବୃଦ୍ଧି ପାଇଁ ୮ଟି ଇସ୍ରାଏଲ କୋଇର ସି-୨ ଲଢୁଆ ବିମାନ କିଣିବା ନିମନ୍ତେ ଆମେରିକା ସହ ୫୦ ନିୟୁତ ଡଲାର ମୂଲ୍ୟର ବୁଝାମଣା କରିଛି।
- ରାଜସ୍ଥାନ ସରକାର ରାଜ୍ୟରେ ୨୧ଟି ଘରୋଇ ସେକ୍ଟର ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।
- ଓଡ଼ିଶାର ପ୍ରଥମ ପୋଲିସ ମହାନିର୍ଦ୍ଦେଶକ, ବିଶିଷ୍ଟ ଲେଖକ ନରସିଂହ ସ୍ୱାଇଁଙ୍କ ୭୧ ବର୍ଷ ବୟସରେ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | C | | | | | E | 3 | | | | | |
| A | | | | | 4 | 9 | | | | | | | | 6 |
| | | | | B | | | | | 1 | | | 3 | 8 | 0 |
| 9 | | 1 | 8 | | | A | 4 | 7 | | | | D | B | |
| C | | | | | A | | | | | 2 | B | | | 9 |
| | | 9 | 2 | 6 | | 7 | 8 | 5 | D | | | | 3 | |
| 6 | 7 | 3 | | | C | | A | 4 | | | | | | E |
| | | D | A | | 3 | | | C | E | | 6 | | | |
| | | | E | | 9 | | | | | | | | | |
| B | | | 1 | D | | | 6 | | | C | 5 | | | |
| 3 | | | 0 | | 2 | | | | 7 | 1 | D | E | | |
| 1 | | C | | | | 2 | E | | | | 8 | | 6 | 7 |
| | | 8 | | | | 6 | 7 | A | | 4 | | 1 | | |
| | | 4 | | | 8 | C | | D | | | | | 5 | |
| E | | | | | | | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 9 | 4 | 3 | 0 | 2 | 7 | B | 1 | A | 5 | C | E | D |
| 2 | A | 5 | E | 8 | 7 | C | D | 3 | 0 | 4 | 9 | B | 1 | 6 |
| B | 0 | C | 1 | D | 6 | 5 | 8 | 9 | E | 2 | 3 | A | 7 | 4 |
| D | 3 | E | A | B | C | 0 | 1 | 4 | 7 | 6 | 8 | 2 | 9 | 5 |
| 7 | 4 | 1 | 9 | 2 | 5 | 6 | E | A | C | D | B | 0 | 3 | 8 |
| C | 5 | 4 | 0 | A | 8 | B | 3 | 6 | 9 | E | 1 | 7 | D | 2 |
| 3 | 8 | 0 | 5 | 6 | D | 9 | A | E | B | 7 | 2 | 4 | C | 1 |
| 9 | D | B | C | 1 | 3 | 7 | 2 | 5 | 4 | 8 | 6 | E | A | 0 |
| E | 2 | A | 7 | 4 | 9 | 1 | 0 | 8 | D | 5 | C | 3 | 6 | B |
| 1 | 7 | 6 | 2 | E | B | 4 | C | D | A | 3 | 0 | 8 | 5 | 9 |
| 0 | 1 | 2 | 6 | 7 | A | 8 | 5 | C | 3 | B | D | 9 | 4 | E |
| 5 | B | 8 | D | 0 | 4 | A | 9 | 7 | 6 | C | E | 1 | 2 | 3 |
| A | 9 | 7 | B | 5 | E | 3 | 6 | 0 | 2 | 1 | 4 | D | 8 | C |
| 6 | C | D | 3 | 9 | 1 | E | 4 | 2 | 8 | 0 | A | 5 | B | 7 |
| 4 | E | 3 | 8 | C | 2 | D | B | 1 | 5 | 9 | 7 | 6 | 0 | A |

ଗତକାଲିର ଉତ୍ତର

# ବାଟବଣା ଉଚ୍ଚଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତା'ର ସାମ୍ବିଧାନିକ ଦାୟିତ୍ୱ ଭୁଲି ଏବେ ଭିନ୍ନ ଭିନ୍ନ କଥାରେ ନାକ ପୂରେଇବା ଯୋଗୁ ଅନୁଷ୍ଠାନସ୍ତରରେ ଶିକ୍ଷାର ମାନ ହ୍ରାସ ପାଉଛି, ଯାହା ପରୋକ୍ଷରେ ସର୍ବଭାରତୀୟ ସ୍ତରରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତାକୁ ପ୍ରଭାବିତ କରୁଛି।

ଉଚ୍ଚଶିକ୍ଷା ଦପ୍ତର ସମଗ୍ର ବିଭାଗର ଶୀର୍ଷ ନୀତି ନିର୍ଦ୍ଧାରକ ସୋପାନ, ଯାହାର ମୁଖ୍ୟକାମ ସମଗ୍ର ଉଚ୍ଚଶିକ୍ଷା ବିଭାଗର ପ୍ରଶାସନର ନିୟନ୍ତ୍ରଣ ତଥା ସୁପରିଚାଳନା ମାଧ୍ୟମରେ ଅଧୀନସ୍ଥ ଅନୁଷ୍ଠାନମାନଙ୍କୁ ଠିକ୍ ଦିଗ୍‌ଦର୍ଶନ ଦେବା। ଅଧୀନସ୍ଥ ଅନୁଷ୍ଠାନମାନ ଯେତେ ସୁପରିଚାଳିତ ହେବେ ବ୍ୟବସ୍ଥା ସେତେ ଦୃଢ଼ୀଭୂତ ହେବ ଏବଂ ଏହାର ସର୍ବୋଚ୍ଚ ଉପଭୋକ୍ତା ହେବେ ଛାତ୍ରୀଛାତ୍ର ଓ ବୃହତ୍ତର ଶିକ୍ଷା ସମାଜ। ଲକ୍ଷ୍ୟ କରାଯାଉଛି ବିଗତ କେତେବର୍ଷ ହେଲା ବିଭାଗ ପ୍ରଶାସନିକ ଦାୟିତ୍ୱକୁ ପାସୋରି ପ୍ରଥମେ ଆଡ୍‌ମିଶନ ଏବଂ ଏବେ ପ୍ରବେଶିକା ପରୀକ୍ଷା ପରିଚାଳନାରେ ମନୋନିବେଶ କରିଛି। ମଝିରେ ବିଭାଗ ସିଲାବସ ସଜାଡ଼ିବାରେ ବି ଲାଗିପଡ଼ିଥିଲା। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ସିଲାବସ ପ୍ରଣୟନ ଏକ ଦକ୍ଷତାଭିତ୍ତିକ ପେସାଦାରି କାର୍ଯ୍ୟ, ଯାହାର ସଫଳ ରୂପାୟନ ତାଲିମପ୍ରାପ୍ତ ତଥା ବିଷୟକ ଜ୍ଞାନରେ ପାରଦର୍ଶୀ ବ୍ୟକ୍ତିଙ୍କ ସମର୍ପିତ ମନୋଭାବ ଉପରେ ନିର୍ଭର କରେ। କୌତୁକର କଥା ବିଗତ ବର୍ଷଗୁଡ଼ିକରେ ଉଚ୍ଚଶିକ୍ଷା ବିଭାଗ ପ୍ରଶାସନିକ ଦାୟିତ୍ୱ ନାମରେ ବିଭିନ୍ନ ଶୈକ୍ଷିକ ବିଷୟ; ଯେପରି ସିଲାବସ ନିର୍ମାଣ, ପ୍ରଣୟନ, ପରୀକ୍ଷା ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଅନୁପ୍ରବେଶ କରି ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ବିଗାଡ଼ିବାରେ ଅଧିକ ସହାୟକ ହୋଇଛି। ଯୁଗେ ଯୁଗେ ସିଲାବସ ତିଆରି ଓ ପ୍ରଚଳନ, ପାଠ୍ୟପୁସ୍ତକ ପ୍ରଣୟନ, ପରୀକ୍ଷା ପରିଚାଳନା ବିଶ୍ୱବିଦ୍ୟାଳୟସ୍ତରୀୟ ବା ସ୍କୁଲସ୍ତରରେ ମାଧ୍ୟମିକ ବୋର୍ଡ ବା ଉଚ୍ଚ ମାଧ୍ୟମିକ ପରିଷଦର ଦାୟିତ୍ୱ ଥିଲା। ସରକାର ଚାହିଁଲେ ମାର୍ଗଦର୍ଶିକା ଜାରି କରିପାରନ୍ତି ବା ଏ ବାବଦରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିପାରନ୍ତି। ତା' ନ କରି ପ୍ରତ୍ୟକ୍ଷ ଭାବରେ ଏଥିରେ ଜଡ଼ିତ ହୋଇ କିଛି ବୋଲକରା ଶିକ୍ଷକଙ୍କ ସୌଜନ୍ୟରେ ସିଲାବସ ନାମରେ ସରକାର ଯାହାତାହା ପ୍ରଚଳନ କଲେ। ସ୍ଥାନୀୟ ଆବଶ୍ୟକତାକୁ ଦେଖାଗଲା ନାହିଁ, ଅନୁଷ୍ଠାନସ୍ତରରେ ଶିକ୍ଷକଙ୍କ ସ୍ଥିତି ପରଖାଗଲା ନାହିଁ, ପ୍ରଭାବିତ ପକ୍ଷମାନଙ୍କର ମତାମତ ସଂଗ୍ରହ କରାଗଲା ନାହିଁ ଏବଂ ପ୍ରସ୍ତାବିତ ସିଲାବସକୁ ଆପାତତଃ ସମସ୍ତଙ୍କ ଅନୁଧ୍ୟାନ ପାଇଁ ବିଭାଗୀୟ ୱେବ୍‌ସାଇଟ୍‌ରେ ଅନ୍ତତଃ ୬ମାସରୁ ବର୍ଷେ ଛଡ଼ାଗଲା ନାହିଁ। କେବଳ ଗୋଟିଏ ଜାତୀୟ ବିଶ୍ୱବିଦ୍ୟାଳୟର ସିଲାବସକୁ ରାଜ୍ୟର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ମୋଟାମୋଟି ଉତାରି ପକାଇଲେ ଏବଂ ଅନ୍ୟ ବିଶ୍ୱବିଦ୍ୟାଳୟ ତଥା ସ୍ୱୟଂଶାସିତ ମହାବିଦ୍ୟାଳୟଙ୍କୁ କୁହାଗଲା ରାଜ୍ୟର ସେହି ବିଶ୍ୱବିଦ୍ୟାଳୟର ସିଲାବସକୁ ଅନ୍ଧଭାବରେ ଉତାରି ପକାଇବାକୁ। ତଥାକଥିତ କିଛି ଚାଟୁକାର ଶିକ୍ଷାବିତ୍ ସରକାରଙ୍କ ସହ ହାତ ମିଳେଇଲେ ଏବଂ ଏଥିରୁ ଜନ୍ମନେଲା ସି ବି ସି ଏସ ସିଲାବସ, ଯାହା ରୂପାୟନ ସ୍ତରରେ ପ୍ରହସନରେ ପରିଣତ ହେଲା।

ଠିକ୍ ଅନୁରୂପଭାବରେ ସରକାର କେତେବର୍ଷ ହେଲା ଆଡ୍‌ମିଶନ ପ୍ରକ୍ରିୟାରେ ଲିପ୍ତ ରହୁଛନ୍ତି। ମାର୍ଚ୍ଚରୁ ଅକ୍ଟୋବର ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗର ସମସ୍ତ ସମୟ ଓ ଶକ୍ତି ସେଥିରେ ଯାଉଛି। ଏ ବର୍ଷ ପୁଣି ସ୍ନାତକୋତ୍ତର ସ୍ତରରେ ଏକକ ପ୍ରବେଶିକା ପରୀକ୍ଷା କରିବାରୁ ସରକାର ପାଗ ଭିଡ଼ିଲେ। ଏହା କିଛି ଖରାପ କାମ ନୁହେଁ, କିନ୍ତୁ ଉଚ୍ଚଶିକ୍ଷା ବିଭାଗ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିଭାଗ ଭଳି ଏନ.ଟି.ଏ. (NTA) ଢାଞ୍ଚାରେ ଯଦି ଏସ.ଟି.ଏ. (ଷ୍ଟେଟ ଟେଷ୍ଟିଂ ଏଜେନ୍‌ସି) ଭଳି ଏକ ଦକ୍ଷତାସମ୍ପନ୍ନ ପେସାଦାର ସଂସ୍ଥାଟି ଗଢ଼ି ଉଭୟ ଆଡ୍‌ମିଶନ ତଥା ପରୀକ୍ଷାର ଦାୟିତ୍ୱ ଦିଅନ୍ତେ ସେଥିରୁ ଗୁଣବତ୍ତା ପ୍ରକାଶ ପାଆନ୍ତା। ପ୍ରକ୍ରିୟାଟି ଆହୁରି ସୁସଂହତ ହୁଅନ୍ତା। ଏହି ସଂସ୍ଥା ଖାଲି ଉଚ୍ଚଶିକ୍ଷା ବିଭାଗ ନୁହେଁ ଓଡିଶାରେ ଶିଳ୍ପ ବିଭାଗ ଭଳି ଅନ୍ୟାନ୍ୟ ବିଭାଗ ଆନୁକୂଲ୍ୟରେ ହେଉଥିବା ପ୍ରବେଶିକା ପରୀକ୍ଷାର ଦାୟିତ୍ୱ ନିଅନ୍ତା, ଯାହାଦ୍ୱାରା ଧୀରେ ଧୀରେ ଓଡ଼ିଶାରେ ଏକ ଉଚ୍ଚମାନର ପରୀକ୍ଷା ପରିଚାଳନା ସଂସ୍ଥା ଗଢ଼ି ଉଠନ୍ତା; ଯାହା ହୁଏତ ଭବିଷ୍ୟତରେ ଅନ୍ୟ ରାଜ୍ୟର ବା ସଂସ୍ଥାର ପ୍ରଶ୍ନପତ୍ର ତିଆରିର ଦାୟିତ୍ୱ ନେଇପାରନ୍ତା। ଏହା ଏକ ଆବଶ୍ୟକତା, ତା' ଛଡ଼ା ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୃତ ପଦକ୍ଷେପକୁ ଆପଣେଇବାରେ କିଛି କ୍ଷତି ନାହିଁ। ବିଭାଗର ଉଚ୍ଚବର୍ଗର ଅମଲାମାନେ ଯେହେତୁ ବଦଳିଯୋଗ୍ୟ; ସେମାନଙ୍କ ବିଭାଗୀୟ ଉପସ୍ଥିତି ଯେହେତୁ କ୍ଷଣସ୍ଥାୟୀ, ବର୍ତ୍ତମାନ ପରିସ୍ଥିତିରେ ଆଡ୍‌ମିଶନ ଓ ପରୀକ୍ଷା ପରିଚାଳନାକୁ ଆହୁରି ଗୁଣାତ୍ମକ, ସ୍ୱଚ୍ଛ, ସମୟାନୁବର୍ତ୍ତୀ କରିହେଉନାହିଁ। ଏହା ପାଇଁ ଏକ ଚିରସ୍ଥାୟୀ, ଉତ୍ତରଦାୟୀ ଏବଂ ଦକ୍ଷ ଅନୁଷ୍ଠାନଟି ଲୋଡ଼ା; ଯାହା ଏସବୁ କାର୍ଯ୍ୟ ଅତି ବିଜ୍ଞାନସମ୍ମତ ଭାବରେ କରିପାରିବ।

ସରକାର ଆଭ୍ୟନ୍ତରୀଣ ପ୍ରଶାସନଠୁ ନଜର ହଟେଇ ଏହି ସବୁ ଅଣ-ପ୍ରଶାସନିକ କାମରେ ନାକ ପୂରେଇବାରୁ ଅନୁଷ୍ଠାନଗୁଡ଼ିକ ବିପର୍ଯ୍ୟସ୍ତ ହେଲେଣି। କେତୋଟି ଉଦାହରଣ ଦେଖାଯାଇପାରେ। ୯୦ ଦଶକ ପର୍ଯ୍ୟନ୍ତ ସରକାର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟକୁ ସଶକ୍ତ ଏବଂ ସୁଦୃଢ଼ କରି ରଖିଥିଲେ। ପ୍ରାୟ କୌଣସି ପଦବୀ ଖାଲି ରହୁ ନ ଥିଲା। କଲେଜର ହାନିଲାଭରେ ସରକାର ଜଡ଼ିତ ରହୁଥିଲେ, ଅନୁଷ୍ଠାନ ଉପକୃତ ହେଉଥିଲା। ଛାତ୍ରୀଛାତ୍ର ପରୀକ୍ଷାରେ ଭଲ କରୁଥିଲେ। ପରବର୍ତ୍ତୀ ସମୟରୁ ଆଜି ପର୍ଯ୍ୟନ୍ତ ସରକାର ମହାବିଦ୍ୟାଳୟର ଅନେକ କ୍ଷେତ୍ରରୁ ହାତ ଧୋଇଦେଇ ଅନୁଷ୍ଠାନଗୁଡ଼ିକୁ ବିକଳାଙ୍ଗ କରିଦେଉଛନ୍ତି। ପ୍ରଥମତଃ ନିୟମିତ ଅଧ୍ୟକ୍ଷ ନିଯୁକ୍ତି ଦେଉନାହାନ୍ତି କି ଶିକ୍ଷକ ପଦବୀପୂରଣ କରୁନାହାନ୍ତି; ଦ୍ୱିତୀୟତଃ କିରାଣି, ଲାବରେଟୋରୀ ଆସିଷ୍ଟାଣ୍ଟ, ଖେଳ ଶିକ୍ଷକ, ଲାଇବ୍ରାରିଆନ ପଦବୀ ପୂରଣ କରୁ ନାହାନ୍ତି; ମାଳି, ପିଅନ, ଚୌକିଦାର, ସଫେଇ କର୍ମଚାରୀ ପଦବୀ କଲେଜକୁ ଛାଡ଼ି ଦେଇଛନ୍ତି। ଥରେ ସରକାର ଭାବନ୍ତି ନାହିଁ କି ତନଖି କରନ୍ତି ନାହିଁ ଯେ, ସରକାର ନିୟନ୍ତ୍ରିତ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ସମ୍ବଳ କେତେ ଯେ ଏହି ପଦବୀ ସାମୟିକ କର୍ମଚାରୀଙ୍କୁ ନେଇ ପୂରଣ କରିହେବ? ବୁଝିଲେ ଅସୁବିଧା, ନ ବୁଝିଲେ ଭଲ, ପଛେ ଅନୁଷ୍ଠାନଗୁଡ଼ିକ ବିକଳାଙ୍ଗ ହୋଇଯାଇ। ନିୟମିତ ଅଧ୍ୟକ୍ଷ ପଦବୀ ପୂରଣ ନ କରିବା ଯୋଗୁ ଉଭୟ ଶୈକ୍ଷିକ, ପ୍ରଶାସନିକ ଓ ଆର୍ଥିକ ଦୁରବସ୍ଥା ଅନୁଷ୍ଠାନ ଭୋଗୁଛି। ନିୟମ ରହିଛି ଭାରପ୍ରାପ୍ତ ଅଧ୍ୟକ୍ଷ ଶିକ୍ଷାଦାନ କରିବେ ତା' ସହିତ ପ୍ରଶାସନ ସମ୍ଭାଳିବେ। କଲେଜଗୁଡ଼ିକରେ ଛାତ୍ର ସଂଖ୍ୟା ଯେତିକି, ସମସ୍ୟା ସେତିକି। ଏଣୁ ଅଧ୍ୟକ୍ଷମାନଙ୍କର କ୍ଲାସ ନେବାକୁ ସମୟ ନ ଥାଏ। ର-ଠ କରି ଚଳେଇ ନିଅନ୍ତି ଅବା ବିଭାଗର ଅନ୍ୟ ଅଧ୍ୟାପକମାନେ ତାଙ୍କ କ୍ଲାସ ନିଅନ୍ତି। ଏ କ୍ଷେତ୍ରରେ ଛାତ୍ରୀଛାତ୍ର ହିଁ ଶିକାର ହୁଅନ୍ତି ଜଣେ ଉଚ୍ଚମାନର ଶିକ୍ଷକଙ୍କଠୁ ଶିକ୍ଷା ଲାଭ କରିବାରେ ବଞ୍ଚିତ ହେବାରୁ। ଦୁଇଟି କାମ ମୁଣ୍ଡ ଉପରେ ଆନୁଷ୍ଠାନିକ ଭାବରେ ଥିବାରୁ ନା ଶିକ୍ଷାଦାନ ଠିକ୍ ଚାଲେ, ନା ପ୍ରଶାସନ ଠିକ୍ ଚାଲେ। ଖାଲି ସେତିକି ନୁହେଁ, ଭାରପ୍ରାପ୍ତ ଅଧ୍ୟକ୍ଷ ହୋଇଥିବାରୁ ସେମାନେ ଅଧ୍ୟକ୍ଷଙ୍କ ଚିହ୍ନିତ ବାସଭବନ ଗ୍ରହଣ କରନ୍ତି ନାହିଁ; ଯାହା ଫଳରେ କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ଭୁଶୁଡ଼ିବାକୁ ବସିଲାଣି। ଏହାକୁ ବୁଝୁଛି କିଏ? ଠିକ୍ ସେହିପରି ଭାବେ ସରକାର ଓଡିଶାର ଅନେକ ପ୍ରମୁଖ କଲେଜରେ ଲାଙ୍ଗୁଏଜ୍ ଲ୍ୟାବ୍ (ଭାଷା ପରୀକ୍ଷାଗାର) ପ୍ରାୟ ୨୦କୋଟି ଟଙ୍କା ବ୍ୟୟରେ ଖୋଲିଲେ। ନା ତା'ପାଇଁ ଦେଲେ ଶିକ୍ଷକ ନା ପ୍ରୋଗ୍ରାମର । ଅଧିକାଂଶ କଲେଜରେ ସେଗୁଡ଼ିକ ମିନି ସଭାକକ୍ଷ ହିସାବରେ ବ୍ୟବହାର ହେଉଛି ନ ହେଲେ ଏଗୁଡ଼ିକ ଖତ ଖାଉଛି। ଏହାପାଇଁ ଦାୟୀ କିଏ?

ମୂଳକଥା ହେଉଛି ସରକାର ଅଣପ୍ରଶାସନିକ କ୍ଷେତ୍ର ଯେପରି ଆଡ୍‌ମିଶନ, ପ୍ରବେଶିକା, ପରୀକ୍ଷା ପରିଚାଳନା, ସିଲାବସ୍ ପ୍ରଣୟନ ଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ । ନୂତନ ସ୍ୱୟଂଶାସିତ ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଉ ଅବା ସ୍ଥଳବିଶେଷରେ ଉପଲବ୍ଧ ଅନୁଷ୍ଠାନକୁ ଏଦିଗରେ ସକ୍ରିୟ ଓ ସୁ-ସଂଗଠିତ କରାଯାଉ। ସରକାର ଆଭ୍ୟନ୍ତରୀଣ ପ୍ରଶାସନ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ସଶକ୍ତୀକରଣ ଓ ସୁଦୃଢ଼ୀକରଣରେ ଧ୍ୟାନ ଦିଅନ୍ତୁ । ଅନୁଷ୍ଠାନମାନଙ୍କୁ ପଙ୍ଗୁ କରି ଦୁର୍ଦ୍ଦଶା ଭିତରେ ଶଢ଼ିବାକୁ ଛାଡ଼ିଦିଅନ୍ତୁ ନାହିଁ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର,
ମୋ:୯୪୩୭୩୭୬୨୧୯

# ଆଇନର ଦୁରୁପଯୋଗ



ଡ. ବାସନ୍ତୀ ମହାନ୍ତି

ଆଇନ ମଣିଷ ପ୍ରଣୟନ କରେ। ଯେଉଁ ଆଇନକାନୁନ୍ ମଣିଷର ଅହିତ ସାଧନ କରେ ତାହା ବର୍ଜନୀୟ ବୋଲି ପୁରାଣ, ଶାସ୍ତ୍ର, ସଂହିତା ଓ ପୌରାଣିକ ଆଖ୍ୟାନ ଉପାଖ୍ୟାନ ଶିକ୍ଷା ଦିଏ। ଆଇନକାନୁନ୍ ଯେଉଁଠି କଠୋର ସେଠାରେ ସୀତାଙ୍କ ପରି ସତୀ ସ୍ୱାଧୀମାନେ ଅଶେଷ ପୀଡା ଭୋଗନ୍ତି। ରାମଙ୍କ ପରି ଚରିତ୍ରମାନେ ନୀତିନିୟମର ସୁରକ୍ଷା ପାଇଁ ଜୀବନ ସାରା ଅଶ୍ରୁମୋଚନ କରୁଥାନ୍ତି। ଶ୍ରୀକୃଷ୍ଣ ନେତୃତ୍ୱ ନେଇଥିଲେ ଆଇନକୁ ଜୀବନାନୁସାରୀ କରିବା ପାଇଁ କିନ୍ତୁ ସେ ଜୀବନ ଆଇନାନୁସାରୀ ନୁହେଁ ବୋଲି ଜନତାଙ୍କୁ ହୃଦ୍‌ବୋଧ କରାଇଥିଲେ। ପିତାମହ ଭୀଷ୍ମ ନୀତି ନିୟମର ଶୃଙ୍ଖଳରେ ବନ୍ଧା ଥିଲେ। ସେଇ ନୀତିନିୟମର ଦୁରୁପଯୋଗ କରି ଶକୁନୀ ଓ ଦୁର୍ଯ୍ୟୋଧନ ତାଙ୍କୁ ଅନେକ କ୍ଷେତ୍ରରେ ବିବଶ କରିଦେଇଥିଲେ। ଏପରି କି ଦ୍ରୌପଦୀଙ୍କୁ କୁରୁସଭାରେ ବିବସ୍ତ୍ର କଲାବେଳେ ସୁଦ୍ଧା ସେ ହାତପାଦ ବାନ୍ଧି ବସିଥିଲେ। ଶ୍ରୀକୃଷ୍ଣ କିନ୍ତୁ ମାନବର ହିତ ସାଧନ ପାଇଁ ଆବଶ୍ୟକ ପଡିଲେ ନୀତିନିୟମକୁ ଉଲ୍ଲଂଘନ କରୁଥିଲେ, କେତେବେଳେ ଆଂଶିକ ପରିବର୍ତ୍ତନ କରି ଦେଉଥିଲେ। ତାଙ୍କ ଅନୁସାରେ ଯାହା ମଣିଷ ପାଇଁ କଲ୍ୟାଣକାରୀ ତାହା ନୀତି ଓ ଧର୍ମ, ଯାହା ଅକଲ୍ୟାଣକାରୀ ତାହା ଅନୀତି ଓ ଅଧର୍ମ। ଏବେ ବି ସମାଜର ଭୀଷ୍ମ ଓ ଶ୍ରୀକୃଷ୍ଣଙ୍କ ପରି ବ୍ୟକ୍ତିତ୍ୱମାନେ ଅଛନ୍ତି; ଯେଉଁମାନେ ନୀତିନିୟମ ଆଦର୍ଶ ଶୃଙ୍ଖଳାକୁ ସମ୍ମାନ ଦିଅନ୍ତି, ଯେତେ ବିପଦ ଆପଦ ଆସୁପଛେ ସେମାନେ ନୀତିନିୟମ ଶୃଙ୍ଖଳାରୁ ଇଞ୍ଚେ ବି ଘୁଞ୍ଚନ୍ତି ନାହିଁ । ଆଉ କେତେକ ଅଛନ୍ତି ମାନବର ହିତ ପାଇଁ ସବୁ ନୀତିନିୟମକୁ ଭାଙ୍ଗିଚୁଟି ଦିଅନ୍ତି। ଏ ଦୁଇ ଗୋଷ୍ଠୀଙ୍କ ମୌଳିକ ଲକ୍ଷ୍ୟ ଥାଏ ଲୋକ କଲ୍ୟାଣ କିନ୍ତୁ ମୋହ ଓ ଆସକ୍ତି ବଶତଃ ପ୍ରଥମଶ୍ରେଣୀର ଲୋକେ ବେଳେବେଳେ ସମାଜର ହିତ କରିବାକୁ ଯାଇ ଅହିତ କରିଦିଅନ୍ତି ଯାହା। କିନ୍ତୁ ଏସବୁ ବ୍ୟତୀତ ଆଉ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମଣିଷର ଦୋଷ ତ୍ରୁଟି ଖୋଜି ବୁଲୁଥାନ୍ତି। ଦୋଷ ନ ମିଳିଲେ ଆଇନର ଦୁରୁପଯୋଗ କରନ୍ତି। ସତ୍ୟଟା ପଦାକୁ ଆସିବା ବେଳକୁ ଅସତ୍ୟର ପ୍ରଭାବରେ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସାମାଜିକ ସମ୍ମାନ ପ୍ରତିଷ୍ଠା ନଷ୍ଟ ହୋଇ ସାରିଥାଏ।

ସମାଜରୁ ଯୌତୁକ ବ୍ୟାଧି ନିରାକରଣ କରିବାପାଇଁ ଆଇନ କଡାକଡି ହେଲା। ବିବାହର ସାତବର୍ଷ ଭିତରେ ଯେ କୌଣସି କାରଣରୁ ବୋହୂର ଆକସ୍ମିକ ମୃତ୍ୟୁ ହେଲେ ତାହା ଯୌତୁକଜନିତ ବୋଲି ଗ୍ରହଣ କରାଯିବ। ଦୁର୍ଭାଗ୍ୟର କଥା ଏହି ଆଇନ ଦୋଷୀକୁ ଦଣ୍ଡ ଦେବା ପାଇଁ ଯେତିକି ସହାୟକ ହେଲାନାହିଁ, ନିର୍ଦ୍ଦୋଷମାନଙ୍କୁ ହଇରାଣ ହରକତ କରିବାରେ ସେତିକି ଲାଗିଲା। କେତେକ ନ୍ୟସ୍ତସ୍ୱାର୍ଥ ଉଚ୍ଛୃଙ୍ଖଳିତ ମହିଳା ଏଇ ଆଇନକୁ ନାରୀମାନଙ୍କର ସୁରକ୍ଷା କବଚ ନୁହେଁ ଢାଲପରି ବ୍ୟବହାର କରି ପରିବାରରେ ଯଥେଚ୍ଛାଚାର କଲେ, କେହି ଏହାର ପ୍ରତିବାଦ କଲେ ସେମାନଙ୍କୁ ହାତକଡି ପକେଇ ଥାନାକୁ ନିଆଗଲା। ତଦନ୍ତ ପରେ ଜଣାପଡିଲା ଦାଏର ହୋଇଥିବା ୮୫% କେସ୍‌ର କୌଣସି ପ୍ରମାଣ ନାହିଁ। ମାତ୍ର ୧୫% କେସ୍‌ର ସତ୍ୟତା ଥିଲା। ଏହି ଆଇନଟିର ସଦୁପଯୋଗ ବଦଳରେ ଦୁରୁପଯୋଗ ହେଲା ବେଶି। ଫଳରେ ଏ ଆଇନରେ ପରିବର୍ତ୍ତନ ଆଣିବାକୁ ପଡିଲା। କେବଳ ଅଭିଯୋଗ ଆଧାରରେ ନୁହେଁ ଯଥେଷ୍ଟ ପ୍ରମାଣ ନ ଥିଲେ ଅଭିଯୁକ୍ତଙ୍କୁ ଆଉ ଥାନାକୁ ଟଣା ହେଉନାହିଁ। ଯୌନ ନିର୍ଯାତନା ଅଭିଯୋଗ କ୍ଷେତ୍ରରେ ମଧ୍ୟ ପୂର୍ବରୁ ପୀଡିତାର ବୟାନ ଶେଷ କଥା ବୋଲି ଗ୍ରହଣ କରାଯାଉଥିଲା। କୌଣସି ସାକ୍ଷୀର ଆବଶ୍ୟକ ପଡୁ ନ ଥିଲା। ଏହାର ମଧ୍ୟ ଦୁରୁପଯୋଗ ହେଲା। ଶହଶହ କେସ୍ ଆସିଲା ଥାନାକୁ। ଯେଉଁଠି କେତେକ ନାରୀ ପୁରୁଷଙ୍କୁ ବେଶ୍ ହଲାପଟା କଲେ। ଅଫିସମାନଙ୍କରେ ପୂର୍ବ ଶତ୍ରୁତାକୁ ଆଧାର କରି ଯୌନ ନିର୍ଯାତନା ଅଭିଯୋଗ ମାନ ଆସିଲା। ତଦନ୍ତ ପରେ ସେମାନଙ୍କ ମଧ୍ୟରୁ କିଛି ସତ୍ୟ ବାହାରିଲା ତ ଆଉ କିଛି ମିଥ୍ୟା ପ୍ରତିପାଦନ ହେଲା। ନିର୍ଦ୍ଦୋଷ ସାବ୍ୟସ୍ତ ହେବା ବେଳକୁ ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମାନ ସମ୍ମାନ ମାଟିରେ ମିଶି ସାରିଥିଲା। ଆଇନର ଏ ପ୍ରକାର ଦୁରୁପଯୋଗ ଯେ ସବୁ କ୍ଷେତ୍ରରେ ହେଉଥିଲା ତାହା ନୁହେଁ। ଅନେକ ଦୋଷୀ ମଧ୍ୟ ଦଣ୍ଡ ପାଉଥିଲେ।

ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମର୍ଯ୍ୟାଦା ଦେବାପାଇଁ ଆଟ୍ରୋସିଟି ଆଇନ ପ୍ରଣୟନ କରାଗଲା। ଦେଖାଗଲା ଏହି ଆଇନ ବଳରେ ଜାତିଭେଦ ଏତେ ତୀବ୍ର ହେଲା ଯେ କେବଳ ମୁହଁରେ ଉଚ୍ଚାରଣ କରିଦେଲେ ଆଟ୍ରୋସିଟି କେସ୍‌ରେ ପଡିଗଲେ ଉଚ୍ଚବର୍ଗର ଲୋକେ। ଆଇନର ବହୁମାତ୍ରାରେ ଦୁରୁପଯୋଗ ହେବାରୁ ସୁପ୍ରିମ୍ କୋର୍ଟ ଏଥିରେ ଲଗାମ ଦେଇଛନ୍ତି, ଏବେ ନିକଟରେ ଏକ ରାୟରେ କୁହାଯାଇଛି, ଯେଉଁଠାରେ ପ୍ରତ୍ୟକ୍ଷ ଭାବରେ ଜାତିକୁ ଅପମାନିତ କରି କିଛି କୁହାଯାଇଛି କେବଳ ସେଇଠି ହିଁ ଲାଗିବ ଆଟ୍ରୋସିଟି ଆଇନ, ଅନ୍ୟତ୍ର ନୁହେଁ। ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ଅନ୍ୟ ବିଚାରଣା ସାଧାରଣ ଲୋକଙ୍କ ପାଇଁ ଯେଉଁ ପ୍ରକାର ହୁଏ ସେମିତି ହିଁ ହେବ।

କେତେକ କ୍ଷେତ୍ରରେ ଆଇନକାନୁନ ଜାଲରେ ଏମିତି ଛନ୍ଦିଦିଆହୁଏ ଯେ, ବର୍ଷ ବର୍ଷ ଧରି ଜଣେ ନିର୍ଦ୍ଦୋଷ ବିଚାର ବିଭାଗୀୟ ହାଜତରୁ ମୁକୁଳି ପାରେ ନାହିଁ। ଶେଷରେ ଲୋକଟି ନିର୍ଦ୍ଦୋଷ ସାବ୍ୟସ୍ତ ହେଲାବେଳକୁ ତା'ର ପରିବାର ବିପର୍ଯ୍ୟସ୍ତ ହୋଇସାରିଥାଏ। ନିର୍ଭୟାର ଚାରି ଅପରାଧୀଙ୍କୁ ମାନ୍ୟବର ସୁପ୍ରିମ୍‌କୋର୍ଟ ଫାଶୀ ଅର୍ଡର କାଏମ୍ ରଖିଥିଲେ ବି ଦୀର୍ଘ ଆଠବର୍ଷ କାଳ ଓକିଲ ଯେଉଁପରି ଆଇନକୁ ନେଇ ଖେଳ ଖେଳିଲେ ତାହା ବୋଧହୁଏ ଏ ଶତାବ୍ଦୀରେ ଆଇନର ସବୁଠାରୁ ବଡ଼ ଦୁରୁପଯୋଗ। ଦିବା ଲୋକରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀକୁ ଆଇନର ପଞ୍ଝା ଭିତରୁ ଦୂରେଇ ରଖିବା ଓ ଆଇନର ଦୁରୁପଯୋଗ କରି ନିର୍ଦ୍ଦୋଷମାନଙ୍କୁ ଅପରାଧୀ ସାବ୍ୟସ୍ତ କରିବା ଆମ ପିଙ୍ଗଳ କୋଡର ଦୁର୍ବଳତା ନୁହେଁ ବରଂ ଆମ ଲୋକ ଚରିତ୍ରର ଚଞ୍ଚକତା। ଆଇନ ସର୍ବଦା ମଣିଷର ହିତ ପାଇଁ, ସାମାଜିକ ଶୃଙ୍ଖଳା ପାଇଁ ପ୍ରଣୟନ କରାଯାଇଥାଏ। କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତା'ର ଗଳାବାଟ ଖୋଜି ଗଳି ବାହାରକୁ ଚାଲିଯାଆନ୍ତି ତ ଆଉ କେତେକ ଆଇନର କଠୋରତା ପାଖରେ ବଳି ପଡିଯାଆନ୍ତି। ଆମ ଦଣ୍ଡବିଧି ଆଇନର ଗୋଟିଏ ସକାରାତ୍ମକ ଦିଗ ରହିଛି। ହଜାରେ ଦୋଷୀ ପଛେ ଖଲାସ୍ ହୋଇଯାଆନ୍ତୁ ଗୋଟିଏ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ବେନିଫିଟ୍ ଅଫ୍ ଡାଉଟ୍‌ରେ ନରହତ୍ୟା ଆସାମୀ ମଧ୍ୟ ମୃତ୍ୟୁଦଣ୍ଡରୁ ଉଦ୍ଧାର ପାଇଯିବା ଆଇନର ଦୁରୁପଯୋଗ ନୁହେଁ, କିନ୍ତୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଲୋକଟିକୁ ଆଇନକାନୁନ୍‌ର ଅରଗଳି ଭିତରେ ପେଷିଦେବା ଆଇନର କେବଳ ଦୁରୁପଯୋଗ ନୁହେଁ, ଅତ୍ୟନ୍ତ ଅମାନୁଷିକତା।

ଆଇନର ଦୁରୁପଯୋଗ କେବଳ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସୀମିତ ହୋଇ ରହିନାହିଁ। ଗତ କିଛିଦିନ ହେଲା ବିଭିନ୍ନ ରାଜ୍ୟ ଉପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋଙ୍କୁ ଢାଲ କରି ରାଜ୍ୟ ଉପରେ ଯେଉଁ ଯଥେଚ୍ଛାଚାର କରୁଥିଲେ, ମାନ୍ୟବର ସୁପ୍ରିମ୍‌କୋର୍ଟ ଏବେ ସେଥିରେ କଟକଣା ଲଗାଇଛନ୍ତି। ଆଉ ଏବେ ସବୁଠାରୁ ସ୍ୱର୍ଣ୍ଣକାତର ପ୍ରସଙ୍ଗ ହାଜତ୍ ମୃତ୍ୟୁ ମାମଲା। ଗୋଟିଏ ଦିନରେ ଦୁଇ ଦୁଇଟା ହାଜତ ମୃତ୍ୟୁ ଓ ଆଇନର ଦୁରୁପଯୋଗର ଆଉ ଏକ କଳଙ୍କିତ ଦୃଷ୍ଟାନ୍ତ। ପୁଣି ପରିବାରକୁ ଶବ ହସ୍ତାନ୍ତର ନ କରି ତାଙ୍କୁ ପୋଡିଦେବା ସବୁପ୍ରକାର ଅମାନୁଷିକପଣକୁ ଲଙ୍ଘନ କରିଛି।

ଆଇନକୁ ସମ୍ମାନ ଜଣାଇବା ଆମର କର୍ତ୍ତବ୍ୟ। କିନ୍ତୁ ସେହି ଆଇନକୁ ସଦୁପଯୋଗ କରିବା କି ଦୁରୁପଯୋଗ କରିବା ଆମ ବୁଦ୍ଧି ବିଚାର ବିବେଚନା ଓ ମଣିଷ ପଣିଆ ହିଁ ସ୍ଥିର କରେ।

୨୧୩ ସି-ବ୍ଲକ୍, ଏମେରାଲ୍ଡ
ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର,
ମୋ:୯୪୩୭୦୩୩୦୭୪

## ଏଇ ଭାରତରେ

ପ୍ରତିବର୍ଷ ଭାରତରେ ସଡ଼କ ଦୁର୍ଘଟଣା ହାର ବୃଦ୍ଧି ପାଇବାରେ ଲାଗିଛି। ସରକାର ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଦୁର୍ଘଟଣା ରୋକିବା ଲାଗି ସଚେତନ କରୁଛନ୍ତି। କିନ୍ତୁ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେରେ ଦୁର୍ଘଟଣା ରୋକିବା ପାଇଁ ପୀୟୂଷ ତିୱାରୀଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଏହି ରାସ୍ତାରେ ଅନେକ ପ୍ରକାର ଜ୍ଞାନକୌଶଳ ଉପଯୋଗ କରିଛନ୍ତି। ଏହାଦ୍ୱାରା ସେ ଗତ ୪ ବର୍ଷ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ୪୩% କମାଇବାରେ ସକ୍ଷମ ହୋଇପାରିଛନ୍ତି। ଦୁର୍ଘଟଣା ମଧ୍ୟ ୨୯% କମିଛି। ୨୦୧୫ରେ ଭୟଙ୍କର ଦୁର୍ଘଟଣା ସଂଖ୍ୟା ୧୫୧ଟି ଥିଲାବେଳେ ୨୦୧୯ରେ ଏହା ୮୬ରେ ପହଞ୍ଚିଛି। ସେ ସେଭ୍ ଲାଇଫ ଫାଉଣ୍ଡେଶନ ଏନ୍‌ଜିଓ ମାଧ୍ୟମରେ ଏହା କରୁଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ପୁତୁରାଙ୍କୁ ହରାଇବା ପରେ ୨୦୦୮ରେ ସେ ଏହି ଫାଉଣ୍ଡେଶନ ଆରମ୍ଭ କରିଥିଲେ। ଏକ୍ସପ୍ରେସୱେରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ କରିବା ଲାଗି ସେ ରାଜ୍ୟ ହାଇୱେ ପୋଲିସ, ହାଇୱେଅଥରିଟି ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ମିଶି କାର୍ଯ୍ୟ ଚଳାଇଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଠାବକରି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ପୋଲିସକୁ ଅବଗତ କରୁଛି ଭେହିକିଲ ଆକ୍ଟିଭେଟେଡ ସ୍ପିଡ୍ ସାଇନ ସିଷ୍ଟମ(ଭିଏଏସ୍‌ଏସ୍)। ଏହା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଟେକ୍‌ନୋଲୋଜି। ଏହି ସ୍ମାର୍ଟ ଟେକନୋଲୋଜି ଦ୍ୱାରା ଏକ୍ସପ୍ରେସୱେର ୧୦୦୦ଟି ସ୍ଥାନ ଉପରେ ନଜର ରଖାଯାଇଛି। ପାଟ୍ରୋଲିଂ ସମୟରେ ରାସ୍ତା ଉପରେ ଉଡୁଥିବା ଡ୍ରୋନ ସଭିଙ୍କ ଉପରେ ଦୃଷ୍ଟି ରଖୁଛି। ଆଗକୁ ମୃତ୍ୟୁହାର ୭୫ରୁ ୮୦% କମ୍ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ପୀୟୂଷ।

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
-(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପୁରୁଣା ଚଳଚ୍ଚିତ୍ରରେ ଦୋଷ

ମହାଶୟ,

ସର୍ବୋଚ୍ଚ ଅଦାଲତଙ୍କ ଆଦେଶରେ କୌଣସି ସରକାରୀ କାର୍ଯ୍ୟାଳୟରେ ଧୂମପାନ ନିଷିଦ୍ଧ ଅଟେ । ମାତ୍ର ଅନେକ ପୁରୁଣା ଚଳଚ୍ଚିତ୍ରରେ ପୋଲିସ ଅଧିକାରୀ କାର୍ଯ୍ୟାଳୟରେ ବସି ସିଗାରେଟ ଟାଣୁଥିବାର ଦୃଶ୍ୟ ଦେଖାଯାଏ। ଧୂମପାନ/ମଦ୍ୟପାନ ସ୍ୱାସ୍ଥ୍ୟପକ୍ଷରେ କ୍ଷତିକାରକ ଲେଖା ଯାଉଥିବାବେଳେ ଚଳଚ୍ଚିତ୍ରରେ ସିଗାରେଟ ଟାଣୁଥିବାର ଦୃଶ୍ୟ ଅତ୍ୟନ୍ତ କଟୁ ଲାଗେ । ସେହିପରି ଚିକିତ୍ସକମାନେ ଚିକିତ୍ସା କରିବା ପରେ ହାତକୁ ସାବୁନରେ ଧୋଉ ନ ଥିବାର ଦୃଶ୍ୟ କେବେ ବି ଗ୍ରହଣୀୟ ନୁହେଁ । ସେହି ସମୟରେ ଏହା ଚଳୁଥିବାରୁ ସେନ୍ସର ବୋର୍ଡ ଏହା କାଟି ନ ଥିଲେ । ବର୍ତ୍ତମାନ ଏପରି ଦୃଶ୍ୟାୟନ ରିଲଗୁଡିକୁ ବାତିଲ କରାଯିବା ଉଚିତ ନୁହେଁ କି ? ଅନେକ ଚିତ୍ରରେ ଭୟାବହ ହିଂସ୍ରକତା ଏବଂ ବଳାତ୍କାର ଦୃଶ୍ୟ ବର୍ତ୍ତମାନ ସମୟର ନୂତନ ପିଢି ଦର୍ଶକଙ୍କ ମନ ଉପରେ ନକାରାତ୍ମକ ଭାବନା ସୃଷ୍ଟି କରୁଥିବ ନିଶ୍ଚୟ। ପୁରୁଣା ଚଳଚ୍ଚିତ୍ରରେ ଥିବା ଦୋଷତ୍ରୁଟିଗୁଡ଼ିକୁ ସୁଧାରିବା ଉଚିତ। ବିଷୟବସ୍ତୁରୁ ଏସବୁ ଦୃଶ୍ୟାୟନ ବାଦ ଦେଇ କିଭଳି ଚଳଚ୍ଚିତ୍ର ନିର୍ମାଣ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଏକଥାର ସମାଧାନ ହେବା ଦରକାର ।

-ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଧାୟକଙ୍କ ବାସଭବନରୁ ଚୋରି

ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ରେ ରହୁଥିବା ନବରଙ୍ଗପୁର ଜଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରିଙ୍କ ସରକାରୀ ବାସଭବନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାନୁସାରେ, ଓୟୁଏଟି ଗେଷ୍ଟ ହାଉସ ସମ୍ମୁଖରେ ରହିଛି ବିଧାୟକ ରନ୍ଧାରିଙ୍କ ସରକାରୀ ବାସଭବନ (୪ଆର/୯)। ବୁଧବାର ରାତିରେ କେହି କବାଟ ତାଡି କମ୍ପ୍ୟୁଟର, ପ୍ରିଣ୍ଟର, ଇନଭର୍ଟର, ଆସବାପତ୍ର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିଲେ। ସେଠାରେ ରହୁଥିବା ସାରଦ ମହାପାତ୍ର ଘଟଣା ନେଇ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକା ଗର୍ଭବତୀ ମାମଲା
## ଡିଏମ୍‌ଇଟିଙ୍କୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**କଟକ ଅଫିସ,୧୦।୧୨:** ରାଜଧାନୀରେ ଜଣେ ନାବାଳିକାଙ୍କ ଗର୍ଭପାତ କରାଇବା ମାମଲାରେ ଡାଇରେକ୍ଟର ମେଡିକାଲ ଏଜୁକେଶନ ଟ୍ରେନିଂ(ଡିଏମ୍‌ଇଟି)ଙ୍କୁ ହାଇକୋର୍ଟ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହା ଏକ ଜରୁରୀ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ଅଟେ। ନାବାଳିକାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି। ତେଣୁ ଏନେଇ ଏକ ଟିମ୍ ଗଠନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ଡିଏମ୍‌ଇଟିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡାକ୍ତରୀ ଟିମ୍‌ରେ ଏସ୍‌ସିବି ସ୍ତ୍ରୀରୋଗ ଓ ଶିଶୁରୋଗ ବିଭାଗର ମୁଖ୍ୟଙ୍କ ସମେତ ଜଣେ ମନସ୍ତତ୍ତ୍ୱବିତ୍, ନିଶ୍ଚେତକ ବିଭାଗର ଡାକ୍ତର ଓ ଜଣେ ରେଡିଓଲୋଜିଷ୍ଟଙ୍କୁ ସାମିଲ କରିବାକୁ କୁହାଯାଇଛି। ଉକ୍ତ ଟିମ୍ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବେ। ନାବାଳିକା ଜଣକ ଏବେ କେତେ ସପ୍ତାହର ଗର୍ଭବତୀ ଅଛନ୍ତି, ଗର୍ଭପାତ କରାଗଲେ ତାଙ୍କ ମାନସିକ ଓ ଶାରୀରିକ ଅବସ୍ଥା କେତେ ପ୍ରଭାବିତ ହେବ ସେ ସମ୍ପର୍କିତ ଡାକ୍ତରୀ ରିପୋର୍ଟ ଆଡଭୋକେଟ ଜେନେରାଲଙ୍କ ନିକଟରେ ମାମଲାର ପରବର୍ତ୍ତୀ ଶୁଣାଣି(୧୪.୧୨.୨୦)ପୂର୍ବରୁ ଦାଖଲ କରିବାକୁ ଗୁରୁବାର ଜଷ୍ଟିସ ଏସ୍. କେ. ମିଶ୍ର ଓ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଗତ ୭ତାରିଖରେ କୋର୍ଟ କହିଥିଲେ, ପୀଡ଼ିତା ଜଣକ ନାବାଳିକା ଓ କମ୍ ବୟସର ହୋଇଥବାରୁ ଅଭିଯୁକ୍ତ ଜଣକ ତାଙ୍କୁ ବଳତ୍କାର କରିବା ସମ୍ପର୍କରେ ସେ ଜାଣି ପାରି ନ ଥିଲେ। ନାବାଳିକା ଜଣକ ଏବେ ଗର୍ଭଧାରଣ କରିବାକୁ ଚାହୁଁ ନାହାନ୍ତି। ଗର୍ଭପାତ ପାଇଁ ଅନୁମତି ନ ମିଳିଲେ ତାଙ୍କର ପାଠପଢା ପ୍ରଭାବିତ ହେବ। ଗତ ମାସ ୧୧ତାରିଖ ଡାକ୍ତରୀ ରିପୋର୍ଟ ଅନୁଯାୟୀ ସେ ୧୮ ସପ୍ତାହର ଗର୍ଭବତୀ ଥିବା ଉଲ୍ଲେଖ ରହିଛି। ଗର୍ଭପାତ ୨୦ ସପ୍ତାହ ମଧ୍ୟରେ କରାଯିବାର ନିୟମ ରହିଛି । ତେଣୁ ସମସ୍ତ ଦିଗକୁ ଚିନ୍ତା କରି କାର୍ଯ୍ୟାନୁଷ୍ଠାନ ନେବାକୁ କ୍ୟାପିଟାଲ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

## ଅନ୍ଧାରୁଆରେ ହାତୀ ଉପଦ୍ରବ

**ବାରଙ୍ଗ,୧୦।୧୨(ଡି.ଏନ୍.ଏ.):** ଅନ୍ଧାରୁଆ ଗ୍ରାମ ତଳସାହିରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଉପଦ୍ରବ କରିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳର ଶୈଳ ଓଝାଙ୍କ ପାଚେରି ଭାଙ୍ଗି ଗଦା ହୋଇଥିବା ଧାନ ଖାଇବା ସହ ନଷ୍ଟ କରିଛି। ଗୁରୁବାର ସକାଳେ ପରିବାର ଲୋକେ ଏହି ବିଷୟରେ ଜାଣିବାକୁ ପାଇଥିଲେ। ୪୦ ହଜାର ଟଙ୍କା ଧାର କରି ଧାନ ଫସଲ କରିବା ସହ ଅମଳ ଲାଗି ବାରିରେ ରଖିଥିଲେ। ଏବେ କିପରି ଧାର ଟଙ୍କା ଶୁଝିବୁ ବୋଲି ଶୈଳ ଓଝା କହିଛନ୍ତି। ପ୍ରତିବର୍ଷ ଧାନ ଅମଳ ସମୟରେ ଚନ୍ଦକା ଜଙ୍ଗଲରୁ ହାତୀ ଆସି ଧାନ ଫସଲ ନଷ୍ଟ କରିବା ସହ ପାଚେରି, ଘର ଭାଙ୍ଗୁଛନ୍ତି। ଯାହାକି ଗ୍ରାମବାସୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ଆଇନଜୀବୀ କବିନ୍ଦ୍ର ସାହୁ ଦାବି କରିଛନ୍ତି।

## ପ୍ରାଥମିକ ଚିକିତ୍ସା ବାକ୍ସ ଉଦ୍‌ଘାଟିତ



**କଟକ ଅଫିସ, ୧୦।୧୨:** କଟକ ଶିଖରପୁରସ୍ଥିତ ଟ୍ରାଫିକ ଏଡ୍‌ପୋଷ୍ଟରେ ପ୍ରାଥମିକ ଚିକିତ୍ସା ବାକ୍ସ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ ଅନୁଷ୍ଠାନ ଜୟ ଓଡ଼ିଶା, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଓ ସିଫା ମିଳିତ ଆନୁକୂଲ୍ୟରେ ସହରର ୫୦ଟି ଟ୍ରାଫିକ ପୋଷ୍ଟରେ ଏହି ବାକ୍ସ ଲଗାଯାଇଛି। ଏଥିରେ ତୁଳା, ବ୍ୟାଣ୍ଡ-ଏଡ୍, ଗଜ୍ କପଡା ଓ ବେଟାଡିନ୍ ଭଳି ଅତ୍ୟାବଶ୍ୟକ ଔଷଧ ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟ୍ରାଫିକ ଅତିରିକ୍ତ ଡିସିପି କିଶୋର କୁମାର ପାଣିଗ୍ରାହୀ, ଟ୍ରାଫିକ ଏସିପି ଦେବଜ୍ୟୋତି ଦାସ, ଜୟ ଓଡ଼ିଶା ଅନୁଷ୍ଠାନର ସଭାପତି ରୁଦ୍ର ସାମନ୍ତରାୟ, ସିଫା ନିର୍ଦ୍ଦେଶକ ଡ. ସାମି ସଲିମ୍ ପ୍ରମୁଖ ଉପସ୍ଥିତ ଥିଲେ। ଫଟୋ-ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ପ୍ରାଥମିକ ଚିକିତ୍ସା ବାକ୍ସ ଉଦ୍‌ଘାଟନ କରୁଛନ୍ତି।

# ଟ୍ରେନ୍ ଚାଳକଙ୍କୁ ସତର୍କ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

**ଘନ କୁହୁଡ଼ିରେ ସୁରକ୍ଷା ଚିନ୍ତା**
- ଟ୍ରେନ୍‌ର ଗତି ୬୦ କି.ମି. ମଧ୍ୟରେ ରହିବ
- କ୍ରମାଗତ ହୁଇସିଲ୍ ମାରିବାକୁ ପରାମର୍ଶ
- ଧପଧପି ଏଲଇଡି ଲ୍ୟାମ୍ପ ବ୍ୟବହାରକୁ ଗୁରୁତ୍ୱ

ଘନ କୁହୁଡ଼ିବେଳେ ଯାତ୍ରୀ ନିରାପତ୍ତାକୁ ପ୍ରାଧାନ୍ୟ ଦେଇ ଟ୍ରେନର ଗତିକୁ ନିୟନ୍ତ୍ରଣ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ୍ ଚାଳକଙ୍କୁ ସତର୍କ କରାଯାଇଛି। ଘନ କୁହୁଡି ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା ରଙ୍ଗ ପଟିକୁ ଓଏଚ୍‌ଇ ଖୁଣ୍ଟଗୁଡ଼ିକରେ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଲେଭଲ୍ କ୍ରସିଂ ଓ ବ୍ୟସ୍ତବହୁଳ ଯାତାୟାତ ଅଞ୍ଚଳରେ ଲାଗିଥିବା ଟ୍ରେନ ଅଟକିବା ସଂକେତ ପୂର୍ବରୁ ଏହାକୁ ଲଗାଇ ଚାଳକଙ୍କୁ ସଜାଗ କରାଯାଉଛି। ଦୃଶ୍ୟମାନ ନ ହେଲେ ଟ୍ରେନ ଚାଳକ ବିନା ଦ୍ୱିଧାରେ ଟ୍ରେନର ବେଗକୁ କମାଇ ପାରିବେ ନଚେତ୍ ଚଳାଚଳକୁ ବନ୍ଦ କରିପାରିବେ। ଏହି ସମୟରେ ଟ୍ରେନର ଗତି ଯେପରି ୬୦ କିମି ପ୍ରତି ଘଣ୍ଟା ଅତିକ୍ରମ ନକରେ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଦୃଶ୍ୟମାନ ହେଉ ନ ଥିବା ଅଞ୍ଚଳଗୁଡ଼ିକରେ କ୍ରମାଗତ ଭାବେ ହୁଇସିଲ୍ ମାରିବାକୁ ପରାମର୍ଶ ଦିଆଯାଇଛି। ଚାଳକମାନେ ଯେପରି ସ୍ଥିରୀକୃତ ସ୍ପିଡ୍ ଲିମିଟକୁ ଅତିକ୍ରମ ନ କରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଟ୍ରେନ୍ ଗାର୍ଡମାନଙ୍କୁ କୁହାଯାଇଛି। ଏଭଳି ପରିସ୍ଥିତିରେ ସଂକେତ ପାଇଁ ରେଳବାଇ ପକ୍ଷରୁ ଅନୁମୋଦିତ ଡିଜାଇନର ରେଡ୍ ଟେଲ୍ ଧପଧପି ଲ୍ୟାମ୍ପକୁ ଟ୍ରେନଗୁଡ଼ିକର ପଛରେ ଲଗାଯାଇଛି। କୁହୁଡ଼ି ଥିଲେ ଦିନରେ ମଧ୍ୟ ଧପଧପି ଏଲଇଡି ଲ୍ୟାମ୍ପ ବ୍ୟବହାର ହେବ। ଜଗୁଆଳି ଥିବା ଲେଭଲ୍ କ୍ରସିଂ ଗେଟ୍‌ରେ ବ୍ୟାରିୟରରେ ଚକମକି ସଂକେତ ଚିହ୍ନ ପ୍ରୟୋଗ କରାଯାଇଛି। ସେହିପରି ଟ୍ରେନ ପଛ ଡବାରେ ଏହିଭଳି ସଂକେତ ଚିହ୍ନକୁ ମଧ୍ୟ ଉପଯୋଗ ହୋଇଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ସହ ଷ୍ଟେଶନ ମ୍ୟାନେଜରଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଡିଟୋନେଟର ଯୋଗାଇ ଦିଆଯାଇଛି। ଟ୍ରେନ ଚାଳକମାନଙ୍କୁ ସଂକେତ ଦେବା ପାଇଁ ଡିଟୋନେଟର ପ୍ରୟୋଗ କରିବାକୁ ଷ୍ଟେଶନ, କେବିନ ଓ ଗେଟ୍‌ଗୁଡ଼ିକରେ ଥିବା କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଠିକ ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି।



ଗୁରୁବାର ସକାଳ ୯ଟାରେ କୁହୁଡ଼ିରେ ଆଚ୍ଛାଦିତ ଭୁବନେଶ୍ୱର ବାଣୀବିହାର ଓଭରବ୍ରିଜ୍‌ର ଦୃଶ୍ୟ।



ହାଇସ୍କୁଲ୍‌ରେ ପିଇଟି, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଓଏସ୍ଏସ୍‌ଟିଇଟି ଯୋଗ୍ୟତାଧାରୀମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପରିବା ଧରି ଅଭିନବ ପ୍ରତିବାଦ କରୁଛନ୍ତି।

## ପ୍ରଥମଥର ପାଳନ ହେଲା କାରାଗାର ଗଠନ ଦିବସ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟରେ ପ୍ରଥମଥର ପାଇଁ କାରାଗାର ଗଠନ ଦିବସ ପାଳନ କରାଯାଇଛି। ଗୁରୁବାର ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ସହ ଏହି ଦିବସକୁ ପାଳନ କରାଯାଇଛି। ରାଜ୍ୟର ସମସ୍ତ କାରାଗାର ଓ ସଂଶୋଧିତ ସେବା ପାଇଁ ଜାତୀୟ ମାନବ ଅଧିକାର ଆଇନ ମୁତାବକ ପ୍ରତବର୍ଷ ଏହା ପାଳନ କରାଯିବ। ଏହି ଅବସରରେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ୭୦ଜଣ କର୍ମଚାରୀଙ୍କୁ ଅତିରିକ୍ତ କାରାଗାର ନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ସମ୍ମାନିତ କରିଥିଲେ। ୯ ଜେଲର, ୫ ଆସିଷ୍ଟାଣ୍ଟ ଜେଲର, ୩ ଫାର୍ମାସିଷ୍ଟ , ୭ ମୁଖ୍ୟ ୱାର୍ଡର, ୩୮ ୱାର୍ଡର, ୩ ସଂଶୋଧନ ସେବା କର୍ମଚାରୀ ଓ ଜେଲ ନିର୍ଦ୍ଦେଶାଳୟର ୫ଅଧିକାରୀ ସମ୍ମାନିତ ହୋଇଥିଲେ। କଏଦୀଙ୍କ ମାନବିକ ଅଧିକାର ସୁରକ୍ଷା ପାଇଁ କର୍ମଚାରୀମାନେ ଶପଥ ନେଇଥିଲେ। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ, ନୂତନ ଟେକ୍ନୋଲୋଜି ସହ ସମସ୍ତ ଜେଲ୍‌ରେ ସଂସ୍କାର ଓ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯିବ। ଜେଲରେ ଇ-ମୁଲାକାତ, ଇ-କାରାଗାର, ଆଇସିଜେଏସ୍, ଭିଡିଓ-କନଫରେନ୍ସିଂ, ସିସିଟିଭି ସହ ବଡ଼ି କ୍ୟାମେରା ପରି ଉପକରଣ ବ୍ୟବାହାରକୁ ଆହୁରି ବ୍ୟାପକ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ସମସ୍ତ ୮୭ ଜେଲରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ କାରାଗାର ଗଠନ ଦିବସ ପାଳନ କରାଯାଇଥିବାବେଳେ କୁଇଜ୍, ଇନ୍‌ଡୋର ଖେଳ, ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ କଏଦୀଙ୍କୁ ପୁରସ୍କୃତ କରାଯାଇଥିଲା।

## କଲେଜ ସମସ୍ୟା ବୁଝିଲେ ଉପଜିଲାପାଳ

ଚୌଦ୍ୱାର,୧୦।୧୨(ଡି.ଏନ.ଏ.)

ଚୌଦ୍ୱାର କଲେଜରେ ୩ମାସରୁ ଊର୍ଦ୍ଧ୍ୱ ସମୟ ହେବ ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ ବିଭିନ୍ନ ସମସ୍ୟା ଲାଗିରହିଛି। ବିଶେଷକରି କଲେଜର କର୍ମଚାରୀମାନେ ଦରମା ପାଇ ନ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏସବୁକୁ ଦୃଷ୍ଟିରେ ରଖି ଉପଜିଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ବେଉରା ଗୁରୁବାର କଲେଜ ପରିଦର୍ଶନ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଦୀର୍ଘଦିନ ଧରି ନିର୍ମାଣ ହୋଇଥିବା ଛାତ୍ରୀନିବାସକୁ କିପରି ବ୍ୟବହାର ଉପଯୋଗୀ କରାଯିବ ସେଥିଲାଗି ପୌରନିର୍ବାହୀ ଅଧିକାରୀ ପବିତ୍ର ବେହେରା ଓ କଲେଜ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଧ୍ୟକ୍ଷ ପଦବୀ ପୂରଣ ଓ କଲେଜ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଥିଲେ। ଏହି ପରିଦର୍ଶନ ବେଳେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ନିରଞ୍ଜନ ବେହେରା ଉପସ୍ଥିତ ଥିଲେ ।

# ପ୍ରାଥମିକ ପର୍ଯ୍ୟାୟରେ ୨୦ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ

କଟକ ଅଫିସ, ୧୦।୧୨

**ସିଏମ୍‌ସିରେ ଟାସ୍କଫୋର୍ସ ବୈଠକ**

କଟକ ସହରାଞ୍ଚଳରେ ଚିକିତ୍ସା ସେବା ଯୋଗାଉଥିବା ୨୦ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ କରୋନା ଟିକା ଦିଆଯିବ। ଚାଉଳିଆଗଞ୍ଜ ଓ ସିଡିଏସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସିଟି ହସ୍ପିଟାଲଠାରେ ଟୀକାକରଣ ଏବଂ ଗଚ୍ଛିତ ନିମନ୍ତେ ଆଇଏଲଆର ପଏଣ୍ଟ କରାଯିବ। ସିଏମ୍‌ସି ସଭାଗୃହରେ ଗୁରୁବାର ଅନୁଷ୍ଠିତ ଟାସ୍କଫୋର୍ସ ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଅଧ୍ୟକ୍ଷତା କରି ଉକ୍ତ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଭାରତୀୟ ମେଡିକାଲ ସଂଘରେ ପଞ୍ଜୀକୃତ ହୋଇଥିବା ଚିକିତ୍ସାଳୟଗୁଡିକରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୈନନ୍ଦିନ ଟିକାକରଣ ନିମନ୍ତେ ପତ୍ର ମାଧ୍ୟମରେ ଅବଗତ କରାଯିବ । ଏ ସମ୍ପର୍କିତ ସମସ୍ତ କାର୍ଯ୍ୟପନ୍ଥା ସ୍ଥିର କରିବାକୁ କମିଶନର ଦାସ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ବୈଠକରେ ପଲ୍ସ ପୋଲିଓ ଟୀକାକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସିଏମ୍‌ସିରେ ନିୟୋଜିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅଧିକାରୀ ଡ. ଦୀପକ କୁମାର କର ଯୋଗଦେଇ କହିଥିଲେ, ଚଳିତବର୍ଷ ଜିଲାର ୧୦୪ଟି ସ୍ଥାନରେ ଗ୍ରାମାଞ୍ଚଳର ୬୦,୬୨୪ ଏବଂ ସହରାଞ୍ଚଳର ୨,୪୪,୩୪୧ ପିଲାଙ୍କୁ ପୋଲିଓ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୱାର୍ଡ ତଥା କେନ୍ଦ୍ରଗୁଡିକରେ ଟିକାକରଣ ନିମନ୍ତେ ତାଲିକା ପ୍ରସ୍ତୁତ ପାଇଁ ସିଏମ୍‌ସି କମିଶନର ସୂଚନା ଦେଇଛନ୍ତି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଡା. ଏନ. ସରକାର, ଡା. ମମତା ମହାପାତ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ଉଠାଜଳସେଚନ ନିଗମ କର୍ମଚାରୀ ମହାସଂଘ ବୈଠକ

କଟକ ଅଫିସ,୧୦।୧୨

ଓଡ଼ିଶା ଉଠାଜଳସେଚନ ନିଗମ କର୍ମଚାରୀ ମହାସଂଘର ରାଜ୍ୟ କମିଟି ବୈଠକ ଗୁରୁବାର ଖାନ୍‌ନଗରସ୍ଥିତ ଶ୍ରୀଶ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିଗମରୁ ଅବସରପ୍ରାପ୍ତ କର୍ମଚାରୀମାନେ ବକେୟା ପ୍ରାପ୍ୟ ପ୍ରଦାନ ଦାବି ନେଇ ଆସନ୍ତା ଜାନୁୟାରୀ ୧୫ରେ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ରାଜ୍ୟ ମହାସଂଘ ନିଷ୍ପତ୍ତି କରିଛି। ମହାସଂଘ ଉପସଭାପତି ବସନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ମହାସଂଘ ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଉମାକାନ୍ତ ରାଉତ, ଶ୍ୟାମସୁନ୍ଦର ଜେନା, ମାୟାଧର ନାୟକ, ଭିକାରୀ ଚରଣ ସେନାପତି ଓ ମକରଧ୍ୱଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସମାଜର ମୁଖ୍ୟସ୍ରୋତରେ କଏଦୀ ସାମିଲ ହୁଅନ୍ତୁ



## ଚୌଦ୍ୱାର ଜେଲ୍‌ରେ ଖୋଲିଲା ଓଏସ୍‌ଓୟୁ ଶାଖା

ଚୌଦ୍ୱାର,୧୦।୧୨(ଡି.ଏନ୍.ଏ.)

ଚୌଦ୍ୱାର ସର୍କଲ ଜେଲରେ ଓଡ଼ିଶା କାରାଗାର ଗଠନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଶୁଭକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭର୍ସିଟି(ଓଏସ୍‌ଓୟୁ)ର ଆଞ୍ଚଳିକ ନିର୍ଦ୍ଦେଶକ ଅଂଶୁମାନ ଜେନା ଅତିଥିଭାବେ ଯୋଗଦେଇ କହିଥିଲେ, ଚୌଦ୍ୱାର ଜେଲରେ ଓଏସ୍‌ଓୟୁର ଏକ ଶାଖା ଖୋଲାଗଲା। ଏହା ମାଧ୍ୟମରେ କଏଦୀମାନେ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇବେ। ଏଥିରେ ଜେଲ୍‌ର ମୁଖ୍ୟ ଚିକିତ୍ସକ ସୟଦ୍ ଏନାମୁଲ ରେହେମାନ୍, ଜେଲର ସୁଶାନ୍ତ କୁମାର ରାଉତ, ଅବିନାଶ ବେହେରା, ରାମକୃଷ୍ଣ ଦାସ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇ କଏଦୀମାନେ ଜେଲରେ ଶୃଙ୍ଖଳା ରକ୍ଷା କରିବା ସହିତ ଉଚ୍ଚ ଶିକ୍ଷା ଲାଭକରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। କଏଦୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜେଲରେ ଶୃଙ୍ଖଳା ରକ୍ଷା କରିବା ଓ କାରିଗରୀ କୌଶଳରେ ନିପୁଣ କଏଦୀମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଭିନ୍ନ ଶୈକ୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ କଏଦୀମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଜେଲରେ ନୂତନ ୱାଶିଂ ମେଶିନ, ଯୋଗ ଶିବିର ଆଦି ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଅଧୀକ୍ଷକ ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଜେଲ ପରିସରରେ ଚାରା ରୋପଣ କରିଥିଲେ। ୟୁନିଭର୍ସିଟି ଉଦ୍‌ଘାଟନ ଅବସରରେ ଜେଲର ୫୭ ଜଣ କଏଦୀ ଆଡ୍‌ମିସନ୍ ନେଇଥିଲେ।

## ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିକରି ଟଙ୍କା ଲୁଟ୍

ଆଠଗଡ଼,୧୦।୧୨(ସ୍ୱ.ପ୍ର.)

ଆଠଗଡ ଥାନା ଅନ୍ତର୍ଗତ ଜେନାପଦାର ମାରୁଗୋଠ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଗୁଳି କରି ୩ ଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଥିରେ ଆଠଗଡ ଏନ୍‌ଏସି ଅନ୍ତର୍ଗତ ଅଶୋକନଗର ଅଞ୍ଚଳର ଦୟାନିଧି ଭଞ୍ଜଙ୍କ ପୁଅ କ୍ଷିତୀଶ ରଞ୍ଜନ ଭଞ୍ଜ ଗୁରୁତର ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗୁଳି ଲାଗିଛି। ଏନେଇ ସେ ସାଙ୍ଗମାନଙ୍କୁ ମୋବାଇଲ ଫୋନ ଯୋଗେ ଜଣାଇଥିଲେ। ସାଙ୍ଗମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷିତୀଶଙ୍କୁ ଉଦ୍ଧାରକରି ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। କ୍ଷିତୀଶଙ୍କ ସୂଚନା ଅନୁଯାୟୀ, ସେ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରନ୍ତି। ଅପରାହ୍ଣରେ ଫାଇନାନ୍ସ ଟଙ୍କା ସଂଗ୍ରହ କରି ନରସିଂହପୁରରୁ ଆଠଗଡ଼ ଫେରୁଥିଲେ। ଏହି ସମୟରେ ୩ ଜଣ ଯୁବକ ଏକ ମୋଟର ସାଇକେଲ୍‌ରେ ଆସି ତାଙ୍କୁ ଅଟକାଇବା ସହ ମାଡ଼ ମାରିଥିଲେ। ଏଥିସହ କ୍ଷିତୀଶଙ୍କ ବାମ ଗୋଡ଼କୁ ଗୁଳି କରି ପାଖରେ ଥିବା ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏହି ବ୍ୟାଗରେ ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଥିଲା ବୋଲି ସେ କହିଛନ୍ତି। ଖବରପାଇ ଆଠଗଡ଼ ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ପରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି।



ସ୍ଥାୟୀ ନିଯୁକ୍ତି ସହ ଅନ୍ୟ କେତେକ ଦାବିରେ ଭୁବନେଶ୍ୱରରେ ପିଲାଛୁଆ ଧରି ଧାରଣା ଜାରି ରଖିଥିବା କୋଭିଡ୍ ୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ।



ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ନିକୋ ପାର୍କଠାରୁ ଲୋହିଆ ଏକାଡେମୀ ପର୍ଯ୍ୟନ୍ତ ରାସ୍ତାରେ ସିଏସ୍ଏଫ୍ଏଚ୍ଆର୍ ପକ୍ଷରୁ ଅନୁଷ୍ଠିତ ମାନବଶୃଙ୍ଖଳ।

## ସଂକ୍ଷେପରେ

### ଚିପ୍ସ ବୋଝେଇ ୪ ଟ୍ରକ୍ ଜବତ, ୫ ଗିରଫ

ଖୋର୍ଦ୍ଧା ଅଫିସ,୧୦।୧୨: ବେଆଇନ ଭାବେ ଚାଲାଣ ହେଉଥିବା ପଥର ଚିପ୍ସ ବୋଝେଇ ୪ଟି ଟ୍ରକ୍‌କୁ ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ସଦର ଥାନା ଅଞ୍ଚଳର ଅବଦୁଲ ଅମିର ଖାଁ(୨୮), ଶିବ ଦାସ(୫୦), ରୋଜ ଖାଁ(୨୮), ଜ୍ଞାନରଞ୍ଜନ ପାତ୍ର (୩୮), ପ୍ରକାଶ ମଲ୍ଲିକ(୩୨)। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ପୋଲିସ ଜାତୀୟ ରାଜପଥରେ ଗାଡ଼ି ଚେକିଂ କରୁଥିଲା। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ପଥର ଚିପ୍ସ ବୋଝେଇ ଟ୍ରକ୍ ୧୬ନଂ. ଜାତୀୟ ରାଜପଥ ପ୍ରାଣନାଥ ମହାବିଦ୍ୟାଳୟ ନିକଟ ଗୋବର୍ଦ୍ଧନ ପଡ଼ିଆରେ ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିଲା। ଗାଡ଼ି ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପରେ ପୋଲିସ ସମସ୍ତ ଗାଡ଼ିକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୪୬/୨୦)ରୁଜୁ ହୋଇଛି।

### ଖୋର୍ଦ୍ଧାରେ ଘନକୁହୁଡ଼ି

ଖୋର୍ଦ୍ଧା ଅଫିସ,୧୦।୧୨: ଖୋର୍ଦ୍ଧାରେ ଗୁରୁବାର ସକାଳୁ ଘନକୁହୁଡ଼ି ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ୧୬ନଂ. ଏବଂ ଖୋର୍ଦ୍ଧା-ନୟାଗଡ ୫୭ନଂ. ଜାତୀୟ ରାଜପଥରେ କୁହୁଡ଼ି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହି କୁହୁଡ଼ି ସକାଳ ୭ଟା ପର୍ଯ୍ୟନ୍ତ ରହିଥିଲା। ସହରର ମେଡିକାଲ ଛକ, ପୁରୁଣା ବସଷ୍ଟାଣ୍ଡ, ନୂଆବସଷ୍ଟାଣ୍ଡ ରୋଡରେ କୁହୁଡ଼ି ଢାଙ୍କି ରଖିଥିଲା। ଜାତୀୟ ରାଜପଥରେ ଯାତାୟାତ କରୁଥିବା ବହୁ ମାଲବାହୀ ଟ୍ରକ୍, ଘରୋଇ ବସ୍ କିଛି ସମୟ ପାଇଁ ଅଟକି ରହିଥିଲା।

### ଛୁରାମାଡ଼ରେ ୨ ଗୁରୁତର

ପୁରୀ ଅଫିସ, ୧୦।୧୨: ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମଙ୍ଗଳାହାଟ ରୋଡ୍ ବାଲି ସ୍କୁଲ ଛକ ନିକଟରେ ଛୁରା ମାଡ଼ରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଭାଗ୍ୟଧର ହରିଚନ୍ଦନ ଓ ଶ୍ରୀଧର ହରିଚନ୍ଦନ। ଉଭୟଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭାଗ୍ୟଧରଙ୍କ ଦୋକାନ ପାଖରେ କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଭାଗ୍ୟଧର ତାଗିଦ କରିବାରୁ ସମ୍ପୃକ୍ତ ଯୁବକମାନେ ହଠାତ୍ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏହି ସମୟରେ ଭାଗ୍ୟଧରଙ୍କୁ ଉଦ୍ଧାର କରିବାକୁ ଯାଇ ଶ୍ରୀଧର ମଧ ଛୁରାମାଡ଼ର ଶିକାର ହୋଇଥିଲେ। ଏ ନେଇ ଭାଗ୍ୟଧରଙ୍କ ଅଭିଯୋଗ କ୍ରମେ ବାସେଳିସାହି ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସାମାଜିକକର୍ମୀଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୦।୧୨ : ଖୋର୍ଦ୍ଧା ଅଞ୍ଚଳର ବରିଷ୍ଠ ସାମାଜିକକର୍ମୀ ଉମାକାନ୍ତ ଭଞ୍ଜଙ୍କ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ସେ ଗତ କିଛିଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ଗୁରୁଜଙ୍ଗସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗଡ଼ହଳଦିଆ ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସାନ ପୁଅ ସରୋଜ କୁମାର ଭଞ୍ଜ ମୁଖାଗ୍ନି ଦେଇଥିବା ବେଳେ ସାନ ଭାଇ ଶ୍ୟାମାକାନ୍ତ ଭଞ୍ଜ, ସୀତାକାନ୍ତ ଭଞ୍ଜ , ଅରବିନ୍ଦ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ୯ ଦିନରେ ଅହୋରାତ୍ର ଗଣଧାରଣା

ବ୍ରହ୍ମଗିରି,୧୦।୧୨(ଡି.ଏନ୍.ଏ.): ଫାଇଲିନ ବାତ୍ୟାକୁ ୭ବର୍ଷ ଏବଂ ଫନୀ ବାତ୍ୟାକୁ ଦେଢ଼ ବର୍ଷ ପୂରିଥିଲେ ମଧ ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକର କ୍ଷତିଗ୍ରସ୍ତଙ୍କୁ ଗୃହ ନିର୍ମାଣ ସହାୟତା ମିଳିନାହିଁ। ଏହାର ପ୍ରତିବାଦରେ ପୁରୀ ଜିଲା ଫାଇଲିନ ପ୍ରପୀଡିତ କ୍ରିୟାନୁଷ୍ଠାନ କମିଟି ଓ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ପକ୍ଷରୁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯାଇଅଛି। ଗୁରୁବାର ଏହି ଧାରଣା ୯ଦିନରେ ପହଞ୍ଚିଛି। ଉପ ଜିଲାପାଳ ଭବତାରଣ ସାହୁ ଏବଂ ଏଡିଏମ ବିଜୟ କୁମାର ସାହୁ ଗୁରୁବାର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ୭ ଦିନ ମଧ୍ୟରେ ଦାବି ସମ୍ପର୍କରେ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ କହିଥିଲେ। କୌଣସି ନିଷ୍ପତ୍ତି ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସଂଗ୍ରାମ ସମିତିର ସମ୍ପାଦକ ଭୀମସେନ ସ୍ୱାଇଁ ପ୍ରଶାସନକୁ ଜଣାଇଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ଫେରିଯାଇଥିଲେ। ଏହି ଆଲୋଚନାରେ ସୁରେନ୍ଦ୍ର ନାଥ ଜେନା, ବିଦ୍ୟାଧର ସ୍ୱାଇଁ, ଯୁଧିଷ୍ଠିର ନାୟକ, ବାବାଜି ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷକରେ ୪.୩ କୋଟିର ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ,୧୦।୧୨:**

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଏଥିରେ ଯୁବପିଢ଼ି ସାମିଲ ହେଉଛନ୍ତି। ବାଲେଶ୍ୱରର ଜଳେଶ୍ୱରଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଧଳାଜହର କାରବାର ଚେର ଲମ୍ବିଛି। ଏଠାରୁ ବିଭିନ୍ନ ସ୍ଥାନକୁ ବ୍ରାଉନସୁଗାର ପଠାଯାଉଛି। ଖୋର୍ଦ୍ଧା ଅଞ୍ଚଳରେ ଏହି କାରବାରର ମାଷ୍ଟରମାଇଣ୍ଡ ଛୋଟା ଓରଫ ଶୁଭ୍ରାଂଶୁ ପରିଡ଼ାଙ୍କୁ କମିଶନରେଟ ପୋଲିସ ଗିରଫ କରିବା ପରେ ଖୋର୍ଦ୍ଧା ପୋଲିସ ଅଧିକ ସକ୍ରିୟ ହୋଇଉଠିଥିଲା। ଆଦର୍ଶ ଟାଉନ ଥାନା ପକ୍ଷରୁ ଆଣ୍ଟି ବ୍ରାଉନସୁଗାର ଟିମ୍ ଗଠନ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଳିତ ବର୍ଷ ଡିସେମ୍ବର ୧୦ ସୁଦ୍ଧା ମୋଟ ୪କେଜି ୩୧୯ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ହାରାହାରି ମୂଲ୍ୟ ୪କୋଟି ୩ଲକ୍ଷ ୧୯ ହଜାର ଟଙ୍କା ହେବ। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୧୫ଜଣଙ୍କୁ ଗିରଫ କରାଯିବା ସହ ୯ଲକ୍ଷ ୭୯,୧୦୦ ଟଙ୍କା ଜବତ ହୋଇଛି ବୋଲି ଗୁରୁବାର ଆଦର୍ଶ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।


ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ଏସ୍‌ପି ସ୍ୱାଇଁ କହିଛନ୍ତି ଯେ, ଏସ୍‌ଡିପିଓ ସୁଶୀଲ ମିଶ୍ର ଏବଂ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ସଫଳତା ପାଇଛନ୍ତି। ବୁଧବାର ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହି ପାଖରୁ ୩ଜଣ ପେସାଦାର ଅପରାଧୀ ତଥା ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବେଲିଆ ଓରଫ ସୁଶାନ୍ତ ମାଝି, ସାରଥି ନାୟକ ଏବଂ ଟୁଲୁ ଓରଫ ଶ୍ରୀକାନ୍ତ ପରମଗୁରୁ। ଏମାନଙ୍କଠାରୁ ୨୬୪ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ, ୪୧ ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ୯୦୯ ନମ୍ବର ବିଶିଷ୍ଟ ପଲିଥିନ ପ୍ୟାକେଟ, ପ୍ୟାକିଂରେ ବ୍ୟବହୃତ ରଙ୍ଗିନ ପେପର, ୨୦ଟି ରବର ବ୍ୟାଣ୍ଡ ଏବଂ ଗୋଟିଏ ପ୍ୟାକିଂ ମେସିନ ଜବତ କରାଯାଇଛି। ଟୁଲୁଙ୍କ ନାଁରେ ୪ଟି ଓ ବେଲିଆଙ୍କ ନାମରେ ଖୋର୍ଦ୍ଧା ଟାଉନ ଥାନାରେ ୩ଟି ଆପରାଧିକ ମାମଲା ରହିଛି। ଏମାନେ ବିଭିନ୍ନ ଉପାୟରେ ନିଶା କାରବାର ଚଳାଇଥିଲେ। ଆଗାମୀ ଦିନରେ ଖୋର୍ଦ୍ଧା ସହରକୁ ନିଶାମୁକ୍ତ କରାଯିବା ଲାଗି ପଦକ୍ଷେପ ନିଆଯିବ।

**୯.୭ ଲକ୍ଷ ଟଙ୍କା ଜବତ, ୧୫ ଗିରଫ**
- ସାମନ୍ତରାପୁରରୁ ୩ ପେସାଦାର ବେପାରୀ ଗିରଫ
- ବେଲିଆ, ଟୁଲୁଙ୍କ ନାମରେ ରହିଛି ଏକାଧିକ ମାମଲା
- ନିଶାମୁକ୍ତ ହେବ ଖୋର୍ଦ୍ଧା ସହର: ଏସ୍‌ପି

# ଅମାନିଆ ତଣ୍ଡ ଗଣିଲେଣି ୩.୧୬ ଲକ୍ଷ

**ଖୋର୍ଦ୍ଧା ଅଫିସ,୧୦।୧୨:**

- ବିନା ହେଲମେଟରେ ୪୧୯ ଜଣ ଧରାପଡିଲେଣି
- ୯୬ଜଣଙ୍କ ଲାଇସେନ୍ସ ରଦ୍ଦ ଲାଗି ସୁପାରିସ

ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏନେଇ କେନ୍ଦ୍ର ସରକାର ୨୦୧୯ ରେ ମୋଟରଯାନ ଆଇନ ସଂଶୋଧନ କରିଥିଲେ। ଦୁର୍ଘଟଣାରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ମଧ୍ୟରେ ବାଇକ୍ ଚାଳକଙ୍କ ସଂଖ୍ୟା ଅଧିକ ରହିଛି। ବିନା ହେଲ୍‌ମେଟରେ ବାଇକ୍ ଚଳାଚଳ ଯୋଗୁ ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁ ଘଟୁଛି। ଏନେଇ ରାଜ୍ୟ ସରକାରଙ୍କ ପରିବହନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ବିନା ହେଲମେଟରେ ବାଇକ୍ ଚଳାଚଳ କରୁଥିବା ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୂଚନା ଦେଇଛନ୍ତି। କୋଭିଡ୍ କଟକଣା ଯୋଗୁ ରାଜ୍ୟରେ ଦୀର୍ଘ ମାସ ପର୍ଯ୍ୟନ୍ତ ଏହାକୁ କୋହଳ କରାଯାଇଥିଲା। ଏହାର ସୁଯୋଗ ନେଇ କେତେଜଣ ଅମାନିଆ ବିନା ହେଲମେଟରେ ବୁଲୁଛନ୍ତି। ଖୋର୍ଦ୍ଧା ପୋଲିସ ପକ୍ଷରୁ ଏନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୪୧୯ଜଣ ବିନା ହେଲମେଟରେ ବୁଲୁଥିବା ବାଇକ ଚାଳକଙ୍କଠାରୁ ମୋଟର ଯାନ ଆଇନ ପ୍ରକାରେ ୩,୧୬୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୯୬ଜଣଙ୍କ ଲାଇସେନ୍ସ ରଦ୍ଦ ଲାଗି ସୁପାରିସ କରାଯାଇଛି। ୧୩ଜଣଙ୍କ ନାମରେ କୋର୍ଟରେ ମାମଲା ଚାଲିଛି ବୋଲି ଖୋର୍ଦ୍ଧା ପୋଲିସ ପକ୍ଷରୁ ସୂଚନା ମିଳିଛି। ଜାନୁୟାରୀ ପହିଲାରୁ ଯାଞ୍ଚକୁ କଡାକଡି କରାଯିବ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।


ସ୍ଥାୟୀ ନିଯୁକ୍ତି ସହ ଅନ୍ୟ କେତେକ ଦାବିରେ ଭୁବନେଶ୍ୱରରେ ପିଲାଛୁଆ ଧରି ଧାରଣା ଦେଇ ଆସୁଥିବା କୋଭିଡ୍ ୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ।

# ସମ୍ପର୍କୀୟ ନାତି ସହ ଆଈ ଫେରାର
## ଲଜ୍ଜା ସହି ନ ପାରି ଅଜାଙ୍କ ଆତ୍ମହତ୍ୟା

**ନିରାକାରପୁର, ୧୦।୧୨(ଡି.ଏନ୍.ଏ):**

ପ୍ରେମ ସମ୍ପର୍କରୁ ପଡ଼ୋଶୀ ନାତି ସହ ଆଈ ଫେରାର ହୋଇଯିବା ପରେ ଅଜା ଲୋକଲଜ୍ଜା ସହି ନ ପାରି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ଜଣେ ବ୍ୟକ୍ତି ବିବାହିତ ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କର ପଡ଼ୋଶୀ ନାତି ସହିତ ପ୍ରେମ ସମ୍ପର୍କ ରହିଥିଲା। ଗତ ଶୁକ୍ରବାର ଆଈ ଓ ନାତି ମିଶି ଫେରାର ହୋଇଯାଇଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଅର୍ଥାତ ଅଜାଙ୍କୁ ନାନା ପ୍ରକାର ନିନ୍ଦା ଶୁଣିବାକୁ ମିଳିଥିଲା। ଏଥିରେ ସେ ମାନସିକ ସ୍ଥିତି ହରାଇ ବୁଧବାର ଗାଁ ନିକଟ ରେଳ ଧାରଣାରେ ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ଜବତ ହୋଇଥିବା ସୁଇସାଇଡ୍ ନୋଟ୍‌ରେ ଆତ୍ମହତ୍ୟାର କାରଣ ପରକୀୟା ପ୍ରୀତି ବୋଲି ଉଲ୍ଲେଖ ଥିବା କୁହାଯାଉଛି। ଏ ନେଇ ଟାଙ୍ଗୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୦) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି।

# ୩୫ବର୍ଷ ଧରି ପାଣି ବୋହୁଛନ୍ତି କୃଷ୍ଣଚନ୍ଦ୍ର

**ଖୋର୍ଦ୍ଧା ଅଫିସ,୧୦।୧୨**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୁଡୁମ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ। ବୟସ ପାଖାପାଖି ୬୫ ଛୁଇଁଲାଣି। ହେଲେ ସେ ଥକି ପଡ଼ିନାହାନ୍ତି। ଏହି ବୟସରେ ବି ସେ ଦିନକୁ ୮କି.ମି. ସାଇକେଲରେ ଯାତ୍ରା କରି ୨୦୦ରୁ ୩୦୦ଲିଟର ପାଣି ବୋହି ବିଭିନ୍ନ ଦୋକାନରେ ଯୋଗାଉଛନ୍ତି। ୩୫ବର୍ଷ ଧରି ଏହି କାର୍ଯ୍ୟ କରୁଥିବା କୃଷ୍ଣଚନ୍ଦ୍ର କହିଛନ୍ତି।



କୃଷ୍ଣଚନ୍ଦ୍ର ଭୋରରୁ ନିତ୍ୟକର୍ମ ସାରି ସାଇକଲ ଧରି ଖୋର୍ଦ୍ଧାକୁ ବାହାରିପଡ଼ନ୍ତି। ସାଥିରେ ୪ଟି ୧୫ଲିଟର ପ୍ଲାଷ୍ଟିକ ବ୍ୟାରେଲ ଧରି ଆସିଥାନ୍ତି। ସାଇକଲରେ ୮କି.ମି. ଯାତ୍ରା ପରେ ଖୋର୍ଦ୍ଧାରେ ପହଞ୍ଚିଥାନ୍ତି। ପରେ ନିକଟ ନଳକୂପରୁ ବ୍ୟାରେଲରେ ପାଣି ଭର୍ତ୍ତି କରି ବିଭିନ୍ନ ଦୋକାନରେ ଦେଇଥାନ୍ତି। ପାଣି ବୋହିବା କାମ ସାରିବା ପରେ, ପୁରୁଣା ବସଷ୍ଟାଣ୍ଡରେ ଖବରକାଗଜ ବିତରକ ଷ୍ଟଲରେ ପହଞ୍ଚି ପେପର ସଜାଇବା କାମରେ ବିଭିନ୍ନ ଖବରକାଗଜ ଏଜେଣ୍ଟଙ୍କୁ ସହଯୋଗ କରିଥାନ୍ତି। ସକାଳ ୯ଟା ପରେ ସେଠାରୁ ଖବରକାଗଜ ଧରି ଘରକୁ ଯାଇଥାନ୍ତି। କାମ ଛୋଟ ହେଉ କି ବଡ, ଏଥିରେ ନିଷ୍ଠା ରହିବା ଆବଶ୍ୟକ। ଏହା ଅନ୍ୟଙ୍କ ଦୃଷ୍ଟିରେ ଛୋଟ କାର୍ଯ୍ୟ ହୋଇଥିଲେ ମଧ, ମୁଁ ଏଥିରେ ବହୁତ ଖୁସି। ଦୈନିକ ୨ଶହରୁ ୩ଶହ ଟଙ୍କା ରୋଜଗାର ହୋଇଥାଏ। ମୋର ଅଧିକ ଟଙ୍କା ପାଇବା ଆଶା ନାହିଁ। ଏହି ରୋଜଗାରରେ ମୋ ପରିବାର ଚଳିଥାଏ। କରୋନା ମହାମାରୀ ସମୟରେ ହୋଟେଲ, ଦୋକାନ ବନ୍ଦ ଥିବାରୁ କୌଣସି କାମଧନ୍ଦା ନ ଥିଲା। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ତଥାପି ଭାଙ୍ଗିନି। ଏହି କାର୍ଯ୍ୟରେ ମୋତେ ବହୁତ ଆନନ୍ଦ ମିଳେ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ବରିଷ୍ଠ ଖବରଦାତା ପ୍ରଭାତ ମିଶ୍ର କହିଛନ୍ତି, ଦୀର୍ଘ ବର୍ଷ ଧରି କୃଷ୍ଣଚନ୍ଦ୍ରଙ୍କୁ ଦେଖି ଆସୁଛି। ପେଟ୍ରୋଲ ପମ୍ପ ନିକଟରେ କେତେକ ହୋଟେଲ, ଦୋକାନକୁ ସେ ପାଣି ବୋହି ଯୋଗାଇଥାନ୍ତି। ପେପର ପଏଣ୍ଟରେ ବସି ପେପର ପଢ଼ିବା ସହ ସହଯୋଗ କରିଥାନ୍ତି। ଖୋର୍ଦ୍ଧା ଅଞ୍ଚଳରେ ଅନେକ ଲୋକ ତାଙ୍କୁ କୃଷ୍ଣ ମଉସା ବୋଲି ସମ୍ବୋଧନ କରିଥାନ୍ତି ବୋଲି ସେ କହିଛନ୍ତି।

# ବସ୍ତି ଉଚ୍ଛେଦ ବେଳେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୧୦।୧୨:**

ଖୋର୍ଦ୍ଧା ସହରରେ ବହୁ ସରକାରୀ ଜମି ଜବରଦଖଲରେ ରହିଛି। ପ୍ରଶାସନ ପକ୍ଷରୁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ଖୋର୍ଦ୍ଧା ତହସିଲ ପକ୍ଷରୁ ଟିଏଲ୍‌ସି ଛକ ନିକଟ ଭାଲିଆବାଡ଼ିସ୍ଥିତ ଶକ୍ତିନଗର ବସ୍ତି ଉଚ୍ଛେଦ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ଜେସିବିରେ ୭ଟି ନିର୍ମାଣାଧୀନ ଘରକୁ ଭଙ୍ଗାଯାଇଛି। ସ୍ଥାନୀୟ ବାସିନ୍ଦା ଏହାର ବିରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିନା ନୋଟିସରେ ପ୍ରଶାସନ ପକ୍ଷରୁ ଘର ଭାଙ୍ଗି ଦିଆଯାଇଥିବା ନେଇ ବାସିନ୍ଦା କହିଛନ୍ତି। ଉଚ୍ଛେଦ ହେବାକୁ ଥିବା ଲୋକଙ୍କୁ ବିନା ଥଇଥାନରେ ଉଚ୍ଛେଦ କରାଯିବାକୁ ନେଇ ବାସିନ୍ଦା ଏହାର ବିରୋଧ କରିଥିଲେ। ଫଳରେ ଉଚ୍ଛେଦ କାର୍ଯ୍ୟ ଅଧାରୁ ବନ୍ଦ ରହିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏନେଇ ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି, ପୂର୍ବରୁ ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କୁ ବାରମ୍ବାର ଅବଗତ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଛେଦ ହେବାକୁ ଥିବା ଅନ୍ତେବାସୀଙ୍କୁ ନୋଟିସ କରାଯିବ। ନୋଟିସ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ପ୍ରକାଶ ଯେ, ଶକ୍ତି ନଗର ବସ୍ତିରେ ପ୍ରାୟ ୩୦ରୁ ୪୦ ପରିବାର ଦୀର୍ଘ ବର୍ଷ ଧରି ରହୁଛନ୍ତି। ବିଭିନ୍ନ ସ୍ଥାନରେ କାମ କରି ପରିବାର ଚଳାଉଛନ୍ତି। ସରକାର ଗୃହ ଓ ନଗର ଉନ୍ନୟନ ଯୋଜନାରେ ବସ୍ତି ଅଞ୍ଚଳକୁ ଉନ୍ନତୀକରଣ ଲାଗି ଯୋଜନା କରୁଥିବା ବେଳେ ବସ୍ତି ଅଞ୍ଚଳକୁ ଉଚ୍ଛେଦକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି କେତେଜଣ ବସ୍ତି ବାସିନ୍ଦା କହିଛନ୍ତି।


ପ୍ରଶାସନ ପକ୍ଷରୁ ଜବରଦଖଲ ଘର ଭଙ୍ଗାଯାଉଛି ।

- ମାଟିରେ ମିଶିଲା ୭ ଘର
- ଅଧାରୁ ଅଟକିଲା ଉଚ୍ଛେଦ କାର୍ଯ୍ୟ

# ରାଜସ୍ୱ କର୍ମଚାରୀଙ୍କୁ ପଥର ମାଫିଆଙ୍କ ଆକ୍ରମଣ

**ଖୋର୍ଦ୍ଧା ଅଫିସ,୧୦।୧୨:**

**ପଥର ମାଡରେ ତହସିଲଦାରଙ୍କ ଗାଡ଼ି କାଚ ଭାଙ୍ଗିଲା**

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ପଥର ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜଟଣୀ ତହସିଲ ଅଞ୍ଚଳରୁ ବେଆଇନ ଭାବେ ମାଙ୍କଡା ପଥର, ମୋରମ ଚାଲାଣ ହେଉଥିବା ନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଗୁରୁବାର ଜଟଣୀ ବାଇପାସ୍ ଦେଇ ଏକ ପଥର ବୋଝେଇ ଟ୍ରାକ୍ଟର ଯାଉଥିବା ଖବରପାଇ ତହସିଲର ଏକ ରାଜସ୍ୱ ଟିମ୍ ତହସିଲଦାରଙ୍କ ଗାଡିରେ ତାଙ୍କ ପିଛା କରିଥିଲେ। ବାଇପାସ ନିକଟରେ ଟ୍ରାକ୍ଟରରୁ ଅଟକାଇଥିଲେ। ପଥର ମାଫିଆମାନେ ରାଜସ୍ୱ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ତହସିଲଦାରଙ୍କ ଗାଡିକୁ ପଥର ମାଡ଼ କରିଥିଲେ। ଏଥିରେ ଗାଡିର କାଚ ଭାଙ୍ଗିଯାଇଛି। ପରେ ପଥର ମାଫିଆମାନେ ଘଟଣାସ୍ଥଳରୁ ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲେ। ଏନେଇ ଜଟଣୀ ଆରଆଇ କବିରାଜ ସେଠୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୪୪୭/୨୦) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

# ଭୁଶୁଡ଼ିଲା ଘର, ବର୍ତ୍ତିଲା ପରିବାର

**ବାଲୁଗାଁ,୧୦।୧୨(ଡି.ଏନ୍.ଏ.):**

ବାଲୁଗାଁ ନିକଟ ଅଲାଇଡ଼ିହ ଗ୍ରାମର ଲକ୍ଷ୍ମୀଧର ପାଢ଼ୀଙ୍କ ଦୁଇ ବଖରା ଗୁରୁବାର ପୂର୍ବାହ୍ନରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେହି ସମୟରେ ପରିବାରର ୪ଜଣ ସଦସ୍ୟ ଅନୁପସ୍ଥିତ ଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ଲକ୍ଷ୍ମୀଧରଙ୍କ ଘର ଫାଇଲିନ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ସେହି ସମୟରେ ତାଙ୍କୁ ୩ ହଜାର ଟଙ୍କା କ୍ଷତିପୂରଣ ମିଳିଥିଲା। ଏହି ଟଙ୍କାରେ ସେ ଘର ମରାମତି କରି ବିପଦପୂର୍ଣ୍ଣ ଅବସ୍ଥାରେ ରହି ଆସୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ହଠାତ୍ ପଛପାର୍ଶ୍ୱ ଦୁଇ ବଖରା ଭୁଶୁଡ଼ି ପଡ଼ିଥିଲା। ତେବେ ପରିବାର ଲୋକେ ଘରେ ଅନୁପସ୍ଥିତ ଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବହୁ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ବାଣପୁର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ସହ ଇନ୍ଦିରା ଆବାସ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଭୁଶୁଡି ପଡିଥିବା ଲକ୍ଷ୍ମୀଧର ପାଢ଼ୀଙ୍କ ଘର ।

# 'ଭୁଲ୍ ସୁଧାରି ଭଲ ମଣିଷ ହୁଅ'

**ଖୋର୍ଦ୍ଧା ଅଫିସ,୧୦।୧୨:**

ଜେଲ୍ ଏକ ସଂସ୍କାର କେନ୍ଦ୍ର। ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ଭୁଲ୍ କାର୍ଯ୍ୟ ଯୋଗୁ ଜେଲରେ ରହି ସଜା କାଟୁଛନ୍ତି। ଜେଲରେ ରହୁଥିବା ବ୍ୟକ୍ତି ନିଜକୁ ଅପରାଧୀ ନ ଭାବି ସୁଧୁରିବାକୁ ଚେଷ୍ଟା କରନ୍ତୁ। ପରସ୍ପର ମଧ୍ୟରେ ସ୍ନେହ, ସଦ୍‌ଭାବ ରଖନ୍ତୁ। ବହୁ ସ୍ୱାଧିନତା ସଂଗ୍ରାମୀ ଜେଲରେ ରହିଥିଲେ। ଏଣୁ ନିଜ ଚରିତ୍ର ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ ବୋଲି ଗୁରୁବାର ଖୋର୍ଦ୍ଧାର ନିୟୁ ଇଣ୍ଡିଆ ଥିଙ୍କିଙ୍ଗ ଫୋରମ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ଯୋଗଦେଇ ଏହା କହିଛନ୍ତି।

ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ୧୯୨୧ ଅଗଷ୍ଟ ୧୩ରେ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜରେ ସତ୍ୟ ହେଲେ ସାଂଘାତିକ ଶୀର୍ଷକରେ ଏକ ଆଲେଖ୍ୟ ପ୍ରକାଶ କରିଥିଲେ। ବ୍ରିଟିଶ ସରକାର ଏହି ସମ୍ବାଦର ସତ୍ୟତା ନ ଥିବା ଦର୍ଶାଇ ଗୋପବନ୍ଧୁଙ୍କୁ ଖୋର୍ଦ୍ଧା ଜେଲରେ ରଖିଥିଲେ। ସେହିପରି ପ୍ରାଣନାଥ ପଟ୍ଟନାୟକ, ଗୋପାଳମଣି ରୟ ଚୁଡ଼ାମଣି, ଗଙ୍ଗାଧର ପାଇକରାୟ ପ୍ରମୁଖ ସ୍ୱାଧିନତା ସଂଗ୍ରାମୀ ଗିରଫ ହୋଇ ଏଠାରେ ରହିଥିଲେ। ଖୋର୍ଦ୍ଧା ଇତିହାସକୁ ଅବଲୋକନ କଲେ, ଏହି ଜେଲରେ ସ୍ୱାତନ୍ତ୍ରତା ରହିଛି। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଅଶୋକ ବେହୁରିଆ ଯୋଗଦେଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଓ ଖୁସିରେ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ ଯୋଗଦେଇ ମାନସିକତାର ପରିବର୍ତ୍ତନ କରି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସାମାଜିକ ଅଧିକାରୀ ଏସ୍. ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଜେଲ ପରିସରରେ ଏକ କ୍ୟାଣ୍ଟିନ ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ୟାରମ(ସିଙ୍ଗଲ୍ସ)ରେ ରାହୁଲ ମହାପାତ୍ର ଓ ଶେଖ ସରିଫ, ଡବଲ୍ସ କ୍ୟାରମରେ ଜୟକୃଷ୍ଣ ପ୍ରଧାନ, ଦୀପକ ସ୍ୱାଇଁ, ପ୍ରମୋଦ ମହାପାତ୍ର ଏବଂ ଦୀପକ ରାଉଳ ପୁରସ୍କୃତ ହୋଇଛନ୍ତି। ଚେସ୍‌ରେ ପିଣ୍ଟୁ ମାଝି ଓ ବିଦେଶୀ ଦାସ, ଝୋଟିରେ ସଂଯୁକ୍ତା ପେଣ୍ଟୋଇଓ ମିନାରାଣୀ ମହାପାତ୍ର, ମ୍ୟୁଜିକ ଚେୟାରରେ ହେମଲତା ନାୟକ ଓ ସଂଯୁକ୍ତା ପେଣ୍ଟୋଇ ପୁରସ୍କାର ପାଇଛନ୍ତି। କୁଇଜ୍‌ରେ ସଞ୍ଜୟ ବେହେରା, ଲକ୍ଷ୍ମୀନାରାୟଣ ଖଟୁଆ, କୁଇଜ୍‌ରେ କାଳିନ୍ଦି ମହାପାତ୍ର ଓ ମଧୁସ୍ମିତା ଭଞ୍ଜ ପୁରସ୍କାର ହାସଲ କରିଛନ୍ତି। ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

## ସଂକ୍ଷେପରେ

### ଛୁରାମାଡ଼ରେ ୨ ଗୁରୁତର

ପୁରୀ ଅଫିସ, ୧୦।୧୨: ପୁରୀ ବାସେଲିସାହି ଥାନା ଅନ୍ତର୍ଗତ ମଙ୍ଗଳାହାଟ ରୋଡ୍ ବାଲି ସ୍କୁଲ ଛକ ନିକଟରେ ଛୁରା ମାଡ଼ରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଭାଗ୍ୟଧର ହରିଚନ୍ଦନ ଓ ଶ୍ରୀଧର ହରିଚନ୍ଦନ। ଉଭୟଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭାଗ୍ୟଧରଙ୍କ ଦୋକାନ ପାଖରେ କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଭାଗ୍ୟଧର ତାଗିଦ କରିବାରୁ ସମ୍ପୃକ୍ତ ଯୁବକମାନେ ହଠାତ୍ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏହି ସମୟରେ ଭାଗ୍ୟଧରଙ୍କୁ ଉଦ୍ଧାର କରିବାକୁ ଯାଇ ଶ୍ରୀଧର ମଧ୍ୟ ଛୁରାମାଡ଼ର ଶିକାର ହୋଇଥିଲେ। ଏ ନେଇ ଭାଗ୍ୟଧରଙ୍କ ଅଭିଯୋଗ କ୍ରମେ ବାସେଲିସାହି ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକମାନେ ସ୍ଥାନୀୟ ବଡପୋଖରିଆ ଅଞ୍ଚଳର ବୋଲି କୁହାଯାଉଛି।

### ୯ ଦିନରେ ଅହୋରାତ୍ର ଗଣଧାରଣା

ବ୍ରହ୍ମଗିରି,୧୦।୧୨(ଡି.ଏନ୍.ଏ.): ଫାଇଲିନ ବାତ୍ୟାକୁ ୭ବର୍ଷ ଏବଂ ଫନୀ ବାତ୍ୟାକୁ ଦେଢ ବର୍ଷ ପୂରିଥିଲେ ମଧ୍ୟ ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକର କ୍ଷତିଗ୍ରସ୍ତଙ୍କୁ ଗୃହ ନିର୍ମାଣ ସହାୟତା ମିଳିନାହିଁ। ଏହାର ପ୍ରତିବାଦରେ ପୁରୀ ଜିଲା ଫାଇଲିନ ପ୍ରପୀଡିତ କ୍ରିୟାନୁଷ୍ଠାନ କମିଟି ଓ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ପକ୍ଷରୁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯାଇଅଛି। ଗୁରୁବାର ଏହି ଧାରଣା ୯ଦିନରେ ପହଞ୍ଚିଛି। ଉପ ଜିଲାପାଳ ଭବତାରଣ ସାହୁ ଏବଂ ଏଡିଏମ ବିଜୟ କୁମାର ସାହୁ ଗୁରୁବାର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ୭ ଦିନ ମଧ୍ୟରେ ଦାବି ସମ୍ପର୍କରେ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ କହିଥିଲେ। କୌଣସି ନିଷ୍ପତି ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସଂଗ୍ରାମ ସମିତିର ସମ୍ପାଦକ ଭୀମସେନ ସ୍ୱାଇଁ ପ୍ରଶାସନକୁ ଜଣାଇଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ଫେରଯାଇଥିଲେ। ଏହି ଆଲୋଚନାରେ ସୁରେନ୍ଦ୍ର ନାଥ ଜେନା, ବିଦ୍ୟାଧର ସ୍ୱାଇଁ, ଯୁଧିଷ୍ଠିର ନାୟକ, ବାବାଜି ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

### କୁକୁଡ଼ା ପାଳନ ପାଇଁ ସହାୟତା

ସାକ୍ଷୀଗୋପାଳ,୧୦।୧୨(ଡି.ଏନ୍.ଏ.): ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକ ଆତ୍ମା କମିଟି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ଜଣ ମହିଳାଙ୍କୁ କୁକୁଡ଼ା ପାଳନ ନିମନ୍ତେ ସହାୟତା ପ୍ରଦାନ କରାଯାଇଛି। ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ବଣିଆସାହିଠାରେ ୭ଜଣ ମହିଳାଙ୍କୁ ୨୫ଟି ଲେଖାଏ ବନରାଜ କୁକୁଡ଼ା ଛୁଆ ମୁଖ୍ୟ ଅତିଥି ସତ୍ୟବାଦୀ ବ୍ଲକ ଅତ୍ମା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜ୍ଞାନରଞ୍ଜନ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସତ୍ୟବାଦୀ ବ୍ଲକର ପରଜାପଡ଼ା ପଞ୍ଚାୟତର ୬ଜଣ, ମହୁରା ପଞ୍ଚାୟତର ୧୩ଜଣ ଏବଂ ଜୟପୁର ପଞ୍ଚାୟତର ୪ଜଣ ମହିଳାଙ୍କୁ କୁକୁଡ଼ା ଛୁଆ ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ସୋମନାଥ ମୁଦୁଲି, ପୂର୍ବତନ ସମିତି ସଭ୍ୟ ଶଙ୍କର ପ୍ରଧାନ, ଶରତ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୯୨୨୨ ସ୍ୱାସ୍ଥ୍ୟକର୍ମୀ ନେବେ କୋଭିଡ୍ ଟିକା

**ପୁରୀ ଜିଲାରେ ପ୍ରଥମ ପର୍ଯ୍ୟାୟ ଟିକାକରଣ ପ୍ରସ୍ତୁତି**
- ୨୦ ସୁଦ୍ଧା ସଂଗ୍ରହ ହେବ ବ୍ଲକସ୍ତରୀୟ ରିପୋର୍ଟ
- ଆଜି ବୈଠକ କରିବେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ

ପୁରୀ ଅଫିସ, ୧୦।୧୨

ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ପୁରୀ ସମେତ ବିଭିନ୍ନ ଜିଲାରେ ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ଏହାସତ୍ତ୍ୱେ ଟିକା (ଭାକ୍ସିନ) କେବେ ଆସିବ ତାକୁ ସମସ୍ତେ ଚାହିଁବସିଛନ୍ତି। ଆସନ୍ତା ୨୦୨୧ ଜାନୁୟାରୀ ସୁଦ୍ଧା ଭାରତରେ କୋଭିଡ୍ ଟିକା ଉପଲବ୍ଧ ହେବ ବୋଲି ସୂଚନା ମିଳିଲାଣି। ତେଣୁ ରାଜ୍ୟ ସରକାର ଟିକାକରଣକୁ ଗୁରୁତ୍ୱ ଦେଇ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କ୍ରମରେ ପୁରୀ ଜିଲାରେ କୋଭିଡ୍ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲାରେ ମୋଟ ୯୨୨୨ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ସେମାନଙ୍କ ମଧ୍ୟରେ ୮୯୨୬ ଜଣ ସରକାରୀ ଓ ୨୯୬ ଜଣ ଘରୋଇ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ଏ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇସାରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରସ୍ତୁତି ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ, ମିଲିଟାରୀ କର୍ମଚାରୀ ଓ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦିଆଯିବ ବୋଲି ଜଣାପଡ଼ିଛି।

ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଦେବୀ ମହାପାତ୍ରଙ୍କ ସୂଚନା ମୁତାବକ, ଆସନ୍ତା ୨୦ ତାରିଖ ସୁଦ୍ଧା ବିଡିଓମାନଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରରେ ଟିକାକରଣ ସଂକ୍ରାନ୍ତ ବୈଠକ ହେବ। ବ୍ଲକସ୍ତରୀୟ ରିପୋର୍ଟ ତୁରନ୍ତ ଦାଖଲ ଲାଗି ବିଡିଓମାନଙ୍କୁ କୁହାଯାଇଛି। ଜିଲାରେ ଥିବା ୪୩ଟି ଇଣ୍ଟେନସିଭ ଲିନିୟର ରେଫ୍ରିଜରେଟର (ଆଇଏଲ୍ଆର୍)ରେ ଟିକା ରଖାଯିବ। ଜିଲାରେ ଯେଉଁ ସୁବିଧା ରହିଛି ସେଥିରେ କେବଳ କୋଭାକ୍ସିନ କିମ୍ବା କୋଭିସିଲ୍ଡ ଭାକ୍ସିନ ରହିପାରିବ। ଏହି ଦୁଇ ପ୍ରକାର ଭାକ୍ସିନ +୨ ଡିଗ୍ରୀ ସେଲ୍‌ସିୟସରୁ +୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଥିବା ରେଫ୍ରିଜରେଟର ଭିତରେ ରହିପାରିବ। ଫାଇଜର ଭାକ୍ସିନ ଲାଗି -୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବିଶିଷ୍ଟ ରେଫ୍ରିଜରେଟର ରହିଛି। ଏହି ଧରଣର ଆଇଏଲ୍ଆର୍ ସୁବିଧା ଜିଲାରେ ନ ଥିବା ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଦିଆଯାଇଛି ବୋଲି ମହାପାତ୍ର କହିଛନ୍ତି। ଏଥିସହ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବୈଠକ ବସିବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ।

ଅନ୍ୟପକ୍ଷରେ ଦେଶରେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ସ୍ୱାସ୍ଥ୍ୟକର୍ମୀ ଟିକା ନେବେ। ଏହାପରେ ୨କୋଟି ପୋଲିସ କର୍ମଚାରୀ, ଯବାନ ଓ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦିଆଯିବ। ତୃତୀୟ ପର୍ଯ୍ୟାୟରେ ଆଉ ୩୦ କୋଟି ଲୋକଙ୍କୁ ଟିକା ମିଳିବ। ସେମାନଙ୍କ ମଧ୍ୟରେ ୫୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ରହିଥିବା ଜଣାପଡ଼ିଛି।

# ପର୍ଯ୍ୟଟକଙ୍କ ସୁରକ୍ଷା ସଂକ୍ରାନ୍ତ ମକ୍‌ଡ୍ରିଲ



ପୁରୀ ଅଫିସ, ୧୦।୧୨

ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା କିପରି ହୋଇପାରିବ ସେ ନେଇ ଏସ୍‌ପି କନୱର ବିଶାଲ ସିଂଙ୍କ ନେତୃତ୍ୱରେ ପୁରୀର ଦୁଇଟି ସ୍ଥାନରେ ଗୁରୁବାର ମକ୍‌ଡ୍ରିଲ କରାଯାଇଛି। ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ରକୂଳରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଲାଇଫ୍‌ଗାର୍ଡ ଏବଂ ସେଠାରେ ଉପସ୍ଥିତ ରହୁଥିବା ହୋମଗାର୍ଡମାନେ ଏଥିରେ ସାମିଲ ହୋଇଥିଲେ। କେହି ପର୍ଯ୍ୟଟକ ଯଦି ସମୁଦ୍ରରେ ବୁଡ଼ିଯାନ୍ତି ତା'ହେଲେ ତାଙ୍କୁ କିଭଳି ଉଦ୍ଧାର କରାଯାଇପାରିବ ତାହାକୁ ମକ୍‌ଡ୍ରିଲ ମାଧ୍ୟମରେ କୌଶଳ ପ୍ରଦର୍ଶନ ପୂର୍ବକ ବୁଝାଇ ଦିଆଯାଇଥିଲା।

# 'ଶ୍ରୀମନ୍ଦିର ଖୋଲ, ବହୁ କ୍ଷତି ହେଲାଣି'




ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ପୁରୀ ଜିଲା ଶାଖା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଧାରଣା ।

ପୁରୀ ଅଫିସ, ୧୦।୧୨

କରୋନା କଟକଣା ପାଇଁ ଗତ ୯ମାସ ହେଲା ଶ୍ରୀମନ୍ଦିର ବନ୍ଦ ରହିଛି। ଏଥିଯୋଗୁ ବହୁ କ୍ଷତି ହେଲାଣି। ତେଣୁ ତୁରନ୍ତ ଶ୍ରୀମନ୍ଦିର ଖୋଲିବାକୁ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ପୁରୀ ଜିଲା ଶାଖା ଦାବି କରିଛି। ଏ ନେଇ ଗୁରୁବାର ସଙ୍ଗଠନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା।

ସଙ୍ଗଠନର କର୍ମକର୍ତ୍ତାମାନେ କହିଛନ୍ତି ଯେ, ଶ୍ରୀମନ୍ଦିର ବନ୍ଦ ଥିବାରୁ ମହାପ୍ରଭୁଙ୍କ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ହେଉଥିବାବେଳେ ସେବକମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଆଗରୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସୁଥିଲେ। ସେମାନେ ଶ୍ରୀମନ୍ଦିର ଦର୍ଶନ କରିବା ସହ ବେଳାଭୂମି ବୁଲୁଥିଲେ। ଅନେକ ଭକ୍ତ ଓ ପର୍ଯ୍ୟଟକ ହୋଟେଲଗୁଡ଼ିକରେ ରହୁଥିଲେ। ପୁରୀରୁ ବିଭିନ୍ନ ଜିନିଷ କିଣାକିଣି କରି ଫେରୁଥିଲେ। ମାତ୍ର ଏବେ ବି କଟକଣା ବଳବତ୍ତର ଥିବାରୁ ଚିତ୍ର ବଦଳି ନାହିଁ। ଏହାଦ୍ୱାରା ହୋଟେଲ ଶିଳ୍ପ ପ୍ରଭାବିତ ହେବା ସହ ଛୋଟବଡ ବ୍ୟବସାୟୀ କ୍ଷତି ସହିଲେଣି। ସେହିପରି ଶ୍ରୀମନ୍ଦିର ବନ୍ଦ ରହିଥିବାରୁ ସେବାୟତଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି। ବ୍ୟବସାୟରେ କ୍ଷତି ହେବା କାରଣରୁ ଯୁବପିଢି ମଧ୍ୟ ରୋଜଗାର ହରାଇଲେଣି। ଭକ୍ତମାନେ ଦାରୁଦିଅଁଙ୍କ ଦର୍ଶନ ନ ପାଇ ସିଂହଦ୍ୱାର ସାମ୍ନାରେ ଲୁହ ଗଡ଼ାଉଛନ୍ତି। ଏଭଳି ସ୍ଥିତିରେ ତୁରନ୍ତ ଶ୍ରୀମନ୍ଦିର ଖୋଲିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# ଡେଲାଙ୍ଗ, ପିପିଲିରେ ଖୋଲିବ ଆଦର୍ଶ ବିଦ୍ୟାଳୟ

**ଆଜି ଜମି ଚିହ୍ନଟ**

ପୁରୀ ଅଫିସ, ୧୦।୧୨

ପୁରୀ ଜିଲାର ଡେଲାଙ୍ଗ ଓ ପିପିଲି ବ୍ଲକରେ ୨ଟି ଆଦର୍ଶ ବିଦ୍ୟାଳୟ ଖୋଲାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଏଥିଲାଗି ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜମି ଚିହ୍ନଟ ହେବ। ଏହି ଅବସରରେ ଉଭୟ ବ୍ଲକର ଶିକ୍ଷା ଅଧିକାରୀ (ବିଇଓ) ଏବଂ ଆର୍‌ଆଣ୍ଡବି ବିଭାଗର କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିବେ। ପିପିଲି ବ୍ଲକର ଗୋବିନ୍ଦପୁର ଓ ଡେଲାଙ୍ଗ ବ୍ଲକର ବେରବୋଇ ଅଞ୍ଚଳରେ ଜମି ଚିହ୍ନଟ କରାଯିବ। ଜମି ଚିହ୍ନଟ ପ୍ରକ୍ରିୟା ସରିବା ପରେ ବିଦ୍ୟାଳୟ ନିର୍ମାଣ ଲାଗି ଆର୍‌ଆଣ୍ଡବି ପକ୍ଷରୁ ଟେଣ୍ଡର ଡକାଯିବ।

# 'ଶଙ୍କରାଚାର୍ଯ୍ୟଙ୍କୁ ଦୂରେଇ ରଖାଯିବା ଦୁଃଖଦାୟକ'

**ନାଗାର୍ଜୁନ ବେଶ ଦର୍ଶନ ପ୍ରସଙ୍ଗ**

ପୁରୀ ଅଫିସ, ୧୦।୧୨

ନାଗାର୍ଜୁନ ବେଶ ଦର୍ଶନରୁ ସାଧାରଣ ଲୋକେ ବଞ୍ଚିତ ହେବା ଦୁଃଖଦାୟକ। ମାତ୍ର ଶ୍ରୀମନ୍ଦିର ପରିଚାଳନାର ଧାର୍ମିକ ମାର୍ଗଦର୍ଶକ ଶଙ୍କରାଚାର୍ଯ୍ୟଙ୍କୁ ଉକ୍ତ ଦୁର୍ଲଭ ବେଶରୁ ଦୂରେଇ ରଖିବା ଏହାଠୁ ଅଧିକ ଦୁଃଖଦ ଘଟଣା ବୋଲି ଶ୍ରୀମନ୍ଦିର ଭକ୍ତ ପରିଷଦ ପକ୍ଷରୁ ଗୁରୁବାର ଅଭିଯୋଗ କରାଯାଇଛି।

ଗୁରୁବାର ଏଠାରେ ଏକ ଖବରଦାତା ସମ୍ମିଳନୀ କରି ଶ୍ରୀମନ୍ଦିର ଭକ୍ତ ପରିଷଦ କହିଛି ଯେ, ଶ୍ରୀମନ୍ଦିର ସମ୍ପର୍କିତ ଧାର୍ମିକ ପରାମର୍ଶ କ୍ଷେତ୍ରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ। ତେବେ ଏଥର ସେବକମାନଙ୍କୁ ନାଗାର୍ଜୁନ ବେଶ ଦର୍ଶନ ଲାଗି ସୁଯୋଗ ଦିଆଗଲା। ଅର୍ଥାତ୍ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ କରାଗଲା ନାହିଁ। ଏହା ଜଗନ୍ନାଥପ୍ରେମୀଙ୍କ ପାଇଁ ବଡ ଦୁଃଖର ଘଟଣା। ଏ ଦିଗରେ ପଦକ୍ଷେପ ନିଆଯିବା ଉଚିତ।

# ଛତିଶା ନିଯୋଗ ବୈଠକ ପାଇଁ ଚିଠି

ପୁରୀ ଅଫିସ, ୧୦।୧୨: ଶ୍ରୀମନ୍ଦିର ଖୋଲିବା ନେଇ ପରିଚାଳନା କମିଟି ସେବାୟତମାନଙ୍କ ସହିତ ବୁଧବାର ମୁଖ୍ୟ ପ୍ରଶାସକ ଆଲୋଚନା କରିଥିଲେ। ତେବେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ତେଣୁ ଏ ନେଇ ଆସନ୍ତା ୧୨ ତାରିଖରେ ଛତିଶା ନିଯୋଗ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କେବେ ମନ୍ଦିର ଖୋଲିବ, କେତେ ଭକ୍ତ ଦର୍ଶନ କରିବେ ଏବଂ କେଉଁ ପ୍ରକାରର ବ୍ୟବସ୍ଥା ହେବ ସେନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେବ। ଏହି ବୈଠକ ଲାଗି ଗୁରୁବାର ସମସ୍ତ ସେବାୟତ ନିଯୋଗକୁ ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି।

# ଶରଣକୂଳରୁ ଶ୍ରୀକ୍ଷେତ୍ର



ଦାରୁଦିଅଁଙ୍କ ଦର୍ଶନ ଲାଗି ବୃଦ୍ଧାଙ୍କ ଜିଦ୍

ପୁରୀ ଅଫିସ, ୧୦।୧୨

ମହାପ୍ରଭୁଙ୍କ ଦର୍ଶନ ପାଇଁ ଜଣେ ବୃଦ୍ଧା ଗୁରୁବାର ବଡ଼ଦାଣ୍ଡରେ ଅଡ଼ି ବସିଛନ୍ତି। 'କାଳିଆକୁ ଦର୍ଶନ କରିବି, ମତେ ଟିକେ ମନ୍ଦିର ଭିତରକୁ ନେଇଯାଅ। ଏ ଆଖି ବହୁଦିନରୁ ଚକାଆଖିକୁ ଦେଖିନି। କାଳିଆକୁ ନ ଦେଖିଲା ପର୍ଯ୍ୟନ୍ତ ଏଠାରୁ ଜମା ଯିବିନି'। ଏଭଳି ଜିଦ୍ ଧରି ବୃଦ୍ଧା ଜଣକ ଦୀର୍ଘ ସମୟ ବଡ଼ଦାଣ୍ଡରେ ବସିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପଚାରିବାରେ ସେ ନୟାଗଡ଼ ଜିଲା ଶରଣକୁଳରୁ ଆସିଥିବା କହିଥିଲେ। ତାଙ୍କ ବୟସ ପ୍ରାୟ ୮୧ ବର୍ଷ ହେବ। ପରିଣତ ବୟସରେ ବି ସେ କଷ୍ଟେମଷ୍ଟେ ଶ୍ରୀକ୍ଷେତ୍ରକୁ ଆସିଥିବା ଜଣାପଡ଼ିଥିଲା। ତାଙ୍କ କଥା ଶୁଣି କେତେଜଣ ଶ୍ରଦ୍ଧାଳୁ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ।

# ଆଧାର ସେବା କେନ୍ଦ୍ର ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୧୦।୧୨(ଡି.ଏନ୍.ଏ.)

ସ୍ଥାନୀୟ ବସଷ୍ଟାଣ୍ଡ ନିକଟ ଜନସେବା କେନ୍ଦ୍ରରେ ଆଧାର ସେବା କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପେଣ୍ଠପଡା ସରପଞ୍ଚ ବାସନ୍ତୀ ବେହେରା ଯୋଗଦେଇ ସେବାକେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଜନସେବା କେନ୍ଦ୍ର ପରିଚାଳକ ରମେଶ ଚନ୍ଦ୍ର ପଣ୍ଡା, ବିଶ୍ୱ ଭୂଷଣ ପଟ୍ଟନାୟକ, ପୀୟୁଷ କୁମାର ଜେନା, ଜଗନ୍ନାଥ ଦାଶ, ନିରଞ୍ଜନ ବେହେରା, ସୁରେଶ କୁମାର ସାହୁ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ଦୀର୍ଘ ୩ ବର୍ଷ ଧରି ଆଧାର ସଂଶୋଧନ ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ତଦନ୍ତ କଲେ ତହସିଲଦାର

କୋଣାର୍କ,୧୦।୧୨(ଡି.ଏନ୍.ଏ)

ସୂର୍ଯ୍ୟମନ୍ଦିର ପରିସରରୁ ବାଲି ଚୋରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ଗୋପ ତହସିଲଦାର ପ୍ରେମାଂଶୁ ଚାନ୍ଦ ଏବଂ କୋଣାର୍କ ରାଜସ୍ୱ ନିରୀକ୍ଷକ ସତ୍ୟବାଦୀ ଚିନେରା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। କିଭଳି ଓ କାହା ଇଙ୍ଗିତରେ ଏଏସ୍ଆଇର ଜଣେ କାଜୁଆଲ ଶ୍ରମିକ ସୂର୍ଯ୍ୟମନ୍ଦିର ନିଷିଦ୍ଧାଞ୍ଚଳରୁ ବାଲି ଓ ପଥର ନେଇ ନିଜ ଫାର୍ମ ହାଉସ ନିକଟରେ ଜମା କରିଛନ୍ତି ତାହା ତଦନ୍ତ ପରିସରଭୁକ୍ତ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୂର୍ଯ୍ୟମନ୍ଦିର ପରିସରରୁ ବାଲି ଓ ମୂଲ୍ୟବାନ ପଥର ଚୋରା ଚାଲାଣ ନେଇ କୋଣାର୍କ ସୁରକ୍ଷା ସମିତି ଏବଂ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୋଣାର୍କ ଥାନାରେ ଅଭିଯୋଗ କରାଯାଇଥିଲା ଏହି ଘଟଣାରେ ଜଡ଼ିତ ଥିବା ଏଏସ୍ଆଇ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଚାନ୍ଦଙ୍କୁ ପଚାରିବାରେ କହିଛନ୍ତି, ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏଠାରୁ ବହୁ ପରିମାଣର ବାଲି ଓ ପଥର ଅନ୍ୟତ୍ର ଚାଲାଣ ହୋଇଛି। ଏ ସଂକ୍ରାନ୍ତରେ ଏଏସ୍ଆଇ ଅଧିକାରୀଙ୍କୁ ଡିମାଣ୍ଡ ନୋଟିସ ପଠାଯିବ। ଏଥିସହ ପଥର ଚୋରି ଘଟଣାର ତଦନ୍ତ ପାଇଁ ପୋଲିସକୁ ଲିଖିତ ଭାବେ ଅବଗତ କରାଯିବ। ଅନ୍ୟପକ୍ଷରେ ବାଲି, ପଥର ଓ ମୂର୍ତ୍ତି ଚୋରି ଅଭିଯୋଗ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୋଣାର୍କ ସୁରକ୍ଷା ସମିତି ଏବଂ କୋଣାର୍କ ଆଞ୍ଚଳିକ ବିକାଶ ପରିଷଦ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ନଚେତ ଆସନ୍ତା ୧୫ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବା ସହ ସୂର୍ଯ୍ୟମନ୍ଦିରରେ ତାଲା ପକାଯିବ ବୋଲି ଆଞ୍ଚଳିକ ବିକାଶ ପରିଷଦର ସଭାପତି ସୁବାସ ଚନ୍ଦ୍ର ନାୟକ ଏବଂ ସୁରକ୍ଷା ସମିତି ଆବାହକ ଭାଗୀରଥି ସ୍ୱାଇଁ କହିଛନ୍ତି।



ଗୋପ ତହସିଲଦାର ପ୍ରେମାଂଶୁ ଚାନ୍ଦ ଏବଂ କୋଣାର୍କ ଆର୍‌ଆଇ ସତ୍ୟବାଦୀ ଚିନେରା ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

**ସୂର୍ଯ୍ୟମନ୍ଦିର ପରିସରରୁ ବାଲି ଚୋରି ଘଟଣା**
- ଏଏସ୍ଆଇ ଅଧିକାରୀଙ୍କୁ ପଠାଯିବ ଡିମାଣ୍ଡ ନୋଟିସ
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ୧୫ରୁ ଆନ୍ଦୋଳନ



ପୁରୀ ପୋଲିସ ପକ୍ଷରୁ ବଳଗଣ୍ଡି ସ୍କୁଲ ପରିସରରେ ଗୁରୁବାର ଆୟୋଜିତ ରକ୍ତଦାନ ଶିବିରରେ ଏସ୍‌ପି କନୱର ବିଶାଳ ସିଂ ଏବଂ ଅନ୍ୟମାନେ।

# 'ଦଳିତଙ୍କ ପ୍ରତି ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରହିବ'

ପିପିଲି,୧୦।୧୨(ସ୍ୱ.ପ୍ର.)




ରାଜ୍ୟସ୍ତରୀୟ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

ସମାଜରେ ଦଳିତଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ସଂଗ୍ରାମ ସର୍ବଦା ଜାରି ରହିବ। ଦଳିତଙ୍କ ଅଧିକାର ସାବ୍ୟସ୍ତ କରିବା ଏବଂ ଅତ୍ୟାଚାରରୁ ସେମାନଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହେଉଛନ୍ତି ବୋଲି ଗୁରୁବାର ପିପିଲି ବ୍ଲକ କ୍ରିଷ୍ଣାଗାର୍ଡେନଠାରେ ଆୟୋଜିତ ଜାତୀୟ ଦଳିତ, ଆଦିବାସୀ ମାଇନୋରିଟି ମହାସଂଘର ରାଜ୍ୟସ୍ତରୀୟ ସମାବେଶରେ ଅତିଥିମାନେ କହିଛନ୍ତି। ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ୍ ମଙ୍ଗରାଜ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଆଇନଜୀବୀ ହଳଧର ସେଠୀ, ସମ୍ମାନିତ ଅତିଥିଭାବେ ଭିମ୍ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ୍ୱର ରାଉଳ, ଭିମ୍ ଆର୍ମିର ରାଜ୍ୟ ପ୍ରଭାରି ନିହାର ରଞ୍ଜନ ସାମଲ, ମହାସଂଘର ଆଇନଜୀବୀ କବିରାଜ ପ୍ରଧାନ, ମହାସଂଘର ଉପଦେଷ୍ଟା ପ୍ରବୀଣ ହାଲଦାର ପ୍ରମୁଖ ଯୋଗଦେଇଥିଲେ। ସମାଜରେ ଦଳିତ ଆଦିବାସୀଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ସହ ଆଇନ ପରିସରରେ ସେମାନଙ୍କୁ ସୁବିଧା ସୁଯୋଗ ଏବଂ ନ୍ୟାୟ ପ୍ରଦାନ ନିମନ୍ତେ ସମସ୍ତେ ଆଗେଇ ଆସିବା ଦରକାର ବୋଲି ଅତିଥିମାନେ କହିଥିଲେ। ଆଗାମୀ ଦିନରେ ଦଳିତଙ୍କ ଉପରେ ସାମାଜିକ ଶୋଷଣ ରୋକିବାରେ ସରକାର ସମର୍ଥ ନ ହୁଅନ୍ତି, ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ପିପିଲି ଅଞ୍ଚଳର ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶହେ ଜଣଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ରାଜ୍ୟର ୬ ଜିଲାର ପ୍ରତିନିଧିଙ୍କ ସହ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ୨ ଲୁଟ୍ ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଦୁଇଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଲିଆସାହିର ସୁବ୍ରତ ନାୟକ ଓ ନିବାସ ନାୟକ। ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ପୋଲିସ ଦୁଇଟି ମୋବାଇଲ ଫୋନ ଜବତ କରିଛି। ବସ୍ତିବିକାଶ ପରିଷଦ ସାଲିଆ ସାହିରେ ରହୁଥିବା ଚନ୍ଦନ ବାଗ(୩୫) ଗତ ୮ ତାରିଖ ସନ୍ଧ୍ୟାରେ ଯାଉଥିବାବେଳେ ଅଭିଯୁକ୍ତଦ୍ୱୟ ଏକ ବାଇକରେ ଆସି ତାଙ୍କଠାରୁ ମୋବାଇଲ ଫୋନ ଝାମ୍ପି ନେଇଥିଲେ।

**ସଂକ୍ଷେପରେ**

## ମାନବାଧିକାର ଉଲ୍ଲଂଘନ ପ୍ରତି ଲୋକେ ସଚେତନ ହେଉଛନ୍ତି

ଭୁବନେଶ୍ୱର,୧୦।୧୨(ବ୍ୟୁରୋ): ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍ସି) ପକ୍ଷରୁ ଗୁରୁବାର ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଓଏଚ୍ଆର୍ସି ଅଧକ୍ଷ ଜଷ୍ଟିସ୍ ବି.କେ. ପଟେଲ୍ ଏଥିରେ ସଭାପତିତ୍ୱ କରି କହିଲେ, ଶାସନକୁ ବ୍ୟବସ୍ଥିତ କରିବା ଓ ଜନସାଧାରଣଙ୍କୁ ସେମାନଙ୍କର ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ଅଧିକାର ପ୍ରଦାନ କରିବା ପାଇଁ ଆୟୋଗ କାର୍ଯ୍ୟ କରିଆସୁଛି। ବର୍ତ୍ତମାନ ସୁଦ୍ଧା ଜନସାଧାରଣଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା କ୍ଷେତ୍ରରେ ଆୟୋଗ ବହୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛି। ସମୟକ୍ରମେ ମାନବାଧିକାର ଉଲ୍ଲଂଘନ ଏକ ସାଂଘାତିକ ବ୍ୟାପାର ବୋଲି ଲୋକେ ଉପଲବ୍ଧି କଲେଣି। ଗତ ଡିସେମ୍ବର ୧ ସୁଦ୍ଧା ପ୍ରାୟ ୩୪୧୯ ଅଭିଯୋଗ ଆୟୋଗ ଗ୍ରହଣ କରିଥିବା ସେ କହିଥିଲେ। ଆୟୋଗ କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ପ୍ରତିବର୍ଷ ବିଭିନ୍ନ ମାମଲାରେ ଅଧିକରୁ ଅଧିକ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ମହିଳା, ଶିଶୁ, ବୟସ୍କ, ଅସମର୍ଥ, ବୃଦ୍ଧାବସ୍ଥାରେ ରୋଗଯୋଗୁ ଦୁର୍ବଳ, ମାନସିକ ଅନଗ୍ରସର, ହାଜତରେ ଥିବା ବ୍ୟକ୍ତିଙ୍କ ଅଭିଯୋଗ, ସାମାଜିକ ସୁଯୋଗରୁ ବଞ୍ଚିତଙ୍କ ଅଧିକାରକୁ ସୁରକ୍ଷା ଦେବା ଦିଗରେ ଅଗ୍ରାଧିକାର ଭିତ୍ତିରେ ଆୟୋଗ ପଦକ୍ଷେପ ନେଇ ଆସିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଏଚ୍ଆର୍ସି ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶ, ଅସୀମ ଅମିତାଭ ଦାଶ, ଅତିରିକ୍ତ ପୋଲିସ ଡିଜି(ଇନ୍ଭେଷ୍ଟିଗେଶନ୍) ବିଜୟାନନ୍ଦ ଝା, ସଚିବ ସୁନୀଲ ନାୟକ, ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ, ସହକାରୀ ରେଜିଷ୍ଟ୍ରାର ବିଶ୍ୱଜିତ ଚନ୍ଦ୍ର ବର୍ମନ ପ୍ରମୁଖ ଉପସ୍ଥିତ ଥିଲେ।

## କୋରିଅର କର୍ମଚାରୀଙ୍କୁ ମାଡ଼: ୨ ଭାଇ ଗିରଫ

ବାରଙ୍ଗ,୧୦।୧୨(ଡି.ଏନ୍.ଏ.): କୋରିଅର କମ୍ପାନୀର କର୍ମଚାରୀକୁ ମାଡ଼ ମାରିବା ସହ ଇଅରଫୋନ ଛଡାଇ ନେବା ଅଭିଯୋଗରେ ଗୋଡ଼ିସାହି ଫାଣ୍ଡି ପୋଲିସ ଗୁରୁବାର ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମାନେ ହେଲେ ସାଧବାଣୀପୁର ଗ୍ରାମର ଅଭିରାମ ରାଉତ ଓ ଅଜିତ୍ ରାଉତ। ସୂଚନା ମୁତାବକ, ଗୋଡ଼ିସାହି ଫାଣ୍ଡି ଅଧୀନ ସାଧବାଣୀପୁର ଗ୍ରାମର ଅଭିରାମ ଫ୍ଲିପକାର୍ଟରେ ଏକ ଇୟରଫୋନ ମଗାଇଥିଲେ। କୋରିଅର କମ୍ପାନୀର କର୍ମଚାରୀ ରାକେଶ ବେହେରା ଏହି ଇଅର ଫୋନକୁ ବୁଧବାର ନେଇ ଆସିଥିଲେ। ଅଭିରାମ ଗୋଡିସାହି ଫାଣ୍ଡି ନିକଟକୁ ଆସିବାକୁ ଅଶୋକଙ୍କୁ କହିଥିଲେ। ଅଶୋକ ପହଞ୍ଚିବା ପରେ ଅଭିରାମ ଏବଂ ଅଜିତ ସେଠାରେ ପହଞ୍ଚି ଅଶୋକଙ୍କୁ ମାଡ଼ ମାରି ଇଅର ଫୋନକୁ ଛଡ଼ାଇ ନେଇଥିଲେ। ଏନେଇ ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୧/୨୦)ରୁଜୁକରି ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା।

# ‘ବ୍ଲାକ୍ ସ୍ପଟ୍’ ଭୁଲିଗଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଗାଡ଼ିମୋଟର ସହ ବଢ଼ି ଚାଲିଛି ଦୁର୍ଘଟଣା। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଜୀବନ ପରେ ଜୀବନ ଯାଉଛି। ଅନେକ ନିୟମ ଓ କଟକଣା ସତ୍ତ୍ୱେ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିହେଉନି। ବେପରୁଆ ଗାଡିଚାଳନା ଯୋଗୁ ଯେତିକି ଦୁର୍ଘଟଣା ଘଟୁଛି, ରାସ୍ତାର ତ୍ରୁଟିପୂର୍ଣ୍ଣ ଭୌଗୋଳିକ ସ୍ଥିତି ଏହାକୁ ବହୁଗୁଣିତ କରୁଛି। ଦେଶରେ ୮୦ ଭାଗରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଏହି କାରଣରୁ ଘଟିଥିବା ତଥ୍ୟ କହୁଛି। ବିଶେଷକରି ଏହି କାରଣରୁ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଗତବର୍ଷ ରାଜପଥରେ ଲଗାତାର ୫ରୁ ଊର୍ଦ୍ଧ୍ୱ ଜୀବନ ଯିବାପରେ କମିଶନରେଟ ପୋଲିସର ଚେତା ପଶିଥିଲା। ଦୁର୍ଘଟଣା ଓ ମୃତ୍ୟୁକୁ ଏଡ଼ାଇବା ପାଇଁ ରାଜପଥର ୫ ସ୍ଥାନରେ ‘ବ୍ଲାକ୍ ସ୍ପଷ୍ଟ’ ଚିହ୍ନଟ କରାଯାଇଥିଲା। ଉକ୍ତ ସ୍ଥାନଗୁଡ଼ିକ ହେଲା ଯାଁଳା, ଆଇଗିଣିଆ, ନୟାପଲ୍ଲୀ ସିଦ୍ଧାର୍ଥ ହୋଟେଲ ସାମ୍ନା ରାସ୍ତା, ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଏବଂ ପାହାଳ। ଏହିସବୁ ସ୍ଥାନର ଭୌଗୋଳିକ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରାଯାଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ସେଠାରେ ସ୍ପିଡ୍ ବ୍ରେକର୍, ଦୁର୍ଘଟଣା ପ୍ରବଣ ଅଞ୍ଚଳ ସାଇନ୍ ବୋର୍ଡ, ରାତିରେ ରାସ୍ତା ଜାଣିବା ପାଇଁ ରେଡିୟମ୍ ଲଗାଯିବା ନେଇ ତତ୍କାଳୀନ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଥିଲେ। ଏଥିସହିତ ଦିନ ୯ଟାରୁ ରାତି ୯ଟା ଯାଏ ଉକ୍ତ ସ୍ଥାନଗୁଡ଼ିକରେ ବ୍ୟାରିକେଡ୍ ଲଗାଯିବ। ଯାନବାହନଗୁଡ଼ିକର ବେଗ ନିୟନ୍ତ୍ରଣ ଲାଗି ଇଣ୍ଟରସେପ୍ଟର ବ୍ୟବହାର କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଏଥିମଧ୍ୟରୁ କୌଣସିଟି ପାଳନ କରାଯାଇନାହିଁ। କମିଶନରେଟ ପୋଲିସର ସେତେବେଳର ତତ୍ପରତା ଏବେ ପ୍ରହସନରେ ପରିଣତ ହୋଇଛି। କମିଶନର ପରିବର୍ତ୍ତନ ହେବାପରେ ପୋଲିସ ‘ବ୍ଲାକ୍ ସ୍ପଟ୍’ କଥା ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଛି। ଏସବୁ ବ୍ଲାକ୍ ସ୍ପଟ୍ ଅଞ୍ଚଳରେ ଏବେ ଦୁର୍ଘଟଣା ବଢ଼ିଚାଲିଛି। ଏନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

### ପୁଣି ଜୀବନ ଗଲେ ମୁଣ୍ଡରେ ପଶିବ



- ଭୁବନେଶ୍ୱର ରାଜପଥରେ ଚିହ୍ନଟ ହୋଇଥିଲା ୫ ବ୍ଲାକ୍ ସ୍ପଟ୍
- ଲଗାତାର ୫ ଜୀବନ ଯିବା ପରେ ତତ୍ପରତା ପ୍ରକାଶ ପାଇଥିଲା

### ଫ୍ଲାଏ ଓଭରବ୍ରିଜ୍‌ରେ ଯାଞ୍ଚ, ସଚେତନତା ବନ୍ଦ

ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ବହୁ ସ୍ଥାନରେ ଓଭରବ୍ରିଜ୍ ରହିଛି। ଅଧିକାଂଶ ଦୁର୍ଘଟଣା ବ୍ରିଜର ଦୁଇ ପାର୍ଶ୍ୱରେ ହିଁ ଘଟିଥାଏ। ଏହି ଅଂଶରେ ସର୍ଭିସ୍ ରୋଡ୍ ସଂଯୋଗ କରୁଥିବାରୁ ଜୀବନ ଯାଇଥାଏ। ଲୋକେ ମଧ୍ୟ ଓଭରବ୍ରିଜ୍‌କୁ ରଙ୍ଗ୍ ସାଇଡ୍‌ରେ ପ୍ରବେଶ କରି ଦୁର୍ଘଟଣାର ଶିକାର ହୋଇଥାନ୍ତି। ଓଭରବ୍ରିଜ୍ ଉପରେ ବାରମ୍ବାର ଦୁର୍ଘଟଣା ଘଟିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯାଞ୍ଚ ଜୋର୍‌ଦାର ହୋଇଥିଲା। ଆର୍‌ଟିଓ ଓ ପୋଲିସ ମିଳିତ ଭାବେ ରସୁଲଗଡ଼ରୁ ବରମୁଣ୍ଡା ପର୍ଯ୍ୟନ୍ତ ଓଭରବ୍ରିଜ୍‌ରେ ରହି ଯାଞ୍ଚ ସହ ଉଲ୍ଲଂଘନକାରୀଙ୍କୁ ସଚେତନ କରିଥିଲା। କିନ୍ତୁ ଏହାର ସ୍ଥାୟୀ ସମାଧାନର ପନ୍ଥା ବାହାର କରାଗଲାନି। କିଛିଦିନ ପରେ ଯାଞ୍ଚ ଓ ସଚେତନତା ପୂରା ବନ୍ଦ ହୋଇଗଲା।

### ବ୍ଲାକ୍ ସ୍ପଟ୍ କ’ଣ?

ବ୍ଲାକ୍ ସ୍ପଟ୍ ହେଉଛି ରାସ୍ତାର ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ସ୍ଥାନ। ଏହାର କରିଡର ୫ଶହ ମିଟର ପର୍ଯ୍ୟନ୍ତ ରହିଥାଏ। ପରିବହନ ମନ୍ତ୍ରଣାଳୟର ପ୍ରୋଟୋକଲ୍ ଅନୁଯାୟୀ, ନିର୍ଦ୍ଦିଷ୍ଟ କରିଡର ମଧ୍ୟରେ ୩ ବର୍ଷରେ ପାଞ୍ଚଟି ସଡ଼କ ଦୁର୍ଘଟଣା ଘଟିଥିଲେ କିମ୍ବା ଦୁର୍ଘଟଣାରେ ୧୦ଜଣଙ୍କ ମୃତ୍ୟୁ ହୋଇଥିଲେ ତାହାକୁ ବ୍ଲାକ୍ ସ୍ପଟ୍ ବୋଲି ବିବେଚନା କରାଯାଇଥାଏ। ଉକ୍ତ ସ୍ଥାନରେ ବିଭିନ୍ନ କାରଣରୁ ବାରମ୍ବାର ଦୁର୍ଘଟଣା ଘଟିଥାଏ। ଦୀର୍ଘ ଲମ୍ବା ବା ସିଧା ରାସ୍ତାରେ ହଠାତ୍ ଏକ ତୀକ୍ଷ୍ଣ ଡ୍ରପ୍ କିମ୍ବା କୋଣ ଥିଲେ। ଆଗକୁ ଟ୍ରାଫିକ ଥିବ ଅଥଚ ଦୂରକୁ ଜଣା ପଡୁ ନ ଥିବ ଓ ନିକଟତର ହେଲେ ହଠାତ୍ ଜଣାପଡିବା ବେଳକୁ ଗାଡ଼ି ଚାଳକ ହଠାତ୍ ବ୍ରେକ୍ ଦେଲେ କିମ୍ବା ନ ଦେଲେ ଦୁର୍ଘଟଣା ଘଟିଥାଏ। ସେହିଭଳି ଦ୍ରୁତ ରାସ୍ତାରେ ଏକ ଲୁକ୍କାୟିତ ସଂଯୋଗ ଥିଲେ, କ୍ରସ୍ ରାସ୍ତାରେ ଲୁକ୍କାୟିତ ଅବସ୍ଥାରେ ଖାଲଖମା ଆଦି ଦୁର୍ଘଟଣାର କାରଣ ହୋଇଥାଏ।

### ସମନ୍ୱୟ ଅଭାବରୁ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନି



ଦୁର୍ଘଟଣା ରୋକିବାରେ ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ସ୍ଥାଣୁ ପାଲଟିଛି। ପୋଲିସ ଓ ପରିବହନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଫଳରେ ଯେଉଁ ମୌଳିକ ପଦକ୍ଷେପ ନିଆଯିବା କଥା ନିଆ ଯାଉନାହିଁ। ଯାହା ନିଷ୍ପତ୍ତି ନିଆଯାଉଛି କାର୍ଯ୍ୟକାରୀ ହୋଇପାରୁନି। ସଡ଼କ ସୁରକ୍ଷା କେବଳ କାଗଜକଲମରେ ସୀମିତ ରହୁଛି। ଉତ୍ତରଦାୟିତ୍ୱର ଘୋର୍ ଅଭାବ ରହୁଛି।

–ସୁବ୍ରତ ନନ୍ଦ, ସଡ଼କ ସୁରକ୍ଷା ବିଶେଷଜ୍ଞ

## ବର୍ଷା-ଅନୁଭବ ଷଷ୍ଠ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ, ୧୦।୧୨

ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ବୈବାହିକ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଗୁରୁବାର ଷଷ୍ଠ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେଙ୍କ କହିବା ଅନୁଯାୟୀ, ଆଇନଜୀବୀ ପୂଜା ଆନନ୍ଦ ଆଲୋଚନା ବେଳେ ମଧ୍ୟସ୍ଥତା କରିଥିଲେ। ସେ ୧୨ ବର୍ଷ ହେବ ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ମଧ୍ୟସ୍ଥତା କରିଆସୁଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ୧୮ ତାରିଖରେ ହେବ।

ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ଲାଗି ସମ୍ଭାବ୍ୟ ପନ୍ଥା ବାହାର କରିବାକୁ ଅକ୍ଟୋବର ୧୬ରେ ସୁପ୍ରିମକୋର୍ଟ ଉଭୟ ବର୍ଷା ଓ ଅନୁଭବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲା ଅନ୍ୟ କୋର୍ଟକୁ ସ୍ଥାନାନ୍ତର ଲାଗି ବର୍ଷାଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଉଭୟଙ୍କୁ ସୁପ୍ରିମକୋର୍ଟ ମଧ୍ୟସ୍ଥ କେନ୍ଦ୍ରରେ ହାଜର ହେବାକୁ କହିଥିଲେ। ଜୁଲାଇ ୭ରେ ଅନୁଭବ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ଛାଡ଼ପତ୍ର ପିଟିଶନ ଦାଏର କରିଥିବାବେଳେ ଏହାକୁ କଟକର ଫାମିଲି କୋର୍ଟକୁ ସ୍ଥାନାନ୍ତର ପାଇଁ ବର୍ଷା ଆବେଦନ କରିଥିଲେ।



କଳିଙ୍ଗ ପୁସ୍ତକ ମେଳା ୨୦୨୦ର ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

## ହରିପ୍ରିୟାଙ୍କୁ ‘କଳିଙ୍ଗ ପୁସ୍ତକ ମେଳା ସମ୍ମାନ’

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

- ୧୧ଜଣଙ୍କୁ ‘ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ’

ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନରେ ୨୩ତମ କଳିଙ୍ଗ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାହିତ୍ୟର ୯ ବିଭାଗରେ ମୋଟ ୧୧ ପୁସ୍ତକର ଲେଖିକଲେଖିକାଙ୍କୁ ‘ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

ସମ୍ମାନିତ ବ୍ୟକ୍ତିତ୍ୱମାନେ ହେଲେ ଉପନ୍ୟାସ ବିଭାଗରେ ଆଦିତେଶ୍ୱର ମିଶ୍ର ଓ ଅନିତା ପଣ୍ଡା, ପ୍ରବନ୍ଧରେ ରାମଚନ୍ଦ୍ର ମହାନ୍ତ ଓ ଡ. ଅଭୟ ନାରାୟଣ ନାୟକ, ଧର୍ମରେ ବିଜୟଲକ୍ଷ୍ମୀ ସାହୁ, ନାଟକରେ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କବିତାରେ ଅସୀମା ସାହୁ, ଶିଶୁ ସାହିତ୍ୟରେ ଡ. ଜ୍ୟୋତିର୍ମୟୀ ମହାନ୍ତି, ବ୍ୟଙ୍ଗ ବିଭାଗରେ ଦେବାଶିଷ ମହାପାତ୍ର, କ୍ଷୁଦ୍ର ଗଳ୍ପରେ ପୁଷ୍ପାଞ୍ଜଳି କର ଓ ଅନୁବାଦ ବିଭାଗରେ ବିଦ୍ୟୁତ୍ ପ୍ରଭା ଗନ୍ତାୟତ। ବିଶିଷ୍ଟ ଲେଖିକା ହରିପ୍ରିୟା ରାଉତରାୟଙ୍କୁ ଚଳିତବର୍ଷର କଳିଙ୍ଗ ପୁସ୍ତକ ମେଳା ସମ୍ମାନ-୨୦୨୦ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟିକ ସାତକଡ଼ି ହୋତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଓ୍ୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ, ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅଶୋକ କୁମାର ମହାପାତ୍ର, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସୁରେଶ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ, ଚମକଚାନ୍ଦିନୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ପୂର୍ଣ୍ଣାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପ୍ରଶାସନିକ ଟ୍ରିବ୍ୟୁନାଲର କାଗଜପତ୍ର ସ୍ଥାନାନ୍ତର ପାଇଁ ହାଇକୋର୍ଟଙ୍କ ଚିଠ

କଟକ ଅଫିସ,୧୦।୧୨

ଭୁବନେଶ୍ୱରରେ ନୂଆ ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଭୁବନେଶ୍ୱର କାର୍ଯ୍ୟାଳୟର ନଥିପତ୍ର କଟକସ୍ଥିତ ପ୍ରଶାସନିକ ଟ୍ରିବ୍ୟୁନାଲ କାର୍ଯ୍ୟାଳୟକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯିବ। ଫଳରେ ଭୁବନେଶ୍ୱର ତହସିଲଦାର ଓ ଉପଜିଲାପାଳ କାର୍ଯ୍ୟାଳୟକୁ ପ୍ରଶାସନିକ ଟ୍ରିବ୍ୟୁନାଲ କୋଠାରେ କାର୍ଯ୍ୟକ୍ଷମ କରାଯାଇପାରିବ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସାଧାରଣ ପ୍ରଶାସନ ବିଭାଗ ମୁଖ୍ୟ ସଚିବଙ୍କୁ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଗୁରୁବାର ଚିଠି(ନଂ.୧୧୭୫୪) ଲେଖି ଜଣାଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଷୟ ନେଇ ନଭେମ୍ବର ୨୮ରେ ଭିଡିଓ କନ୍‌ଫରେନ୍ସ ଯୋଗେ ସାଧାରଣ ପ୍ରଶାସନ ବିଭାଗ ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଆଇନ ବିଭାଗ ମୁଖ୍ୟ ସଚିବ, ଖୋର୍ଦ୍ଧା ଓ କଟକ ଜିଲାପାଳ, ପ୍ରଶାସନିକ ଟ୍ରିବ୍ୟୁନାଲ ରେଜିଷ୍ଟ୍ରାର ଓ ସିଏମ୍‌ସି କମିଶନର ପ୍ରମୁଖଙ୍କୁ ସାମିଲ କରାଯାଇଥିଲା।

## ଆୟୁଷ ମେଡିକାଲ କଲେଜ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

କରୋନା କଟକଣା ସହ ଡିସେମ୍ବର ୧ରୁ ରାଜ୍ୟରେ ସମସ୍ତ ମେଡିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏବେ ରାଜ୍ୟର ସମସ୍ତ ଆୟୁଷ ମେଡିକାଲ କଲେଜ ତଥା ସରକାରୀ ଆୟୁର୍ବେଦିକ କଲେଜ ଓ ସରକାର ହୋମିଓପାଥିକ୍ କଲେଜ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୁଷ ନିର୍ଦ୍ଦେଶକଙ୍କ ସମେତ ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ୍ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା କଟକଣାକୁ ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟନକ୍ଷରେ ରାଜ୍ୟ ସରକାର କୋଭିଡ୍-୧୯ ସ୍ଥିତିକୁ ସମୀକ୍ଷା କରି ଏନ୍ଏମ୍‌ସି ଗାଇଡ୍‌ଲାଇନ୍ ଅନୁଯାୟୀ, ଏମ୍‌ବିବିଏସ୍ ପରୀକ୍ଷାକୁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ସମସ୍ତ ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଇଛି। ଏନେଇ ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମେଡିକାଲ କଲେଜର ପରୀକ୍ଷା ନିୟନ୍ତ୍ରକଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ୨୦୨୧ରୁ ୨୦୨୪ ଏମ୍‌ବିବିଏସ୍ କରିକୁଲମ୍ ପାଇଁ ବିଭାଗ ପକ୍ଷରୁ ଏକ ସମ୍ଭାବ୍ୟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଏଥିରେ ୨୦୧୬ରୁ ୨୦୨୩ ପର୍ଯ୍ୟନ୍ତ ଆଡ୍‌ମିଶନ ନେଇଥିବା ବ୍ୟାଚ୍‌ର ପରୀକ୍ଷା ଓ ଇଣ୍ଟର୍ନସିପ୍ ସମୟ, ପିଜି ଆଡ୍‌ମିଶନ ସମୟ, ପରୀକ୍ଷା ଫଳ ପ୍ରକାଶନ ସମୟ ଆଦି ରହିଛି।

### ନିର୍ଦ୍ଧାରିତ ସମୟରେ ହେବ ଏମ୍‌ବିବିଏସ୍ ପରୀକ୍ଷା

## ୨୧ ସ୍ପେଶାଲ ଟ୍ରେନ୍‌ର ସମୟ ପରିବର୍ତ୍ତନ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ପୂର୍ବତଟ ରେଳପଥ ଓ ଏହା ପରିସୀମା ମଧ୍ୟରେ ଚଳାଚଳ କରୁଥିବା ସ୍ପେଶାଲ ଟ୍ରେନଗୁଡିକର ସମୟ ସାରଣୀକୁ ବିଭିନ୍ନ ଷ୍ଟେଶନରେ ପରିବର୍ତ୍ତନ କରାଯାଇଛି। ଯାତ୍ରୀଙ୍କ ସୁବିଧା ସହ ଟ୍ରେନ ପରିଚାଳନାକୁ ସହଜ କରିବାପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ଦ୍ୱି-ସାପ୍ତାହିକ ସ୍ପେଶାଲ ଟ୍ରେନ, ଭୁବନେଶ୍ୱର-ଲୋକମାନ୍ୟ ତିଲକ-ଭୁବନେଶ୍ୱର ଦ୍ୱି-ସାପ୍ତାହିକ ସ୍ପେଶାଲ ଟ୍ରେନ, ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଟ୍ରେନ, ଭୁବନେଶ୍ୱର-ଚେନ୍ନାଇ ସେଣ୍ଟ୍ରାଲ୍-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଟ୍ରେନ, ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଟ୍ରେନ, ଭୁବନେଶ୍ୱର-ପୁଡୁଚେରୀ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ, ଭୁବନେଶ୍ୱର-ରାମେଶ୍ୱରମ୍-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ, ସମ୍ବଲପୁର-ହାଓଡ଼ା-ସମ୍ବଲପୁର ସାପ୍ତାହିକ ବିଶେଷ, ସମ୍ବଲପୁର-ମାଣ୍ଡୁଆଡିହ-ସମ୍ବଲପୁର ଦ୍ୱି-ସାପ୍ତାହିକ ମହୋତ୍ସବ ସ୍ପେଶାଲ ଟ୍ରେନ, ପୁରୀ-ପାଟନା-ପୁରୀ ବୈଦ୍ୟନାଥ ସାପ୍ତାହିକ ସ୍ପେଶାଲ, ପୁରୀ-ଜୟନଗର-ପୁରୀ ସାପ୍ତାହିକ ସ୍ପେଶାଲ, ପୁରୀ-ସୁରଟ-ପୁରୀ ସାପ୍ତାହିକ ସ୍ପେଶାଲ, ପୁରୀ-ଲୋକମାନ୍ୟତିଳକ-ପୁରୀ ସ୍ପେଶାଲ, ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ସାପ୍ତାହିକ ସ୍ପେଶାଲ, ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ଦ୍ୱି-ସାପ୍ତାହିକ ସ୍ପେଶାଲ, ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ସ୍ପେଶାଲ, ବିଶାଖାପାଟନମ୍-ଚେନ୍ନାଇ ସେଣ୍ଟ୍ରାଲ-ବିଶାଖାପାଟନମ୍ ସାପ୍ତାହିକ ସ୍ପେଶାଲ, ବିଶାଖାପାଟନମ୍-ଲୋକମାନ୍ୟ ତିଳକ ଟର୍ମିନସ- ବିଶାଖାପାଟନମ୍ ସାପ୍ତାହିକ ସ୍ପେଶାଲ, ବିଶାଖାପାଟନମ୍-ଗାନ୍ଧୀଧାମ-ବିଶାଖାପାଟନମ୍ ସାପ୍ତାହିକ ସ୍ପେଶାଲ, ବିଶାଖାପାଟନମ୍-କଡପା-ବିଶାଖାପାଟନମ୍ ସ୍ପେଶାଲ ଏବଂ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ଟ୍ରେନ ପରିବର୍ତ୍ତିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ। ଯାତ୍ରୀମାନେ ବିଭିନ୍ନ ଷ୍ଟେଶନରେ ସେମାନଙ୍କ ଟ୍ରେନଗୁଡିକର ସମୟସାରଣୀ ଯାତ୍ରା ପୂର୍ବରୁ ଅବଗତ ହେବାକୁ ପୂର୍ବତଟ ରେଳପଥ ପକ୍ଷରୁ ଅନୁରୋଧ କରାଯାଇଛି। ଯାତ୍ରୀମାନେ http://www.indianrail.gov.in/enquiry/StaticPages/StaticEnquiry.jsp ?StaticPage=index.html, https://enquiry.indianrail.gov.in/ntes/index.html କିମ୍ବା ଆଇଆର୍‌ସିଟିସି ୱେବସାଇଟ୍ https://trainenquiry.comରେ ସ୍ୱତନ୍ତ୍ର ଟ୍ରେନର ସଂଶୋଧିତ ସମୟ ବିଷୟରେ ଜାଣିପାରିବେ। ଏହାବାଦ୍ ବିଭିନ୍ନ ଷ୍ଟେଶନରେ ଥିବା ଅନୁସନ୍ଧାନ କେନ୍ଦ୍ର କିମ୍ବା ସର୍ବଭାରତୀୟ ହେଲ୍ପଲାଇନ ନମ୍ବର-୧୩୯ ସହିତ ଯୋଗାଯୋଗ କରିପାରିବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ବଇଦଙ୍କ ଗାଁ ଭୋଇସାହି

ନିରାକାରପୁର,୧୦।୧୨(ଡି.ଏନ୍.ଏ.)




ଗାଁ ମୁଣ୍ଡରେ ଲାଗିଥିବା ବ୍ୟାନର।



ଏକ ଦମ୍ପତି ଚେରମୂଳିରୁ ଔଷଧ ପ୍ରସ୍ତୁତ କରୁଛନ୍ତି।

ବିଜ୍ଞାନ ଯୁଗରେ ବି ଲୋକେ ବୈଦ୍ୟଙ୍କ ଉପରେ ନିର୍ଭର କରିବା ସହ ଆୟୁର୍ବେଦ ପଦ୍ଧତିର ଚିକିତ୍ସାକୁ ଭରସା କରୁଛନ୍ତି। ତେଣୁ କେତେଜଣ ବୈଦ୍ୟ ପରିବାର ନିଜର କୌଳିକ ବୃତ୍ତିକୁ ଜାବୋଡି ଧରିଛନ୍ତି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତର ‘ଭୋଇସାହି’ ହେଉଛି ଏଭଳି ଗାଁଟିଏ, ଯେଉଁଠି ଅଧିକାଂଶ ପରିବାର ଚେରମୂଳିରୁ ଔଷଧ ପ୍ରସ୍ତୁତ କରିବା ସହ ରୋଗୀଙ୍କ ଉପଚାର କରିଥାନ୍ତି। ଏଥିପାଇଁ ଭୋଇସାହି ଲୋକମୁଖରେ ବୈଦ୍ୟର ଗାଁ ଭାବେ ପରିଚୟ ପାଇଛି।

କବିରାଜ ନାରାୟଣ ମହାନ୍ତିଙ୍କ କିମ୍ବଦନ୍ତୀ ଅନୁଯାୟୀ, ଭୋଇ ବଂଶୀୟ ରାଜାଙ୍କ ଶାସନ ସମୟରେ ରାଜାଙ୍କ ପରିବାରର କେହି ସଦସ୍ୟ ଅର୍ଶ ରୋଗରେ ଆକ୍ରାନ୍ତ ହୋଇଥିଲେ। ଜେଜେଙ୍କ ଜେଜେବାପା ତାଙ୍କୁ ଚିକିତ୍ସା କରି ରୋଗ ଭଲ କରିଥିଲେ। ସେଥିଲାଗି ରାଜା ତାଙ୍କୁ ‘ଭୋଇ’ ଉପାଧି ଦେଇଥିଲେ। ସେବେଠାରୁ ଏହି ଗ୍ରାମ ଭୋଇସାହି ନାମକରଣ ହୋଇଥିଲା। ଏହି ଗ୍ରାମରେ ପ୍ରବେଶ କରୁ କରୁ ଦେଖିବାକୁ ମିଳେ, କିଏ ଗଛର ପତ୍ର ସଂଗ୍ରହ କରୁଛି ତ’ ଆଉ କିଏ ଚେରମୂଳି ଖରାରେ ଶୁଖାଉଛି। ଆଉ କିଏ ହେମଦସ୍ତା ଓ ଢିଙ୍କିରେ ଚେରମୂଳି କୁଟୁଛନ୍ତି। ଏମାନଙ୍କ ପାଖରେ ଉଚ୍ଚଶିକ୍ଷାର ଡିଗ୍ରୀ ନ ଥିଲେ ମଧ୍ୟ ଅନେକ ରୋଗ ନିବାରଣ କରିବାରେ ରହିଛି ପାରଦର୍ଶିତା। ପାରମ୍ପରିକ ଭାବେ ଚେରମୂଳିରୁ ଔଷଧ ପ୍ରସ୍ତୁତ କରିବା ସହ ରୋଗୀଙ୍କ ଉପଚାର କରି ସେଥିରୁ ଉପାର୍ଜିତ ଅର୍ଥରେ କବିରାଜମାନେ ସେମାନଙ୍କର ପରିବାର ଚଳାଇଥାନ୍ତି। ମାତ୍ର ଚେରମୂଳିର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ କିଣି ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଫଳରେ ଗ୍ରାମର କେତେଜଣ ଲୋକ ଏହି କୌଳିକ ବୃତ୍ତିକୁ ଛାଡ଼ି ମୂଲ ଲାଗୁଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ନ ମିଳିଲେ ଏହି ବୃତ୍ତି ଲୋପ ପାଇଯିବ ବୋଲି ଜୟକୃଷ୍ଣ ମହାନ୍ତି କହିଛନ୍ତି। ପୂର୍ବରୁ ଗ୍ରାମ ନିକଟରେ ଥିବା ଚିତ୍ରକୂଟ ପାହାଡ଼ରୁ କିଛି ଚେରମୂଳି ସଂଗ୍ରହ କରାଯାଉଥିଲା। କିନ୍ତୁ ଏବେ ଆଉ ସମ୍ଭବ ହେଉନାହିଁ। ଯେଉଁ ଚେରମୂଳି ବଜାରରେ ମିଳୁଛି ତାହା ଉଚ୍ଚା ଦରରେ ବିକ୍ରି ହେଉଛି। ଚେରମୂଳି କିଣି ରୋଗୀଙ୍କ ସେବା ସହ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି କବିରାଜ ବାଲୁଙ୍କେଶ୍ୱର ମହାନ୍ତି କହିଛନ୍ତି। ପ୍ରତ୍ୟେକ ବର୍ଷ ଏହି ଗ୍ରାମରେ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀରେ ଧନ୍ୱନ୍ତରୀଙ୍କ ପୂଜା କରାଯାଇଥାଏ। କବିରାଜମାନେ ଉପସ୍ଥିତ ରହି ପୁରାଣ ଶାସ୍ତ୍ର ପାଠ କରିବା ସହ ପାରମ୍ପରିକ ଚିକିତ୍ସା ବିଜ୍ଞାନ ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହି ଗ୍ରାମରେ ନୂତନ ଓ ପୁରାତନ ରୋଗର ଆୟୁର୍ବେଦ ପଦ୍ଧତିରେ ସଫଳ ଚିକିତ୍ସା କରାଯାଇଥାଏ।

## ସମ୍ବିତ୍ ପାତ୍ରଙ୍କୁ ନରସିଂହ ମିଶ୍ରଙ୍କ ନୋଟିସ୍

**ବଲାଙ୍ଗୀର ଅଫିସ:** କଂଗ୍ରେସ ଦଳର ୯ ଜଣ ବିଧାୟକଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ରଙ୍କୁ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓକିଲ ଜରିଆରେ ନୋଟିସ୍ ଦେଇଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହି ପ୍ରସଙ୍ଗରେ ନିଃସର୍ତ୍ତ ଓ ଲିଖିତ କ୍ଷମା ନ ମାଗିଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର ଗୁରୁବାର ବଲାଙ୍ଗୀର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କିଛିଦିନ ତଳେ ପରୀ ହତ୍ୟା ଘଟଣାରେ ପାତ୍ର କଂଗ୍ରେସର ୯ ବିଧାୟକଙ୍କ ବିରୋଧରେ ଅସମ୍ମାନଜନକ ମତାମତ ଦେଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା।

### ସଂକ୍ଷେପରେ

## ବିଜେଡି ସରକାର ଚାଷୀ ବିରୋଧୀ:ନିରଞ୍ଜନ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ):** ବିଜେଡି ସରକାର ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଏକଥା ଆଉ ଅଛପା ନାହିଁ। ଶାସକ ଦଳକୁ ତାସ୍ଥଲ୍ୟ କରି ଗୁରୁବାର ଏପରି ମନ୍ତବ୍ୟ ଦେଇଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ। ଚାଷୀଙ୍କ ସ୍ୱାର୍ଥ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅତିକମ୍‌ରେ ଶତକଡ଼ା ୫୦ଭାଗ ଅଧିକ ହେଉ ବୋଲି ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ପାରିତ ହୋଇଛି। ଏହା ବିଜେଡି ସରକାରର ଚାଷୀଙ୍କ ପ୍ରତି କୁମ୍ଭୀରକାନ୍ଦଣା। ୨୦୧୭-୧୮ରେ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଧାୟକଙ୍କ ଏକ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ଥିଲା। ଏଥିପାଇଁ ନବୀନ ବାବୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ବସିଗଲେ। ଏହି ସଂକଳ୍ପନାମା ଅନୁସାରେ କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୨୯୫୦ ଟଙ୍କା ମିଳିଲା ନାହିଁ। କେନ୍ଦ୍ରର ସମସ୍ତ ଜନବିରୋଧୀ ବିଲ୍‌କୁ ପାସ୍ କରିବାରେ ବିଜେଡି ମୁଖ୍ୟଭୂମିକା ଗ୍ରହଣ କରୁଛି। ହେଲେ ଚାଷୀଙ୍କ ସମସ୍ୟା କଥା ପାର୍ଲାମେଣ୍ଟରେ ଉଠାଇବାରେ ଅସମର୍ଥ କାହିଁକି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଚାଷୀଙ୍କ ଭାରତ ବନ୍ଦକୁ ଭାଜପା, ବିଜେଡିକୁ ଛାଡ଼ି ସମସ୍ତ ରାଜନୈତିକ ସମର୍ଥନ ଜଣାଇଲେ। ଏଥିରୁ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ଜଣାପଡ଼ିଛି ବୋଲି ନିରଞ୍ଜନ କହିଛନ୍ତି।

## ରତ୍ନପଥର ଜବତ ମାମଲାରେ ଆଉ ୨ ଗିରଫ

**ରାୟଗଡ଼ା ଅଫିସ,୧୦।୧୨:** ରାୟଗଡ଼ା ସହରରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ରତ୍ନପଥର ଜବତ ଘଟଣାରେ ରାୟଗଡ଼ା ପୋଲିସ ଗୁରୁବାର ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ଜିଲାର ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ରାଧାମୋହାନ ମାହାନା(୫୩) ଏବଂ ରାୟଗଡ଼ା ଜିଲା ମୁନିଗୁଡ଼ାର ସୁବାସ ରତ୍ନାଲୁ(୪୫)। ଏଥିପୂର୍ବରୁ ସୋମବାର ରତ୍ନପଥର କାରବାରର ମୁଖ୍ୟ ଅଭିଯୁକ୍ତ ଅମ୍ବାଦୋଳା ଥାନା ଅଧୀନ ବିଜାବନ୍ଦାଳି ଗ୍ରାମର ଜିତେନ୍ଦ୍ର କୁମାର ବେହେରାଙ୍କୁ ପୋଲିସ ଥାନାରେ ଅଟକ ରଖିଥିବାବେଳେ ପରେ ତାଙ୍କୁ ଗିରଫ କରିଥିଲା। ରାଧାମୋହନ ଏବଂ ସୁବାସ ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ରଙ୍କ ନିକଟରୁ ରତ୍ନପଥର କିଣି ବାହାର ରାଜ୍ୟକୁ ଚାଲାଣ କରୁଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍‌ପି ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

# ୨୮ ପ୍ରକଳ୍ପକୁ ୫୪୮ କୋଟିର ଜମି ଆବଣ୍ଟନ

### ଜମି ଆବଣ୍ଟନ କମିଟି ବୈଠକ

- ୩୨୪୫ ଜଣଙ୍କ ପାଇଁ ସୃଷ୍ଟି ହେବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ
- ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ରାଜ୍ୟରେ ପ୍ରାୟ ୫୪୮ କୋଟି ଟଙ୍କା ପୁଞ୍ଜି ନିବେଶ ହେବାକୁ ଥିବା ୨୮ଟି ଶିଳ୍ପ ପ୍ରକଳ୍ପକୁ ଜମି ଯୋଗାଇ ଦିଆଯାଇଛି। ଏହି ଶିଳ୍ପ କାର୍ଯ୍ୟକ୍ଷମ ହେଲେ ୩୨୪୫ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିପାରିବ। ଗୁରୁବାର ଲୋକସେବା ଭବନଠାରେ ଡିଜିଟାଲ ମୋଡରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରୁ ଏହା ଜଣାପଡ଼ିଛି।

ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ଏବଂ ନୋଡାଲ୍ ବିଭାଗଗୁଡିକ ମାଧ୍ୟମରେ ଆସିଥିବା ୧୨ଟି ଏବଂ ଜିଲାସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ମାଧ୍ୟମରେ ଆସିଥିବା ୧୫ଟି ପୁଞ୍ଜି ନିବେଶ ପ୍ରସ୍ତାବକୁ ବୈଠକରେ ଜମି ଆବଣ୍ଟନ କରାଯାଇଛି। ମୁଖ୍ୟତଃ ବି-ୱାନ୍ ବିଜ୍‌ନେସ୍ ହାଉସ ପ୍ରାଇଭେଟ୍ ଲିଃର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ଫାଲକନ୍ ସାମୁଦ୍ରିକ ଚିଙ୍ଗୁଡି ପ୍ରକ୍ରିୟାକରଣ ଏବଂ ଇନ୍‌ଟେକ୍ ଇଣ୍ଡିଆ ଲିଃର ଚିଙ୍ଗୁଡି ଖାଦ୍ୟ ଉତ୍ପାଦନ ଉଦ୍ୟୋଗ ପାଇଁ ଡେରାସ୍‌ର ସି-ଫୁଡ୍ ପାର୍କରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି। ସେହିପରି ୟୁ.ବି.ଏନ୍ ସଫ୍ଟୱେର ୟୁନିଟ୍ ଏବଂ ରାଜ୍ୟ ଡାଟା ସେଣ୍ଟର ପାଇଁ ଇନ୍‌ଫୋଭ୍ୟାଲି-୨ ଶିଳ୍ପାଞ୍ଚଳ, ବିଶ୍ୱ କୌଶଳ କେନ୍ଦ୍ର ପାଇଁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଅଟୋମୋବାଇଲ୍ କ୍ଲଷ୍ଟର ପାଇଁ ଖୋର୍ଦ୍ଧା ଜିଲାର ବାଲିଅନ୍ତା ତହସିଲ ଏବଂ ପାହାଳ ରସୋଗୋଲା 'କମନ ଫାସିଲିଟି ସେଣ୍ଟର' ପାଇଁ ଖୋର୍ଦ୍ଧା ଜିଲାର ଅନନ୍ତପୁର ଠାରେ ଜମି ଦିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଜିଲା ସିଙ୍ଗିଲ୍ ୱିଣ୍ଡୋ କମିଟିଗୁଡିକ ଠାରୁ ମିଳିଥିବା ସୁପାରିସ ଅନୁସାରେ ୧୬ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଭୁବନେଶ୍ୱର, ଛତାବର, ଖୋର୍ଦ୍ଧା ଖାଦ୍ୟ ପ୍ରକ୍ରିୟାକରଣ ପାର୍କ, ଯାଆଁଳା ଏବଂ ଚନ୍ଦକା ଆଦି ଶିଳ୍ପାଞ୍ଚଳରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ଇଡ୍‌କୋର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ ପ୍ରକଳ୍ପଗୁଡିକ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଏହି ପ୍ରକଳ୍ପଗୁଡିକ ମୁଖ୍ୟତଃ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କୃଷି ଉତ୍ପାଦ ପ୍ରକ୍ରିୟାକରଣ, ମୋଟରଯାନ, ପର୍ଯ୍ୟଟନ, ହାଲୁକା ଯନ୍ତ୍ରପାତି, ବିଭିନ୍ନ ପଦାର୍ଥ ବିପଣୀ-ମହଜୁଦ ନିମନ୍ତେ ଭଣ୍ଡାର ବ୍ୟବସ୍ଥା, ବିହନ ପ୍ରକ୍ରିୟାକରଣ ଏବଂ ସରଞ୍ଜାମ ନିର୍ମାଣ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ। ନିୟମ ଅନୁଯାୟୀ ପ୍ରକଳ୍ପଗୁଡ଼ିକ ରାଜ୍ୟ ଓ ଜିଲାସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କମିଟି ଏବଂ ବିଭିନ୍ନ ସରକାରୀ ନୋଡାଲ ବିଭାଗଗୁଡିକ ଦ୍ୱାରା ସୁପାରିସ କରାଯାଇଛି। ବୈଷୟିକ କମିଟି ଦ୍ୱାରା ମଧ ଏଗୁଡ଼ିକର ଯାଞ୍ଚ କରାଯାଇଛି। ଶିଳ୍ପାୟନ ନିମନ୍ତେ ଏହି ପ୍ରକଳ୍ପଗୁଡିକର ଗୁରୁତ୍ୱ ଏବଂ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ଉପଲବ୍ଧ ଥିବା ଜମିର ସ୍ଥିତି ବିଷୟରେ ସିଂ ସୂଚନା ଦେଇଥିଲେ।

ପ୍ରକଳ୍ପଗୁଡିକୁ ଜମି ଆବଣ୍ଟନ ନିମନ୍ତେ ନୀତିଗତ ଅନୁମୋଦନ ଦେଇ ଇଡ୍‌କୋ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ଉଦ୍ୟୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟକ୍ଷମ କରିବା ସକାଶେ ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶାସନ ସଚିବ ସଞ୍ଜୟ କୁମାର ସିଂ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ରଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମଚନ୍ଦ ଚୌଧାରୀ, ଖୋର୍ଦ୍ଧା ଜିଲାପାଳ ସନତ୍ ମହାନ୍ତି ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଗଛରେ ପିଟିହୋଇ ଜଳିଗଲା ଭ୍ୟାନ୍

### ଶାଳକ, ଭିଣୋଇ ମୃତ, ୪ ଆହତ

**ନୟାଗଡ଼ ଅଫିସ/ଭାପୁର, ୧୦।୧୨(ଡି.ଏନ୍.ଏ.):**

ନୟାଗଡ଼ ଜିଲା ଖଣ୍ଡପଡା ଭାପୁର ରାସ୍ତାର ବାହାଡା, ଜାମୁସାହି ନିକଟରେ ଗୁରୁବାର ମଧ୍ୟାହ୍ନରେ ସିରିଜ୍ ଦୁର୍ଘଟଣା ଘଟାଇଥିବା ଏକ ପଲ୍ୟୁସନ ଟେଷ୍ଟିଂ ଭ୍ୟାନ୍ ମାଣିବନ୍ଧଠାରେ ଆମ୍ବ ଗଛକୁ ଧକ୍କା ଦେଇ ଜଳିଯାଇଛି। ଭ୍ୟାନ୍‌ରେ ଥିବା ଖୋର୍ଦ୍ଧା ଜିଲା ଧଳାପଥର ଗାଁର ୧୪ ବର୍ଷର ନାବାଳକ ଦୀପ୍ତି ରଞ୍ଜନ ସାହୁ ଓ ତାଙ୍କ ଭିଣୋଇ ସୋମନାଥ ସାହୁ (୨୫)ଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ଧଳାପଥରର ପଲ୍ୟୁସନ ଟେଷ୍ଟିଂ ଭ୍ୟାନ୍ (ନଂ.ଓଆର୦୨ ବିଏସ୍ ୧୮୨୦) ଖଣ୍ଡପଡା ଅଞ୍ଚଳରୁ ଭାପୁରକୁ ଯାଉଥିଲା। ଭ୍ୟାନ୍‌ଟି ଖଣ୍ଡପଡା ଭାପୁର ରାସ୍ତାରେ ଯିବାବେଳେ ଗୁରୁବାର ମଧ୍ୟାହ୍ନରେ ବାହାଡାଠାରେ ୨ଜଣ ବାଇକ ଆରୋହୀଙ୍କୁ ସାଇଟ୍ ମାରି ଦ୍ରୁତ ଗତିରେ ଚାଲିଯାଇଥିଲା। କିଛି ସମୟ ପରେ ସେହି ଭ୍ୟାନ୍ ଜାମୁସାହିଠାରେ ଏକ ବାଇକ୍‌କୁ (ନଂ.ଓଡି୨୫ କେ ୫୪୮୨) ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ଶରଣକୁଳ ଥାନା ପଞ୍ଚରିଡା ମାନପୁର ଗାଁର ଜିତୁ ମଲିକ(୨୫), ସ୍ତ୍ରୀ ପୂଜା (୨୩), ଝିଅ ଗୁଡୁ(୨)ଓ ଶାଳକ ସାଲବେଗ (୧୮) ଆହତ ହୋଇଥିଲେ। ପରେ ଭ୍ୟାନଟି ଦ୍ରୁତଗତିରେ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ମାଣିବନ୍ଧଠାରେ ରାସ୍ତା ପାର୍ଶ୍ୱର ଏକ ଗଛକୁ ଧକ୍କା ଦେବା ପରେ ଜଳି ଯାଇଥିଲା। ଭ୍ୟାନରୁ ଦୀପ୍ତିରଞ୍ଜନ ଓ ସୋମନାଥଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସମସ୍ତ ଆହତଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ସୋମନାଥଙ୍କୁ ଭୁବନେଶ୍ୱର ପଠାଯାଇଥିଲା। ଦୀପ୍ତିରଞ୍ଜନଙ୍କ ମୃତ୍ୟୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ବେଳେ ଭୁବନେଶ୍ୱରରେ ସୋମନାଥଙ୍କ ମୃତ୍ୟୁ ଘଟିଥିଲା।

# ଗଛରେ ବାଇକ୍ ପିଟିହୋଇ ୩ ମୃତ

**ମାଲକାନଗିରି,୧୦।୧୨ (ଡି.ଏନ୍.ଏ.)**

ମାଲକାନଗିରି କାଲିମେଳା ମୁଖ୍ୟରାସ୍ତା ଏମ୍‌ଭି-୧୬ ଗ୍ରାମ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମୁକୁନ୍ଦ ପଡିଆମି, ରାଜା ମାଢି ଓ ସିନ୍ଧ୍ରିମାଳ ଗ୍ରାମର ମାଳତି କରସ୍ତା। ଡ୍ୟାମ ସାଇଟର ତାଳଗୁଡା ଗ୍ରାମର ମୁକୁନ୍ଦ, ଶିଖପାଲି ଗ୍ରାମର ରାଜା ଓ ସୁନିତା ମାଢି, ସିନ୍ଧ୍ରିମାଳ ଗ୍ରାମର ମାଳତି କରସ୍ତା ଏକ ବାଇକ୍ (ଓଡି ୩୦ଏ- ୯୯୩୪)ରେ ଆସୁଥିବା ବେଳେ ଏମ୍‌ଭି-୧୬ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ରାଜାଙ୍କ ମୃତ୍ୟୁ ହୋଇଥିଲା। ମୁକୁନ୍ଦ, ସୁନିତା ଓ ମାଳତିଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୁକୁନ୍ଦ ଓ ମାଳତିଙ୍କୁ ମୃତ ଘୋଷଣା କରିଥିଲେ।

## ଟିଟିପିଏସ୍ ଉପରେ କେନ୍ଦ୍ରୀୟ କଟକଣା

### ଡିସେମ୍ବର ୩୧ ପରେ ବିଦ୍ୟୁତ୍ ଉତ୍ପାଦନ କରିପାରିବନି

**ତାଳଚେର,୧୦।୧୨(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ଅନୁଗୋଳ ଜିଲା ତାଳଚେରସ୍ଥିତ ୪୬୦ ମେଗାୱାଟ୍ ବିଶିଷ୍ଟ ତାଳଚେର ଥର୍ମାଲ(ଟିଟିପିଏସ୍) ଆସନ୍ତା ୩୧ ତାରିଖଠାରୁ ବିଦ୍ୟୁତ୍ ଉତ୍ପାଦନ କରିପାରିବ ନାହିଁ। ପ୍ରଦୂଷଣ ସମ୍ପର୍କିତ ଆଦେଶ କାର୍ଯ୍ୟକାରୀ କରି ନ ଥିବାରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଟିଟିପିଏସ୍ ଉପରେ ଏହି ପ୍ରତିବନ୍ଧକ ଲଗାଇଥିବା ସୂଚନା ମିଳିଛି। ଫଳରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଉଥିବା ଏହି ପୁରୁଣା ପ୍ଲାଣ୍ଟର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଏକ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିଛି ଜାଣି ନ ଥିବା କହୁଛନ୍ତି। ରାଜ୍ୟ ସରକାରଙ୍କ ସହ ସ୍ଥାନୀୟ ରାଜନେତାମାନେ ମଧ୍ୟ ଏଯାଏ ନୀରବ ରହିଛନ୍ତି। ଟିଟିପିଏସ୍ ବନ୍ଦ ହୋଇଗଲେ ଆଞ୍ଚଳିକ ଉନ୍ନୟନ ସହ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧ ଲକ୍ଷ ଲୋକ ପ୍ରଭାବିତ ହେବେ।

## ନମ୍ରତାର ଅନନ୍ୟ ବ୍ୟକ୍ତିତ୍ୱ ବିବେକାନନ୍ଦ

ବିବେକାନନ୍ଦ ପରିଡ଼ା, ନମ୍ରତାର ଅନନ୍ୟ ବ୍ୟକ୍ତିତ୍ୱ। ଦୀର୍ଘ ୭୬ ବର୍ଷର ଜୀବନରେ ସେ ଗଢ଼ିଛନ୍ତି ଅନେକ ଅନୁଷ୍ଠାନ। ଶୈବପୀଠ ମାଣତ୍ରୀ ଓ ଶକ୍ତିପୀଠ ଦୁର୍ଗାଦେବୀ ସନ୍ନିକଟ ଆଦିବାସୀ ଅଧ୍ୟୁଷିତ ଭଞ୍ଜଭୂମିର ଅଖ୍ୟାତ ପଲ୍ଲୀ ଆରପଟାରେ ୧୨ ଅଗଷ୍ଟ ୧୯୪୫ରେ ତାଙ୍କର ଜନ୍ମ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ବେଳରୁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା। ବାଲ୍ୟକାଳରେ ପିତା ଅନାଦି ଚରଣ ପରିଡ଼ାଙ୍କ ଶିକ୍ଷା ଓ ସଂସ୍କାର ତାଙ୍କୁ ପ୍ରଭାବିତ କରିଥିଲା। ମା' ରତ୍ନମଣିଙ୍କ ବାତ୍ସଲ୍ୟ ପ୍ରେମ ସାଙ୍ଗକୁ ସାନ ଭଉଣୀ ବିଜୟା ଓ ବିଷୟାଙ୍କ ସ୍ନେହ ସମାଦର ତାଙ୍କ ଭିତରେ ଭରି ଦେଇଥିଲା ନମ୍ର ସ୍ୱଭାବ। ସେହି ସଂସ୍କାର ତାଙ୍କୁ ପରବର୍ତ୍ତୀ ଜୀବନରେ ସରଳ ନିଷ୍କପଟ ମଣିଷ ଭାବେ ଗଢ଼ିତୋଳିଥିଲା। ପିତା ଅନାଦି ଚରଣ ତତ୍କାଳୀନ ସମୟରେ ଶିକ୍ଷାର ଆଲୋକ ବିକିରଣ କରୁଥିବା କୁଆମରା ବାଳକ ଓ ବାଳିକା ବିଦ୍ୟାଳୟ ସଂସ୍ଥାପନ ପାଇଁ ଆଗୁସାର ହୋଇ ଅଞ୍ଚଳର କତିପୟ ସାମାଜିକକର୍ମୀଙ୍କ ସହ ଏକଜୁଟ ହୋଇ ଅଣ୍ଟା ଭିଡ଼ିଥିଲେ। ସେହି ବିଦ୍ୟାଳୟଗୁଡ଼ିକରେ ସମ୍ପାଦକ ଭାବେ ପରିଚାଳନା କମିଟିରେ ସ୍ୱଳ୍ପ ସମୟ ଅତିବାହିତ କରିଥିଲେ। ପିତୃତ୍ୱର ଶୈକ୍ଷିକ ପ୍ରଭାବରେ ବିବେକାନନ୍ଦ ବି ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଯତ୍‌କିଞ୍ଚିତ ସମାଜସେବା କରିବାର ଅନୁପ୍ରେରଣା ଲାଭ କରିଥିଲେ। ନିଜେ ଉଚ୍ଚଶିକ୍ଷା ଲାଭ କରିଥିଲେ। ସେ ସମୟରେ ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା ସାରି କୁଆମରା ଉଚ୍ଚ ବିଦ୍ୟାଳୟରୁ ସଫଳ ଛାତ୍ର ରୂପେ ଉତ୍ତୀର୍ଣ୍ଣ ହୋଇଥିଲେ। ତା'ପରେ ଏମ୍‌ପିସି ମହାବିଦ୍ୟାଳୟ ବାରିପଦା, ଭୁବନେଶ୍ୱର ବିଜେବି କଲେଜରୁ ସ୍ନାତକଡିଗ୍ରୀ ହାସଲ କରିଥିଲେ। ନିଜେ ଉଚ୍ଚ ଶିକ୍ଷିତ ହୋଇ ଦୁଇ ସୁପୁତ୍ର ମୁନ୍ନା ଓ ରଷିଙ୍କୁ ଉଚ୍ଚଶିକ୍ଷିତ କରାଇଥିଲେ। ଏଥି ସହ ଭିଜିନ୍‌ଟେକ୍ ସ୍ଥାପନ କରାଇ ରାଷ୍ଟ୍ରୀୟସ୍ତରର କୁଶଳୀ ଭିତ୍ତିଭୂମି ନିର୍ମାଣକାରୀ ଭାବେ ଜଣେ ଯୋଗ୍ୟ ପିତାର ଉଦାହରଣ ହୋଇଗଲେ ବିବେକାନନ୍ଦ।

ଗରିବ ସାଧାରଣ ମଣିଷ ଓ ଆଦିବାସୀଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାକୁ ନିଜ ପୈତୃକ ସମ୍ପତ୍ତିରୁ କିଛି ଦାନ କରି ଆରପଟାରେ ୧୯୮୬ରେ ସ୍ଥାପନ କଲେ ଆରପଟା ଉଚ୍ଚ ବିଦ୍ୟାଳୟ। ଚାଉଳ, ପନିପରିବା ଯୋଗାଇ ଦେଉଥିଲେ ଛାତ୍ରାବାସର

### ଏକାଦଶାହ ସ୍ମୃତିରେ...



ବିବେକାନନ୍ଦ ପରିଡ଼ା

ଅନ୍ତେବାସୀଙ୍କୁ। ସରକାରୀ ଅନୁଦାନ ପାଇବା ଆଗରୁ କେତେ ଶିକ୍ଷକଙ୍କୁ ନିଜ ରୋଜଗାରରୁ କିଛି ଦାନ କରି ଆନନ୍ଦ ପାଉଥିଲେ। ଅବଦାନ ଥିଲା କିନ୍ତୁ ଆତ୍ମପ୍ରଚାରଠାରୁ ଦୂରେଇ ରହୁଥିଲେ ସେ। 'କାହାରି ଅନ୍ନ ଓ ଦାନାକୁ ଛଡ଼ାଇ ନିଅନି' ଏହାଥିଲା ତାଙ୍କ ବାର୍ତ୍ତା। ଖାଇପିଇ ନିଜ ପେଟ ଭରିଗଲେ ଦୁନିଆର ଅଭାବୀ ମଣିଷଙ୍କ ପେଟ ଭରିଯାଏନି। ଏହାକୁ ପାଥେୟ କରି ଜ୍ୟେଷ୍ଠପୁତ୍ର କୁମାର ରଞ୍ଜନ (ମୁନ୍ନା) ସୃଷ୍ଟି କରିଛନ୍ତି ନିଯୁକ୍ତି ସୁଯୋଗ। କନିଷ୍ଠ ପୁତ୍ର ରମଣୀ ରଞ୍ଜନ (ରଷି) ବଡ଼ ଭାଇଙ୍କ ସହ ଏକାଠି 'ବାପାଙ୍କ ଦୀନଦୁଃଖୀଙ୍କୁ ଦାନା, କନା ଓ ସମ୍ମାନର ସହ ବଞ୍ଚିବାର ଆଦର୍ଶ'କୁ ବି ଆପଣେଇ ନେଇଛନ୍ତି। ଭୁବନେଶ୍ୱରରେ ବିବେକାନନ୍ଦ ବାବୁ ପୁଅଙ୍କ ପାଇଁ ଛାଡ଼ିଯାଇଛନ୍ତି ଭିଜିନ୍‌ଟେକ ସଂସ୍ଥାନ। ଯେଉଁଠି ବହୁ କର୍ମଚାରୀଙ୍କ ଜୀବିକା ନିର୍ବାହ ହୁଏ। କେବଳ ରାଜଧାନୀ ଭୁବନେଶ୍ୱରର ନୁହେଁ, ଗାଁରେ ବି ଜଣେ ସରଳ କୃଷକ ଭାବେ କ୍ଷେତରେ ସୁନାର ଫସଲ ଉପୁଜାନ୍ତି। ପ୍ରକୃତି ମିତ୍ର ଭାବେ ସେ ଯେଉଁ ଶାଗୁଆନ ଜଙ୍ଗଲ ସୃଷ୍ଟି କରିଥିଲେ ସେଇ ସବୁଜ ବନାନୀ ମଧ୍ୟରେ ଶେଷରେ ହେଲା ତାଙ୍କ ମହାଯାତ୍ରା।

**ବିଚିତ୍ର କୁମାର ସାହୁ,**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ବାପୁଜି ହାଇସ୍କୁଲ , ମୟୂରଭଞ୍ଜ

### ଜାତୀୟ/ଅନ୍ତର୍ଜାତୀୟ

## ନିର୍ବାଚନ ଫଳାଫଳ ବିରୋଧରେ ସୁପ୍ରିମକୋର୍ଟ ଗଲେ ଟ୍ରମ୍ପ୍



**ୱାଶିଂଟନ, ୧୦।୧୨(ପି.ଟି.)**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ସପକ୍ଷରେ ଯାଇଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ନିର୍ବାଚନରେ ଜାଲିଆତି ହୋଇଥିବା ନେଇ ସେ ଭିତ୍ତିହୀନ ଅଭିଯୋଗ କରିଆସୁଛନ୍ତି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ୨୭୦ ଇଲେକ୍ଟୋରାଲ କଲେଜ ଭୋଟ୍‌ର ଆବଶ୍ୟକତା ଥିବାବେଳେ ବାଇଡେନଙ୍କୁ ୩୦୬ ଭୋଟ ମିଳିଛି। ଜର୍ଜିଆ, ମିଶିଗାନ, ପେନ୍‌ସିଲଭାନିଆ ଏବଂ ୱିସ୍‌କନ୍‌ସିନର ୬୨ ଇଲେକ୍ଟୋରାଲ ଭୋଟକୁ ଅବୈଧ ଘୋଷଣା କରିବାକୁ ଟେକ୍ସାସ୍ ଆଟର୍ନି ଜେନେରାଲ କେନ୍ ପାକ୍ସଟନ ଦାବି କରିଥିବାବେଳେ ଏନେଇ ଟ୍ରମ୍ପ୍ ବୁଧବାର ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଝୁଲା ରାଜ୍ୟଗୁଡ଼ିକରେ ଟ୍ରମ୍ପ୍ ଲକ୍ଷାଧିକ ଭୋଟ ଅଧିକ ପାଇଥିବା ଦାବି କରିଛନ୍ତି।

# ନଡ୍ଡାଙ୍କ କାର୍‌କୁ ଆକ୍ରମଣ

**କୋଲକାତା, ୧୦।୧୨(ପି.ଟି.)**

ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ ଉପରେ ଆକ୍ରମଣ ହୋଇଛି। ଗୁରୁବାର ସେ ଡାଇମଣ୍ଡ ହାର୍ବରରେ ଏକ ଦଳୀୟ ସଭାକୁ ଉଦ୍‌ବୋଧନ ଦେବାକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମର୍ଥକମାନେ ଢେଲା ପଥରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ନଡ୍ଡାଙ୍କ କାର୍ କାଚ ଭାଙ୍ଗିଥିବାବେଳେ ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କ ସମେତ ଅନେକ ନେତା ଆହତ ହୋଇଛନ୍ତି। କେତେକ କାର୍ ଭାଙ୍ଗିରୁଜି ଯାଇଛି। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି।

ପଶ୍ଚିମବଙ୍ଗ ସମ୍ପୂର୍ଣ୍ଣ ଅରାଜକତା ଓ ଗୁଣ୍ଡାରାଜ ସ୍ଥିତିକୁ ଖସିଯାଇଛି। ମା'



ଦୁର୍ଗାଙ୍କ କୃପାରୁ ସେ ସଭାସ୍ଥଳରେ ଆସି ପହଞ୍ଚିଛନ୍ତି। ବୁଲେଟ୍ ପ୍ରୁଫ୍ କାରରେ ଥିବାରୁ ସେ ବଞ୍ଚିଗଲେ ବୋଲି ନଡ୍ଡା କହିଛନ୍ତି। ସୁରକ୍ଷା ବ୍ୟବସ୍ଥାରେ ମମତା ବାନାର୍ଜୀ ସରକାର ଗୁରୁତର ତ୍ରୁଟି କରିଥିବା ଭାଜପା ଅଭିଯୋଗ କରିଛି। ଏହା ପ୍ରାୟୋଜିତ ହିଂସା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିବା ସହ ଶାସକ ତୃଣମୂଳ କଂଗ୍ରେସକୁ ଏଥିପାଇଁ ରାଜ୍ୟବାସୀଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି କହିଛନ୍ତି। ଆକ୍ରମଣ ପ୍ରତିବାଦରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଟିଏମ୍‌ସି ଆକ୍ରମଣ ପାଇଁ ଭାଜପାକୁ ଦାୟୀ କରିଛି। ଭାଜପା ଉଦ୍ଦେଶ୍ୟମୂଳକ ଭାବେ ସମସ୍ୟା ସୃଷ୍ଟି କରିବାକୁ ଉଦ୍ୟମ କରୁଛି ଏବଂ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦୁଛି ବୋଲି ଶାସକ ଦଳ କହିଛି। ଭାଜପା ନେତାମାନେ ଦକ୍ଷିଣ ୨୪ ପ୍ରଗଣାର ଡାଇମଣ୍ଡ ହାର୍ବର ଅଭିମୁଖେ ଯାଉଥିବାବେଳେ ମଧ୍ୟାହ୍ନ ୧୨ଟାରେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ।

### ତଦନ୍ତ ନିର୍ଦ୍ଦେଶ ଦେଲେ ଶାହା

ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ ଉପରେ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ରାଜ୍ୟପାଳ ସବିଶେଷ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି। ପଶ୍ଚିମବଙ୍ଗରେ ଆଇନର ଶାସନ ନାହିଁ ଓ ସେଠାରେ ଅରାଜକତା ଦେଖାଦେଇଛି ବୋଲି ଭାଜପା ଅଭିଯୋଗ କରିବା ପରେ ୧୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପ୍ରଶାସନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

# ପ୍ରଧାନ ବିଚାରପତିଙ୍କ ମା'ଙ୍କଠାରୁ ୨.୫ କୋଟି ଠକେଇ

**ନାଗପୁର, ୧୦।୧୨**

ଭାରତର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ମାଆ ମୁକ୍ତା ବୋବ୍‌ଡେଙ୍କଠାରୁ ୨.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ ପୋଲିସ ତାପସ୍ ଘୋଷ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୋବ୍‌ଡେଙ୍କ ପରିବାରର ସିଭିଲ୍ ଲାଇନ୍ସର ଥିବା ସିଜନ୍ସ ଲନ୍ ବିବାହ ତଥା ଅନ୍ୟାନ୍ୟ ଉତ୍ସବ ଲାଗି

### ଅଭିଯୁକ୍ତ କେୟାରଟେକର ଗିରଫ

ଭଡ଼ାରେ ଲାଗିଥାଏ। ୧୩ ବର୍ଷ ହେଲା ଉକ୍ତ ଲନ୍‌ର କେୟାରଟେକର ଥିବା ତାପସଙ୍କୁ ବେତନ ସାଙ୍ଗକୁ ପ୍ରତି ବୁକିଂ ପାଇଁ ତାଙ୍କୁ ୨,୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଥିଲା। ତେବେ ଲନ୍‌ରୁ ସଂଗୃହୀତ ସମସ୍ତ ଭଡ଼ା ଅର୍ଥକୁ ସେ ଜମା କରୁ ନ ଥିଲେ। ଲକ୍‌ଡାଉନ ବେଳେ ଏହି ଠକେଇ ପଦାକୁ ଆସିଥିଲା।

## ନୂଆ ପାର୍ଲାମେଣ୍ଟ ଭବନର ଶିଳାନ୍ୟାସ



**ନୂଆଦିଲ୍ଲୀ, ୧୦।୧୨(ପି.ଟି.)**

### ଆତ୍ମନିର୍ଭର ଭାରତର ସାକ୍ଷୀ ହେବ: ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆ ପାର୍ଲାମେଣ୍ଟ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତା, କ୍ୟାବିନେଟ ମନ୍ତ୍ରୀ ଓ ବିଭିନ୍ନ ଦେଶର ରାଷ୍ଟ୍ରଦୂତମାନେ ଯୋଗଦେଇଥିଲେ। ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏହା ଏକ ମାଇଲ୍‌ଖୁଣ୍ଟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଦେଶକୁ ପୁରୁଣା ପାର୍ଲାମେଣ୍ଟ ଭବନ ଦିଗ୍‌ଦର୍ଶନ ଦେଇଥିଲାବେଳେ ନୂଆ ଭବନ ଆତ୍ମନିର୍ଭର ଭାରତର ସାକ୍ଷୀ ରହିବ ଓ ଏକବିଂଶ ଶତାବ୍ଦୀର ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ କହିଥିଲେ।

୨୦୨୨ରେ ସମ୍ପୂର୍ଣ୍ଣ ହେବାକୁ ଥିବା ନୂଆ ପାର୍ଲାମେଣ୍ଟ ଭବନରେ ଅନେକ ନୂତନ ବ୍ୟବସ୍ଥା ରହିବ। କାର୍ଯ୍ୟ ସଂସ୍କୃତିରେ ଅତ୍ୟାଧୁନିକ ପଦ୍ଧତିର ମିଶ୍ରଣ ଫଳରେ ଏହା ଏମ୍‌ପିମାନଙ୍କ ଦକ୍ଷତା ବୃଦ୍ଧି କରିବ। ଭାରତ ୭୫ତମ ସ୍ୱାଧୀନତା ଦିବସ ପାଳନ ବେଳେ ନୂଆ ପାର୍ଲାମେଣ୍ଟ ଭବନ ପ୍ରେରଣାର ସ୍ରୋତ ହେବ ବୋଲି ମୋଦି କହିଥିଲେ।

କର୍ଣ୍ଣାଟକ ଶୃଙ୍ଗେରୀ ମଠର ପୂଜକମାନେ ସଂସଦ ଭବନ ଭୂମି ପୂଜନର ରୀତିନୀତି ସମ୍ପନ୍ନ କରିଥିଲେ। ପରେ ଏକ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ, ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏବଂ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ଯୋଗ ଦେଇ ପ୍ରାର୍ଥନାରେ ଅଂଶଗ୍ରହଣ କରିଥିଲେ।

## ୧୪୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ: ଗତ ୫ ସେସନ ଧରି ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ କାରବାର ବୃଦ୍ଧି ପରିଲକ୍ଷିତ ହୋଇଥିଲା। ହେଲେ ଗୁରୁବାର ସେନସେକ୍ସ ୧୪୪ ପଏଣ୍ଟ ହ୍ରାସ ହୋଇଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ୧୪୩.୬୨ ପଏଣ୍ଟ (୦.୩୧%)ନିମ୍ନରେ ରହିବା ଯୋଗୁ ୪୫,୯୫୯.୮୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୫୦.୮୦ ପଏଣ୍ଟ(୦.୩୮%) ନିମ୍ନରେ ରହି ୧୩,୪୭୮.୩୦ ସ୍ତରରେ ରହିଛି। ସେନ୍‌ସେକ୍ସରେ ଅଲ୍‌ଟ୍ରା ଟେକ୍ ସିମେଣ୍ଟର ଶେୟାର କାରବାର ସବୁଠାରୁ ପ୍ରଭାବିତ ହୋଇଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର କାରବାର ମଧ୍ୟ ପ୍ରଭାବିତ ହୋଇଛି।

## ସଂକ୍ଷେପରେ

### ଆଇଆର୍‌ସିଟିସି ଅଂଶଧନ ବିକ୍ରିରୁ ୪,୨୦୦ କୋଟି ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ,୧୦।୧୨: ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେଶନ(ଆଇଆର୍‌ସିଟିସି) ଅଂଶଧନ ବିକ୍ରିରୁ ସରକାର ୪,୨୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଫର ଫର ସେଲ୍ ରୁଟ୍‌ରେ ସରକାର ଏଭଳି ଅର୍ଥ ରାଶି ସଂଗ୍ରହ କରିବେ। ସୂଚନା ଯୋଗ୍ୟ, ସରକାର ଆଇଆର୍‌ସିଟିସିରେ ୮୭.୪% ଅଂଶଧନ ହାସଲ କରିଛନ୍ତି। ଏଥିରୁ ପ୍ରାୟ ୨୦% ଖସାଇବା ନେଇ ଯୋଜନା ରଖାଯାଇଛି। କମ୍ପାନୀ ପକ୍ଷରୁ ବୁଧବାର କୁହାଯାଇଛି ଯେ, ୩.୨% ଶେୟାର ବିକ୍ରି କରାଯିବ। ଶେୟାର ପିଛା ହାରାହାରି ମୂଲ୍ୟ ୧୩୬୭ ଟଙ୍କା ରହିଛି। ଅଣ ରିଟେଲ ନିବେଶକଙ୍କ ପାଇଁ ଅଫର ଉପଲବ୍ଧ ରହିଛି। ସେହିଭଳି ଶୁକ୍ରବାର ପ୍ରତି ବର୍ଗର ନିବେଶକଙ୍କ ଲାଗି ଏହା ଖୋଲା ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଭାରତର ଆର୍ଥିକ ସୁଧାର ଆଶାଠାରୁ ଅଧିକ:ଆଇଏମ୍‌ଏଫ୍

ନୂଆଦିଲ୍ଲୀ,୧୦।୧୨: କରୋନା ମହାମାରୀ ଦ୍ୱାରା ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବିତ ହୋଇ ରହିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ମଧ୍ୟ ଏହା ଦ୍ୱାରା କବଳିତ ହୋଇ ରହିଛି। ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୨୩.୯% ହ୍ରାସ ହୋଇଥିଲା। ସେହିଭଳି ଦ୍ୱିତୀୟ ତ୍ରୈମାସରେ ଏଥିରେ ୭.୫% ହ୍ରାସ ହୋଇଛି। ଏଭଳି ସ୍ଥିତିରେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍ ) ବେଶ ଆଶାବାଦି ରହିଛି। ଭାରତର ଆର୍ଥିକ ସୁଧାର ପ୍ରକ୍ରିୟା ଆଶାଠାରୁ ଅଧିକ ବୋଲି ଏହି ଅନ୍ତର୍ଜାତୀୟ ଏଜେନ୍ସି ଗୁରୁବାର ପ୍ରକାଶ କରିଛି। ଏହା କହିଛି ଯେ, ଭାରତର ଅର୍ଥ ବ୍ୟବସ୍ଥା ଦ୍ରୁତ ଗତିରେ ଟ୍ରାକ୍‌କୁ ଫେରୁଛି। ୨୦୨୦-୨୧ରେ ଘରୋଇ ବଜାରର ଜିଡିପି ୮% ଖସିବ ବୋଲି ଏହା ମତ ରଖିଛି। ପୂର୍ବରୁ ଏହି ଏଜେନ୍ସି କହିଥିଲା ଯେ, ଦେଶର ଜିଡିପି ୯% ଖସିବ। ବର୍ତ୍ତମାନ ଏହା ଜିଡିପି ଅନୁମାନରେ ସାମାନ୍ୟ ପରିବର୍ତ୍ତନ କରିଛି। ଜିଡିପି ଟ୍ରାକ୍‌କୁ ଫେରୁଥିବାରୁ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ମଧ୍ୟ ଆକଳନରେ ପରିବର୍ତ୍ତନ କରୁଥିବା ଦେଖାଯାଉଛି। ୨୦୨୧-୨୨ରେ ଭାରତ ୮% ଅଭିବୃଦ୍ଧି ହାସଲ କରିବ ବୋଲି ଏହି ଏଜେନ୍ସି ଏହାର ଏସିଆନ ଡେଭଲପମେଣ୍ଟ ଆଉଟଲୁକ ରିପୋର୍ଟରେ ପ୍ରକାଶ କରିଛି।

# ତିନି ଚତୁର୍ଥାଂଶଙ୍କ ଉପରେ ଆର୍ଥିକ ମାଡ଼

ନୂଆଦିଲ୍ଲୀ,୧୦।୧୨

କୋଭିଡ-୧୯ ମହାମାରୀ ଦେଶର ତିନି ଚତୁର୍ଥାଂଶ ସହରାବାସୀଙ୍କୁ ଆର୍ଥିକ ଭାବେ ପ୍ରଭାବିତ କରିଛି। ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କ ଆର୍ଥିକ ସ୍ଥିତି ଗତ ବର୍ଷ ତୁଳନାରେ ବିଗିଡି ଯାଇଛି। ବ୍ରିଟିଶ ରିସର୍ଚ୍ଚ ଫାର୍ମ କ୍ୟାଣ୍ଟର ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି। ଲୋକମାନେ ସେମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ଥିବା ଏଥିରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କ୍ୟାଣ୍ଟରର ଦକ୍ଷିଣ ଏସିଆ ମୁଖ୍ୟ ଷ୍ଟ୍ରାଟେଜି ଅଫିସର ହେମନ୍ତ ମେହେଟ୍ଟା କୁହନ୍ତି, ଅଧିକାଂଶ ଲୋକ ଖର୍ଚ୍ଚ ନେଇ ଏବେ ଅତ୍ୟଧିକ ସଚେତନତା ଦେଖାଉଛନ୍ତି। ଲୋକେ କିଣିଲା ବେଳେ ଉନ୍ନତ ଡିଲ୍ ଏବଂ ଡିସ୍‌କାଉଣ୍ଟ ଉପରେ ନଜର ରଖୁଛନ୍ତି। ଯଦି କୌଣସି ପ୍ରିମିୟମ ପ୍ରଡକ୍ଟରେ ଲୋକଙ୍କୁ ସୁବିଧା ମିଳୁଛି ତେବେ ତାହା କିଣିବା ଲାଗି ବିଚାର କରାଯାଉଛି। କ୍ୟାଣ୍ଟର ଏହାର ଦ ନ୍ୟୁ ଇଣ୍ଡିଆନ କଞ୍ଜ୍ୟୁମର ରିପୋର୍ଟ ଲାଗି ଦେଶର ୧୫ ରାଜ୍ୟର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସର୍ଭେରେ ସାମିଲ କରିଛି।

ରିପୋର୍ଟ ମୁତାବକ, ଗ୍ରସେରୀ,

**ସହରାଞ୍ଚଳରେ କରୋନା ପ୍ରଭାବ**

ସ୍ମାର୍ଟଫୋନ, ଇଲେକଟ୍ରୋନିକ୍ସ ଏବଂ ଅଟୋମୋବାଇଲ ଭଳି କମ୍ପାନୀଗୁଡିକ ଏବେ କାରବାର ହେବା ନେଇ ଆଶାବାଦି ରହିଛନ୍ତି। ବଜାର ଧୀରେ ଧୀରେ ସୁଧୁରୁଥିବା ବେଳେ ବିକ୍ରି ପୁଣି ଥରେ ଟ୍ରାକକୁ ଫେରିବା ନେଇ ଏବେ କମ୍ପାନୀ ପୁଣି ଆଶା ରଖିଛନ୍ତି। ଏହି ସମୟରେ କ୍ୟାଣ୍ଟରର ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ମୁତାବକ, ବାହାରେ ବୁଲିବା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଟ୍ରାକକୁ ଫେରିବା ଲାଗି ସମୟ ଲାଗିବ। ଲୋକମାନେ ବ୍ରାଣ୍ଡ ଲୟାଲଟିକୁ ପଛରେ ପକାଇଥିବା ବେଳେ ପ୍ରଡକ୍ଟର ଉପଲବ୍ଧତା ଏବଂ ମୂଲ୍ୟକୁ ଅଧିକ ଦେଖୁଛନ୍ତି। ଲୋକମାନେ ସେମାନଙ୍କ ପ୍ରିୟ ବ୍ରାଣ୍ଡ ଲାଗି ଅତିରିକ୍ତ ପ୍ରୟାସ କରିବା ସ୍ଥିତିରେ ନାହାନ୍ତି। ଲୋକମାନେ କିଣିବା ବେଳେ ରିହାତି ଖୋଜୁଛନ୍ତି। ୫୭% ଲୋକ କିଣାକିଣିକୁ ବାଦ ଦେଉଛନ୍ତି କିମ୍ବା ଅଧିକ ରିହାତି ଖୋଜୁଛନ୍ତି। କୋଭିଡ ପୂର୍ବରୁ ଏହି ହାର ୪୦% ରହିଥିଲା। ଆର୍ଥିକ ସ୍ଥିତି ଖରାପ ଥିବାରୁ ଲୋକମାନେ ଟଙ୍କା ଖର୍ଚ୍ଚ କରିବାକୁ ସଙ୍କୋଚ କରୁଛନ୍ତି। ସେହିଭଳି ଲୋକେ ଭଲ ଡିଲ୍‌କୁ ଅପେକ୍ଷା କରିଥିବା ଜଣାପଡିଛି।

# ପୁତ୍ର ସନ୍ତାନର ଜନକ ହେଲେ ଆକାଶ, ଶ୍ଲୋକା

ନୂଆଦିଲ୍ଲୀ,୧୦।୧୨



ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ପରିବାରକୁ ନବଜାତକଙ୍କ ପ୍ରବେଶ ହୋଇଛି। ଏବେ ମୁକେଶ ଏବଂ ନୀତା ଅମ୍ବାନୀ ଜେଜେ ବାପା, ଜେଜେ ମା ହୋଇଯାଇଛନ୍ତି। ମୁକେଶଙ୍କ ପୁତ୍ର ଆକାଶ ଅମ୍ବାନୀ ଏବଂ ବୋହୂ ଶ୍ଲୋକା ମେହେଟ୍ଟା ଗୁରୁବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ମୁକେଶ ଅମ୍ବାନୀ ନବଜାତକ ସହ ଫୋଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଫଟୋକୋ ରାଜ୍ୟସଭା ସଦସ୍ୟ ଏବଂ ଉଦ୍ୟୋଗପତି ପରିମଳ ନାଥୱାନି ନିଜର ଟୁଇଟର ହ୍ୟାଣ୍ଡେଲରେ ମଧ୍ୟ ଶେୟାର କରିଛନ୍ତି। ସୂଚନା ଯୋଗ୍ୟ, ଗତ ବର୍ଷ ମାର୍ଚ୍ଚରେ ଆକାଶ ଏବଂ ଶ୍ଲୋକାଙ୍କର ବିବାହ ହୋଇଥିଲା। ଏହି ୨ ଜଣ ସ୍କୁଲ ଫ୍ରେଣ୍ଡ ରହି ଆସିଛନ୍ତି। ଧୀରୁ ଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲରେ ସେମାନେ ଶିକ୍ଷା ଗ୍ରହଣ କରିଛନ୍ତି। ଶ୍ଲୋକା ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଏବଂ ପଲିଟିକାଲ ସାଇନ୍ସରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ବିଜନେସ କ୍ଷେତ୍ର ସହ ସେ ସମାଜ ସେବା କ୍ଷେତ୍ରରେ ମଧ୍ୟ ଜଡିତ ଅଛନ୍ତି। ୨୦୧୫ରେ ସେ କନେକ୍ଟ ଫର ନାମରେ ଏକ ଏନ୍‌ଜିଓ ଆରମ୍ଭ କରିଥିଲେ। ଏହା ଶିକ୍ଷା, ଖାଦ୍ୟ ଯୋଗାଣ ଏବଂ ଘର ଉପଲବ୍ଧ କରାଇବା ଦିଗରେ କାମ କରୁଛି। ଆକାଶ ଏବଂ ଶ୍ଲୋକାଙ୍କ ପ୍ରିୱେଡିଂ ସେଲିବ୍ରେଶନ ସେଣ୍ଟ ମ୍ୟାରିଟ୍‌ଜରେ ରଖାଯାଇଥିଲା। ଏହା ୩ ଦିନ ଧରି ଚାଲିଥିଲା। ଏଥିରେ ବଲିଉଡ ସମେତ ବହୁ ସେଲିବ୍ରିଟି ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ, ମୁକେଶ ଅମ୍ବାନୀଙ୍କର ଆକାଶ ଏବେ ଜିଓରେ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ।

# ବଣିକ ଆଇଏଏସ୍ ପକ୍ଷରୁ ମେଧାବୃତ୍ତି ପରୀକ୍ଷା

ଭୁବନେଶ୍ୱର,୧୦।୧୨

ଓଡିଶାର ଯୁବପିଢୀକୁ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବଣିକ ଆଇଏଏସ ପକ୍ଷରୁ ଏକ ମେଧା ଅନ୍ୱେଷଣ ଏବଂ ବୃତ୍ତି ପରୀକ୍ଷା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଆସନ୍ତା ୧୩ ଡିସେମ୍ବର ସକାଳ ୧୦ ଘଟିକା ସମୟରେ ଅନଲାଇନ

VANIK-IAS
Exclusive Coaching for UPSC/OPSC/PSC

ଜରିଆରେ ଅନୁଷ୍ଠିତ ହେବ। ମେଧାବୀ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ ଅଟେ।

ଏହି ପରୀକ୍ଷାରେ ଯୋଗ ଦେବାକୁ ଚାହୁଁଥିବା ଇଛୁକ ଛାତ୍ରଛାତ୍ରୀମାନେ ଡିସେମ୍ବର ୧୧ ତାରିଖ ସନ୍ଧ୍ୟା ୬ ଘଟିକା ସୁଦ୍ଧା ବଣିକ ଆଇଏଏସର ୱେବସାଇଟରେ ନିଜର ନାମ ନିଶୁଳ୍କ ପଞ୍ଜିକୃତ କରିପାରିବେ। ଏହି ପରୀକ୍ଷା ମାଧ୍ୟମରେ ଉପଯୁକ୍ତ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇ, ସେମାନଙ୍କୁ ଶତ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯିବ ବୋଲି ବଣିକ ଅନୁଷ୍ଠାନର ମୁଖ୍ୟ ସୁବ୍ରତ ଛାଟୋଇ ଏହା ପ୍ରକାଶ କରିଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ ଏହା ଛାତ୍ରଛାତ୍ରୀମାନଙ୍କୁ ବିଶେଷ ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି।

## ୫୭% ଯାନର ଇନ୍‌ସ୍ୟୁରାନ୍ସ ନାହିଁ

ନୂଆଦିଲ୍ଲୀ,୧୦।୧୨

ଦେଶ ମଧ୍ୟରେ ଚାଲୁଥିବା ପ୍ରାୟ ୫୭% ଯାନର ଇନ୍‌ସ୍ୟୁରାନ୍ସ ନାହିଁ। ଗତ ବର୍ଷ ଏହା ୫୪% ସ୍ତରରେ ରହିଥିବା ବେଳେ ଚଳିତ ବର୍ଷ ଏଥିରେ ୩% ବୃଦ୍ଧି ହୋଇଥିବା ଇନସ୍ୟୁରାନ୍ସ ଇନଫରମେଶନ ବ୍ୟୁରୋ ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି। ରାଜ୍ୟ ସ୍ତରରେ ଟ୍ରାଫିକ ପୋଲିସ ଦ୍ୱାରା ନିୟମକୁ କଡାକଡି କରାନ ଯିବା, ବୀମା ଯୋଗାଣକାରୀଙ୍କ ଠାରୁ ଫଲୋଅପର ଅଭାବ ଏବଂ ଥାର୍ଡ ପାର୍ଟି ବୀମା ଲାଗି ଲୋକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବାକୁ ପଡୁଥିବାରୁ ଯାନର ମାଲିକମାନେ ସେମାନଙ୍କ ମୋଟର ଇନସ୍ୟୁରାନ୍ସ ପଲିସିକୁ ନବୀକରଣ କରୁ ନଥିବା ଦେଖାଯାଉଛି। ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଦେଶ ମଧ୍ୟରେ ୨୩ କୋଟିରୁ ଅଧିକ ଯାନ ଚଳାଚଳ କରୁଛି। ଏଥି ମଧ୍ୟରୁ ୫୭% ବା ୧୩.୨ କୋଟି ଯାନର ଇନସ୍ୟୁରାନ୍ସ ନାହିଁ।

## ଭାରତରୁ ପ୍ରଡକ୍ଟ ରପ୍ତାନି ବଢ଼ାଇବ ୱାଲ୍‌ମାର୍ଟ

ନୂଆଦିଲ୍ଲୀ,୧୦।୧୨

ଭାରତରେ ଉତ୍ପାଦନ ହେଉଥିବା ପ୍ରଡକ୍ଟ ରପ୍ତାନି ବଢାଇବା ନେଇ ୱାଲମାର୍ଟ ଯୋଜନା ରଖିଛି। ଆଗାମୀ ୨୦୨୭ ସୁଦ୍ଧା ପ୍ରାୟ ୭୪ ହଜାର କୋଟି ଟଙ୍କାର ପ୍ରଡକ୍ଟକୁ ବିଶ୍ୱ ବଜାରରେ ବିକ୍ରି କରିବା ନେଇ ଯୋଜନା ରହିଥିବା ୱାଲମାର୍ଟ କହିଛି। ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ କମ୍ପାନୀ ଫୋକସ କରିବ ବୋଲି ଜଣାପଡିଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା. ୧୧୯ **ବିଜ୍ଞାପନ** ତା ୦୩।୧୨।୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ଏଚ୍‌ଆଇଜି-୧୯ (HIG-19) ପଠାଣି ସାମନ୍ତ, ମୁକ୍ତାପୁର, ନୟାଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଂଜିବ କୁମାର ପଣ୍ଡା, ପିତା-ନନ୍ଦ କିଶୋର ପଣ୍ଡା, ଗ୍ରାମ-ଘାଟିକିଆ, ଟାୱାର ନଂ-୦୧, ଫ୍ଲାଟ ନଂ-୧୨୦୩, ଭିପୁଲ୍ ଗାର୍ଡେନସ୍, କଳିଙ୍ଗ ନଗର, ଫ୍ଲୋର ନଂ-୧୨, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଂଜିବ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ସଙ୍କର୍ଷଣ ବେହେରା, ପିତା-ଶ୍ରୀ ବାସୁଦେବ ବେହେରା, ଶ୍ରୀ ସୁରେସ ଚନ୍ଦ୍ର ବେହେରା, ପିତା-ଶ୍ରୀ ବାସୁଦେବ ବେହେରା, ସା-ମହିପୁର, ପୋ-ଅଭୟପୁର, ଥାନା-ନୂଆଗାଁ, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ୍ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## Government of Odisha
## Parliamentary Affairs Department

No. 6061/PAD, Dated. 07.12.2020
File No.: 29321800102020 (ME-4-08/2020)

### TENDER CALL NOTICE

**No. QQ-2:-** Sealed quotations / tenders are invited from GST and Govt. Registered Travel Agencies / Tour Oerators or private individuals for providing (02) Nos of BS-IV compliant Petrol Vehicles of Zest/Tigor/ Swift Dzire/Xcent/Etios (Petrol) category including driver on monthly hire basis, which shall confirm to the terms and conditions (**Annexure-I**) for official use in the Office of Government Deputy Chief Whip and Leader of Opposition.

1) The vehicle must be in road worthiness condition, shall not be more than 3 years of old from the date of intitial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Under Control Certificate, Tax Clearance Certificate etc . which are mandatory for plying of vehicle.
2) The driver of the vehicle must have valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3) The Driver should be well behaved, gentle and obedient in nature.
4) **A sum of Rs.5000/-** shall be deposited by the intending bidders in shape of Account Payee Bank Draft drawn in favour of Joint Secretary to Government. Parliamentary Affairs Department and submitted along with the tender as security deposit. After completion of the tender process the amount will be refunded to unsuccessful bidders.
5) The monthly rate of hire charges be quoted separately in the general bid information (excluding fuel and lubricants).
6) The vehicle must achieve fuel efficiency of **17 Kms. per litre**.
7) The details of the make and year of manufacture of the vehicle, registration No., mileage (Kms. covered per litre) and name of the driver with Driving License No. and period of validity should be specifically provided in the general bid information to be furnished with the Quotation / Tender (Annexure-III).
8) The quotation completed in all respect should reach the undersigned on or before **21.12.2020 by 12.00 Noon** and shall be opened on the same day at 12.30 P.M. in the presence of the bidders or their authorized representatives.
9) The application form of quotation / tender containing General Bid Information & Terms and Conditions for hiring of vehicles etc . will be available with Parliamentary Affairs Department on **payment of Rs.100 /- from 09.12.2020 to 17.12.2020** during the office hours.
   Keeping in view of the Covid-19 pandemic, the tender documents may also be downloaded from the website of Parliamentary Affairs Department i.e www.pa.odisha.gov.in by submitting a Bank Draft of Rs.100/- (One Hundred) done in favour of Joint Secretary to Government, P.A Department. The bidder while submitting the Bank Draft through registered post/speed post must mention their complete mailing address in order to forward the receipt of the General Bid Information Form.
10) The application received without receipt towards payment of General Bid Information will not be entertained.
11) Any doubt regarding the hiring process may be clarified by contacting the P.A Department Office Telephone No. **0674-2322614** during the office hour.
12) The Authority reserves the right to dismiss or reject any application received incomplete without citing the reason thereof.

Sd./- **(Manamohan Barik)**
**Joint Secretary to Government**
**Parliamentary Affairs Department**

OIPR-42001/11/0002/2021

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-JAJ-0065-2018/37959/R&DM** **Dated: 2 Dec. 2019**

No. XXIV-23:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ମଥୁରାପୁର, ଥାନା: କୋରେଇ, ନଂ. ୧୨୫, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୧୨୩୦, ତା୦୬।୧୧।୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ମଥୁରାପୁର, ଥାନା: କୋରେଇ, ଜିଲ୍ଲା: ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.dkl.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଯାଜପୁର, ତହସିଲ: ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଥୁରାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୩.୧୫ | ଏ. ୬.୮୨ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଯାଜପୁର, ତହସିଲ: ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୯।୦୧।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– ଅତିରିକ୍ତ ଶାସନ ସଚିବ**

**ଜମି ଅନୁସୂଚୀ**
**ଗ୍ରାମର ନାମ: ମଥୁରାପୁର, ଥାନାର ନାମ: କୋରେଇ ନଂ. ୧୨୫,**
**ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର**

**ଜମି ଅଧିଗ୍ରହଣ କେସ୍ ନଂ.**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ୧୮୩୨ | ୦.୧୭ | ୦.୧୪ | ଆରତ ପତି, ପିତା: ଜଗୁ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨ | ୧୦ | ୧୮୨୭ | ୦.୫୬ | ୦.୦୭ | ଆରତ ପତି, ପିତା: ଜଗୁ ପତି ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୩ | ୩୬ | ୧୯୦୪ | ୦.୧୨ | ୦.୧୨ | କୃଷ୍ଣଚନ୍ଦ୍ର ସାହୁ, ପିତା: ଗଣି ସାହୁ, ଜା: କୁମ୍ଭାର, ବା: ନିଜଗାଁ | |
| ୪ | | ୧୯୩୧ | ୦.୧୪ | ୦.୧୪ | କୃଷ୍ଣଚନ୍ଦ୍ର ସାହୁ, ପିତା: ଗଣି ସାହୁ, ଜା: କୁମ୍ଭାର, ବା: ନିଜଗାଁ | |
| ୫ | | ୧୯୩୨ | ୦.୦୬ | ୦.୦୬ | କୃଷ୍ଣଚନ୍ଦ୍ର ସାହୁ, ପିତା: ଗଣି ସାହୁ, ଜା: କୁମ୍ଭାର, ବା: ନିଜଗାଁ | |
| ୬ | | ୧୯୩୩ | ୦.୦୫ | ୦.୦୫ | କୃଷ୍ଣଚନ୍ଦ୍ର ସାହୁ, ପିତା: ଗଣି ସାହୁ, ଜା: କୁମ୍ଭାର, ବା: ନିଜଗାଁ | |
| ୭ | ୪୨ | ୧୮୩୭ | ୦.୦୩ | ୦.୦୩ | ଖଡ଼ିକା ସାହୁ, ପିତା: ସଦାଶିବ ଖଣ୍ଡେଇ, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮ | ୪୯ | ୧୮୩୦ | ୦.୧୬ | ୦.୦୧ | ଗୟାଧର ବାରିକ, ପିତା: ହରି ବାରିକ, ଜା: ଗୋପାଳ, ବା: ମୁକୁନ୍ଦପୁର | |
| ୯ | ୫୯ | ୧୯୪୦ | ୦.୨୦ | ୦.୦୦ | ଗୁଣ୍ଡ ପରିଡ଼ା, ସ୍ୱାମୀ: ଲକ୍ଷ୍ମୀଧର ପରିଡ଼ା ଓଗେର, ଜା: ତନ୍ତି, ବା: ମୁକୁନ୍ଦପୁର | |
| ୧୦ | ୭୮ | ୧୮୦୮ | ୦.୦୭ | ୦.୦୩ | ଚିନ୍ତାମଣି ପତି, ପିତା: ଉମାକାନ୍ତ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୧ | | ୧୮୧୧ | ୦.୨୩ | ୦.୨୩ | ଚିନ୍ତାମଣି ପତି, ପିତା: ଉମାକାନ୍ତ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୨ | | ୧୮୩୧ | ୦.୨୪ | ୦.୧୧ | ଚିନ୍ତାମଣି ପତି, ପିତା: ଉମାକାନ୍ତ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୩ | | ୧୮୩୮ | ୦.୪୦ | ୦.୩୫ | ଚିନ୍ତାମଣି ପତି, ପିତା: ଉମାକାନ୍ତ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୪ | ୧୦୫ | ୧୯୨୫ | ୦.୪୩ | ୦.୦୧ | କୁଳି ସେଠୀ, ପିତା: ଏକାଦଶୀ ସେଠୀ ଓଗେର, ଜା: ଧୋବା, ବା: ମୁକୁନ୍ଦପୁର | |
| ୧୫ | ୧୦୬ | ୧୯୦୧ | ୦.୨୮ | ୦.୨୦ | ଯୋଗେନ୍ଦ୍ର ବୋଇତେଇ, ପିତା: ଦର୍ଶନ ବୋଇତେଇ, ଜା: ଗୋପାଳ, ବା: ମୁକୁନ୍ଦପୁର | |
| ୧୬ | | ୧୮୯୯ | ୦.୪୦ | ୦.୦୧ | ଯୋଗେନ୍ଦ୍ର ବୋଇତେଇ, ପିତା: ଦର୍ଶନ ବୋଇତେଇ, ଜା: ଗୋପାଳ, ବା: ମୁକୁନ୍ଦପୁର | |
| ୧୭ | ୧୧୩ | ୧୯୦୨ | ୦.୨୩ | ୦.୨୩ | ତରଣୀସେନ ପାଢ଼ୀ, ପିତା: ଲକ୍ଷ୍ମୀଧର ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୮ | | ୧୯୦୫ | ୦.୩୨ | ୦.୨୪ | ତରଣୀସେନ ପାଢ଼ୀ, ପିତା: ଲକ୍ଷ୍ମୀଧର ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୯ | ୧୧୩ | ୧୯୧୮ | ୦.୧୬ | ୦.୦୮ | ତରଣୀସେନ ପାଢ଼ୀ, ପିତା: ଲକ୍ଷ୍ମୀଧର ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୦ | ୧୨୮ | ୧୭୨୧ | ୧.୪୦ | ୦.୭୦ | ଦୀନବନ୍ଧୁ ସ୍ୱାଇଁ, ପିତା: ହରି ସ୍ୱାଇଁ ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ସୋଲୁପାଟୁଆ | |
| ୨୧ | | ୧୮୧୨ | ୧.୦୫ | ୦.୪୬ | ଦୀନବନ୍ଧୁ ସ୍ୱାଇଁ, ପିତା: ହରି ସ୍ୱାଇଁ ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ସୋଲୁପାଟୁଆ | |
| ୨୨ | ୧୨୯ | ୧୮୪୧ | ୦.୦୯ | ୦.୦୩ | ନୀଳମଣି ବେହେରା, ପିତା: ଧ୍ରୁବଚରଣ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୩ | | ୧୮୪୨ | ୦.୦୬ | ୦.୦୬ | ନୀଳମଣି ବେହେରା, ପିତା: ଧ୍ରୁବଚରଣ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୪ | ୧୪୨ | ୧୯୧୯ | ୦.୧୦ | ୦.୧୦ | ଧ୍ରୁବଚରଣ ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୫ | | ୧୯୨୮ | ୦.୧୩ | ୦.୧୩ | ଧ୍ରୁବଚରଣ ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୬ | ୧୪୨ | ୧୯୨୯ | ୦.୧୮ | ୦.୧୮ | ଧ୍ରୁବଚରଣ ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୭ | | ୧୯୩୦ | ୦.୧୩ | ୦.୧୩ | ଧ୍ରୁବଚରଣ ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୮ | | ୧୯୪୧ | ୦.୩୦ | ୦.୨୨ | ଧ୍ରୁବଚରଣ ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୯ | ୧୫୦ | ୧୯୦୦ | ୦.୧୫ | ୦.୦୩ | ନବଘନ ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୦ | | ୧୯୨୧ | ୦.୦୬ | ୦.୦୬ | ନବଘନ ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୧ | | ୧୯୨୨ | ୦.୦୬ | ୦.୦୬ | ନବଘନ ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୨ | | ୧୯୩୪ | ୦.୦୮ | ୦.୦୩ | ନବଘନ ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୩ | | ୧୯୩୯ | ୦.୧୮ | ୦.୧୩ | ନବଘନ ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୪ | ୧୫୪ | ୧୯୩୮ | ୦.୧୬ | ୦.୦୨ | ନାରଣ ସାହୁ, ପିତା: ସାଧୁ ସାହୁ, ଜା: କୁମ୍ଭାର, ବା: ମୁକୁନ୍ଦପୁର | |
| ୩୫ | ୧୬୪ | ୧୮୧୦ | ୦.୫୭ | ୦.୧୨ | ନୀଳମଣି ପତି, ପିତା: ସୂର୍ଯ୍ୟମଣି ପତି, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୩୬ | ୧୮୧ | ୧୮୪୯ | ୦.୧୫ | ୦.୧୧ | ପୁରୁଷୋତ୍ତମ ଜେନା, ପିତା: ମାୟାଧର ଜେନା ଓଗେର, ଜା: ପାଣ, ବା: ମୁକୁନ୍ଦପୁର | |
| ୩୭ | ୧୯୬ | ୧୯୨୬ | ୦.୩୦ | ୦.୧୦ | ବାବନ ଜେନା, ପିତା: ଶମ୍ଭୁ ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୩୮ | ୨୦୪ | ୧୯୨୩ | ୦.୪୫ | ୦.୦୭ | ବାବୁଲି ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୩୯ | | ୧୯୨୭ | ୦.୨୫ | ୦.୧୫ | ବାବୁଲି ସାହୁ, ପିତା: ନାଣ୍ଡୁ ସାହୁ ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୪୦ | ୨୨୨ | ୧୮୧୩ | ୦.୪୦ | ୦.୩୨ | ଭକ୍ତଚରଣ ସାହୁ, ପିତା: ଶ୍ରୀଧର ସାହୁ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | |
| ୪୧ | ୨୩୧ | ୧୮୪୭ | ୦.୦୨ | ୦.୦୧ | ମଦନ ପରିଡ଼ା, ପିତା: ଶିକର ପରିଡ଼ା ଓଗେର, ଜା: କମାର, ବା: ନିଜଗାଁ | |
| ୪୨ | ୨୪୮ | ୧୮୪୫ | ୦.୨୨ | ୦.୨୨ | ମୂଳି ସେଠୀ, ପିତା: ଏକାଦଶୀ ସେଠୀ ଓଗେର, ଜା: ଧୋବା, ବା: ମୁକୁନ୍ଦପୁର | |
| ୪୩ | | ୧୯୦୩ | ୦.୧୬ | ୦.୧୨ | ମୂଳି ସେଠୀ, ପିତା: ଏକାଦଶୀ ସେଠୀ ଓଗେର, ଜା: ଧୋବା, ବା: ମୁକୁନ୍ଦପୁର | |
| ୪୪ | ୨୫୮ | ୧୮୧୫ | ୦.୦୮ | ୦.୦୧ | ରବିନ୍ଦ୍ର ପଣ୍ଡା, ପିତା: ନାରାୟଣ ପଣ୍ଡା ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ସୋଲପାଟିଆ | |
| ୪୫ | | ୧୮୨୮ | ୦.୫୦ | ୦.୦୧ | ରବିନ୍ଦ୍ର ପଣ୍ଡା, ପିତା: ନାରାୟଣ ପଣ୍ଡା ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ସୋଲପାଟିଆ | |
| ୪୬ | ୨୬୭ | ୧୮୪୬ | ୦.୦୩ | ୦.୦୩ | ରାମ ପରିଡ଼ା, ପିତା: ଦଧି ପରିଡ଼ା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୪୭ | ୩୦୧ | ୧୮୩୩ | ୦.୧୨ | ୦.୧୨ | ସାବି ସାହୁ, ସ୍ୱାମୀ: ଉମା ସାହୁ ଓଗେର, ଜା: କୁମ୍ଭାର, ବା: ମୁକୁନ୍ଦପୁର | |
| ୪୮ | | ୧୮୩୪ | ୦.୦୪ | ୦.୦୪ | ସାବି ସାହୁ, ସ୍ୱାମୀ: ଉମା ସାହୁ ଓଗେର, ଜା: କୁମ୍ଭାର, ବା: ମୁକୁନ୍ଦପୁର | |
| ୪୯ | | ୧୮୩୫ | ୦.୦୪ | ୦.୦୪ | ସାବି ସାହୁ, ସ୍ୱାମୀ: ଉମା ସାହୁ ଓଗେର, ଜା: କୁମ୍ଭାର, ବା: ମୁକୁନ୍ଦପୁର | |
| ୫୦ | | ୧୮୩୬ | ୦.୧୬ | ୦.୦୩ | ସାବି ସାହୁ, ସ୍ୱାମୀ: ଉମା ସାହୁ ଓଗେର, ଜା: କୁମ୍ଭାର, ବା: ମୁକୁନ୍ଦପୁର | |
| ୫୧ | ୩୨୫ | ୧୮୪୩ | ୦.୦୫ | ୦.୦୨ | ହରି ବେହେରା, ପିତା: ସାଉଣ୍ଟି ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୫୨ | | ୧୮୪୪ | ୦.୧୬ | ୦.୧୬ | ହରି ବେହେରା, ପିତା: ସାଉଣ୍ଟି ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୫୩ | | ୧୯୧୭ | ୦.୧୨ | ୦.୦୩ | ହରି ବେହେରା, ପିତା: ସାଉଣ୍ଟି ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୫୪ | ୩୩୦/୫ | ୧୮୨୯ | ୦.୦୯ | ୦.୦୫ | ସତ୍ୟାନନ୍ଦ ଦାଶ, ପିତା: ବୁଲା ଦାଶ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୫ | | ୧୮୪୮ | ୦.୧୧ | ୦.୦୧ | ସତ୍ୟାନନ୍ଦ ଦାଶ, ପିତା: ବୁଲା ଦାଶ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୬ | ୩୩୦/ ୫୫ | ୧୮୧୪ | ୦.୦୪ | ୦.୦୪ | ପୂର୍ଣ୍ଣାନନ୍ଦ ବେହେରା, ପିତା: ଚିନ୍ତାମଣି ବେହେରା, ଜା: ଗୋପାଳ, ବା: ଗୋପାଳପୁର, ଥା: ସଦର, ଜି: କଟକ | |
| ୫୭ | ୩୩୦/୬ | ୧୮୩୮/ ୨୦୦୩ | ୦.୨୮ | ୦.୨୫ | ସତ୍ୟାନନ୍ଦ ଦାଶ, ପିତା: ବୁଲା ଦାଶ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୮ | ୩୩୦/ ୬୭ | ୧୯୨୦ | ୦.୪୩ | ୦.୩୦ | ବସନ୍ତ କୁମାର ସ୍ୱାଇଁ, ପିତା: ସୁବଳ ସ୍ୱାଇଁ ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ସୋଲପଟା | |
| | | | ମୋଟ | ୬.୮୨ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୫୮ (ଅଠାବନ), ମୋଟ ଅଧିଗୃହୀତ ଜମି: ୬.୮୨ ଏକର।

OIPR-24001/14/0153/2021

# ଟିକା ହିଁ ଆଶା

## 'ଆଲର୍ଜି ଥିଲେ ନିଅନ୍ତୁ ନାହିଁ'



**ଲଣ୍ଡନ,୧୦।୧୨:** ବ୍ରିଟେନରେ ଗତ ମଙ୍ଗଳବାରଠାରୁ ସାମୂହିକ ଭାବେ ଫାଇଜର ଟିକାକରଣ ଆରମ୍ଭ ହୋଇଛି। ଟିକା ନେଇଥିବା ୨ ଜଣଙ୍କ ମଧ୍ୟରେ ଆନାଫିଲାକ୍ସିସ୍ ବା ଆଲର୍ଜିକ୍ ପ୍ରତିକ୍ରିୟା ଦେଖାଯାଇଥିବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ତେଣୁ କୌଣସି ଭାକ୍‌ସିନ, ମେଡିସିନ, ଖାଦ୍ୟ ଆଦି ପ୍ରତି ଆଲର୍ଜି ଥିବା ବ୍ୟକ୍ତି ଟିକା ନ ନେବାକୁ ବ୍ରିଟେନର ମେଡିସିନ ନିୟନ୍ତ୍ରକ ସତର୍କ କରାଇଛନ୍ତି। ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଆନାଫାଇଲିକ୍ସ ଥିବା ମେଡିସିନ୍ ଆଣ୍ଡ ହେଲ୍ଥ କେୟାର ପ୍ରଡକ୍ଟସ୍ ରେଗୁଲେଟୋରୀ ଏଜେନ୍ସି (ଏମ୍ଏଚ୍ଆର୍ଏ) କହିଛି।



ମୋ ପାଳି ଆସିଲେ ମୁଁ ମଧ କୋଭିଡ୍-୧୯ ଭାକ୍ସିନ ନେବି। ଟିକାକରଣରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରୁଛି। କାରଣ ଏହା ଆମକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସମାଜକୁ ସୁରକ୍ଷିତ ରଖିବା ଲାଗି ଆମ ପାଇଁ ଏକ ଉତ୍ତରଦାୟିତ୍ୱ ମଧ୍ୟ।
**-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ**



ବୈଜ୍ଞାନିକଙ୍କ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତରେ ଟିକାକରଣ ଆରମ୍ଭ ହେବ। ଦେଶର ସର୍ବବୃହତ୍ ଭାକ୍ସିନେଶନ ଅଭିଯାନ ପାଇଁ ମୋବାଇଲ୍ ଟେକ୍ନୋଲୋଜି ସହାୟକ ହେବ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ଚଳିତବର୍ଷ ଶେଷ ସୁଦ୍ଧା କରୋନା ଭାକ୍ସିନ ଆସିଯିବ। ତେବେ କୋଭିଡ୍-୧୯ରୁ ମୁକ୍ତି ପାଇଁ କେବଳ ଟିକାକରଣ ପର୍ଯ୍ୟାପ୍ତ ନୁହେଁ। ଏଥିଲାଗି ବ୍ୟାପକ ଜନସଚେତନତା ଓ ସାବଧାନତା ଜରୁରୀ।
**-ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍, ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ**

ଗତବର୍ଷ ଶେଷ ଆଡ଼କୁ ବିଶ୍ୱକୁ ଅଭିଶାପ ଭଳି ମାଡ଼ିଆସିଥିଲା ଏକ ଅଜଣା ଭୂତାଣୁ, ଯାହାକୁ ପରବର୍ତ୍ତୀ ସମୟରେ କରୋନା ବା କୋଭିଡ୍-୧୯ ରୂପେ ନାମକରଣ କରାଯାଇଥିଲା। ଏହି ମହାମାରୀର ଚେର ଅଦ୍ୟାବଧି ୨୨୫ରୁ ଊର୍ଦ୍ଧ୍ୱ ଦେଶକୁ ଲମ୍ବିସାରିଛି। ଏଥିରେ ୬୯,୪୧୮,୪୬୪ ଜଣ ସଂକ୍ରମିତ ହୋଇଥିବାବେଳେ ବିଭିନ୍ନ ଉପାୟରେ ଚିକିତ୍ସିତ ହୋଇ ୪୮,୧୬୫,୧୬୩ ଜଣ ଆରୋଗ୍ୟ ଲାଭ କରିଛନ୍ତି। ତେବେ ଚିକିତ୍ସା ପାଇଁ ଯେଉଁସବୁ ଉପାୟ ଆପଣାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। କାରଣ ଗୁରୁବାର ସୁଦ୍ଧା କରୋନା ସଂକ୍ରମିତଙ୍କ ମୃତ୍ୟୁସଂଖ୍ୟା ୧,୫୭୯,୧୦୦ରେ ପହଞ୍ଚିଛି। ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ହେଉଛି ପ୍ରାୟ ୧ ଲକ୍ଷ ୪୨ ହଜାର। ଏଭଳି ସମୟରେ କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ଭାକ୍ସିନ ହିଁ ଏକମାତ୍ର ଆଶା।






## ଭାକ୍ସିନ କ'ଣ



ପ୍ରକୃତି ଦତ୍ତ ରୋଗ ପ୍ରତିରୋଧକ ଶକ୍ତି ଆମକୁ ପ୍ରତି ମୁହୂର୍ତ୍ତରେ ସୁରକ୍ଷା ଦେଇଥାଏ। କିନ୍ତୁ କୌଣସି ରୋଗ ଆଗରେ ଏହି ଶକ୍ତି କମ୍ ପଡ଼ିଗଲେ ଆବଶ୍ୟକ ହୁଏ କୃତ୍ରିମ ଔଷଧ। ଆଧୁନିକ ଯୁଗରେ ମଣିଷ ଅନେକ ରୋଗ ସୃଷ୍ଟିକାରୀ କାରକଠାରୁ ବଞ୍ଚିବା ପାଇଁ ଉପଚାର ବାହାର କରିପାରିନି। ସମୟକ୍ରମେ ଏଭଳି ରୋଗ ଡାକ୍ତର ଓ ବିଶେଷଜ୍ଞଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହେଉଥିବାବେଳେ ବିଶଲ୍ୟକରଣୀ ସାଜିଥାଏ ଟିକା ବା ଭାକ୍ସିନ । ଭୂତାଣୁର ଷ୍ଟ୍ରେନକୁ ନିଷ୍କ୍ରିୟ କରାଯାଇ ଶରୀରରେ ଛଡ଼ାଯିବା ପରେ ରୋଗ ସହ ଲଢ଼ିବାକୁ ପ୍ରସ୍ତୁତ ହୋଇଯାଏ ଆମ ପ୍ରତିରୋଧକ ଶକ୍ତି। ଏହି ଭାକ୍ସିନର ପ୍ରୟୋଗକୁ ଟିକାକରଣ କୁହାଯାଏ।

ନୂଆଦିଲ୍ଲୀ/ଲଣ୍ଡନ, ୧୦।୧୨

ବିଶ୍ୱର ସର୍ବବୃହତ୍ ଭାକ୍ସିନ ପ୍ରସ୍ତୁତକାରୀ ଦେଶ ଭାରତରେ ଆସନ୍ତା କିଛି ସପ୍ତାହ ମଧ୍ୟରେ କୋଭିଡ୍-୧୯ ଟିକା ଆସିବାକୁ ଯାଉଛି। ୩ ଟିକା ପ୍ରସ୍ତୁତକାରୀ କମ୍ପାନୀଙ୍କ ଆବେଦନ ଡ୍ରଗ୍ ନିୟନ୍ତ୍ରକଙ୍କ ବିଚାରାଧୀନ ରହିଛି। ସାରା ବିଶ୍ୱରେ ବିକ୍ରି ହେଉଥିବା ମୋଟ ଭାକ୍ସିନର ୬୦% କେବଳ ଭାରତରେ ପ୍ରସ୍ତୁତ ହୋଇଥାଏ। ଦେଶର ୪୦ ବିଲିୟନ ଫାର୍ମାସ୍ୟୁଟିକାଲ୍ ସେକ୍ଟର ଫାଇଜର୍ ଇନ୍‌କ ଓ ମଡର୍ନା ଶଟ୍ ଏଥିରେ ସାମିଲ ହେବା ପରେ ଭାରତ ବିଶ୍ୱର ପ୍ରତିଷେଧନ କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ଭାରତରେ ୮ଟି କୋଭିଡ୍ ଟିକା ଉଦ୍ଭାବନ ହୋଇଛି। ସେହିପରି ଅରବିନ୍ଦ ଫାର୍ମା ପକ୍ଷରୁ ବିକଶିତ ଅନ୍ୟ ଏକ ଟିକା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଏହି ୯ ଟିକା ମଧ୍ୟରୁ ୬ ଭାକ୍ସିନର କ୍ଲିନିକାଲ୍ ଟ୍ରାଏଲ୍ ଚାଲିଥିବାବେଳେ ୩ଟି ପ୍ରିକ୍ଲିନିକାଲ୍ ଷ୍ଟେଜ୍‌ରେ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସୂଚନା ଦେଇଛନ୍ତି।

## ଭାରତରେ ଭାକ୍ସିନ୍

| ଟିକା | ପ୍ରକାର | ପ୍ରସ୍ତୁତକର୍ତ୍ତା | ସହଯୋଗୀ | ପର୍ଯ୍ୟାୟ |
|---|---|---|---|---|
| କୋଭିଡ୍‌ଶିଲ୍ଡ | ଶିମ୍ପାଞ୍ଜି ଆଡେନୋଭାଇରସ୍ | ସେରମ୍ ଇନ୍‌ଷ୍ଟିଚ୍ୟୁଟ୍, ପୁଣେ | ଆଷ୍ଟ୍ରାଜେନେକା | ଦ୍ୱିତୀୟ/ତୃତୀୟ (ଇୟୁଏ ପାଇଁ ଆବେଦନ) |
| କୋଭାକ୍ସିନ୍ | ଇନ୍‌ଆକ୍ଟିଭେଟେଡ୍ ଭାଇରସ | ଭାରତ ବାୟୋଟେକ୍, ହାଇଦ୍ରାବାଦ | ଆଇସିଏମ୍ଆର | ତୃତୀୟ (ଇୟୁଏ ପାଇଁ ଆବେଦନ) |
| ଜାଇକୋଭ୍-ଡି | ଡିଏନ୍ଏ ଭାକ୍ସିନ୍ | କାଡିଲା ହେଲ୍‌ଥ କେୟାର,ଅହମଦାବାଦ | ବାୟୋଟେକ୍ନୋଲୋଜି ବିଭାଗ | ଦ୍ୱିତୀୟ |
| ସ୍ପୁଟ୍‌ନିକ୍-ଭି | ହ୍ୟୁମାନ୍ ଆଡେନୋଭାଇରସ୍ ଭାକ୍ସିନ୍ | ଡକ୍ଟର ରେଡ୍ଡୀ ଲାବରେଟୋରି, ହାଇଦ୍ରାବାଦ | ଗାମାଲିୟା ନ୍ୟାଶନାଲ ସେଣ୍ଟର, ରୁଷିଆ | ଆସନ୍ତା ସପ୍ତାହରୁ ତୃତୀୟ ପର୍ଯ୍ୟାୟ |
| ଏନ୍‌ଭିଏକ୍ସ-କୋଭ୍୨୩୭୩ | ପ୍ରୋଟିନ୍ ସବ୍-ୟୁନିଟ୍ | ସେରମ୍ ଇନ୍‌ଷ୍ଟିଚ୍ୟୁଟ୍, ପୁଣେ | ନୋଭାଭାକ୍ସ | ତୃତୀୟ ପର୍ଯ୍ୟାୟ ବିଚାରାଧୀନ |
| ରିକୋମ୍ବିନାଣ୍ଟ ପ୍ରୋଟିନ୍ ଆଣ୍ଟିଜେନ୍ ବେସ୍‌ଡ ଭାକ୍ସିନ |  | ବାୟୋଲୋଜିକାଲ ଇ ଲିଃ, ହାଇଦ୍ରାବାଦ | ଏମ୍ଆଇଟି, ଆମେରିକା | ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ହ୍ୟୁମାନ୍ ଟ୍ରାଏଲ |
| ଏଚ୍‌ଜିସିଓ ୧୯ | ଏମ୍ଆର୍ଏନ୍ଏ ଭାକ୍ସିନ | ଜେନୋଭା, ପୁଣେ | ଏଚ୍‌ଡିଟି, ଆମେରିକା | ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ୍ ଟ୍ରାଏଲ୍ ଆରମ୍ଭ ହେବ |
| ଇନ୍‌ଆକ୍ଟିଭେଟେଡ୍ ରାବିସ୍ ଭେକ୍ଟର ପ୍ଲାଟଫର୍ମ |  | ଭାରତ ବାୟୋଟେକ୍, ହାଇଦ୍ରାବାଦ | ଥୋମାସ୍ ଜେଫରସନ ୟୁନିଭ୍, ଆମେରିକା | ପ୍ରି-କ୍ଲିନିକାଲ୍ (ଆଡଭାନ୍ସଡ୍) |

ଇୟୁଏ= ଏମର୍ଜେନ୍ସି ୟୁଜ୍ ଅଥୋରାଇଜେଶନ * ସୂତ୍ର: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

## ଟିକା ପରେ ମାସ୍କ ପିନ୍ଧିବା ବନ୍ଦ କି



ବ୍ରିଟେନରେ ସାମୂହିକ ଟିକାକରଣ ଆରମ୍ଭ ହୋଇଥିବା ବେଳେ ଭାରତ ସମେତ ଅନ୍ୟ ଦେଶଗୁଡ଼ିକରେ ଖୁବ୍‌ଶୀଘ୍ର ଭାକ୍ସିନ ପହଞ୍ଚିବ ବୋଲି ଆଶା କରାଯାଉଛି। ଏମିତିରେ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, କୋଭିଡ୍-୧୯ରୁ ମୁକ୍ତି ପାଇଁ ଭାକ୍ସିନ ଆସିବା ପରେ କ'ଣ ମାସ୍କ ପିନ୍ଧିବା ବନ୍ଦ କରିଦେବା ଉଚିତ। ବିଶେଷଜ୍ଞଙ୍କ ମତରେ ଏହାର ଉତ୍ତର ହେଉଛି ନା। ଟିକା ନେବା ପରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିବ ଓ ସୋସିଆଲ ଡିଷ୍ଟାନ୍ସିଂ ବଜାୟ ରଖିବାକୁ ପଡ଼ିବ। କାରଣ କରୋନା ଭାଇରସ୍ ଭାକ୍ସିନର ଦୁଇଟି ଶଟ୍ ନେବାକୁ ପଡ଼ିବ। ଫାଇଜରର ପ୍ରଥମ ଡୋଜ୍ ନେବାର ୩ ସପ୍ତାହ ପରେ ଏହାର ଦ୍ୱିତୀୟ ଡୋଜ୍ ନିଆଯିବ। ସେହିପରି ମର୍ଡନା ଟିକାର ଦୁଇଟି ଡୋଜ୍‌ର ବ୍ୟବଧାନ ହେଉଛି ୪ ସପ୍ତାହ। ଭାକ୍ସିନ ନେବା ମାତ୍ରେ ଏହାର ପ୍ରଭାବ ଦେଖିବାକୁ ମିଳି ନ ଥାଏ। ଏହା ବାଦ୍ କେଉଁ ଟିକା କେତେ ଫଳପ୍ରଦ ତାହା ଜାଣିବା ପାଇଁ ଅନେକ ସମୟ ଲାଗିଥାଏ। ତେଣୁ ଟିକା ନେବା ପରେ ମଧ୍ୟ ସଂକ୍ରମିତ ହେବା ଆଶଙ୍କା ଥିବାରୁ ସାବଧାନତା ଜରୁରୀ ବୋଲି ୱାଶିଂଟନ ୟୁନିଭର୍ସିଟିର ଭାକ୍ସିନ ବିଶେଷଜ୍ଞ ଦେବୋରାହ ଫୁଲେର ସତର୍କ କରାଇଛନ୍ତି।

## ୨ ମାସ ମଦ ମନା



କରୋନା ଭାଇରସ୍ ଟିକା 'ସ୍ପୁଟ୍‌ନିକ୍ ଭି' ନେବା ପରେ ୨ ମାସ ପର୍ଯ୍ୟନ୍ତ ମଦ୍ୟପାନ କରିବା ଅନୁଚିତ। କାରଣ ମଦ ପିଇଲେ ଭାକ୍ସିନ କାମ କରିବ ନାହିଁ ବୋଲି ରୁଷିଆର ଅଧିକାରୀମାନେ ସତର୍କ କରାଇଛନ୍ତି। ରୁଷିଆ ଉପପ୍ରଧାନମନ୍ତ୍ରୀ ଟାଟିଆନା ଗୋଲିକୋଭା କହିଛନ୍ତି, ସ୍ପୁଟ୍‌ନିକ୍ ଭି ଟିକା କାମ କରିବାକୁ ୪୨ ଦିନ ନେଇଥାଏ। ଏହି ଅବଧି ମଧ୍ୟରେ ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା, ମୁହଁରେ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ଯଥାସମ୍ଭବ କମ୍ ଲୋକଙ୍କ ସହ ମିଳାମିଶା କରିବା ଓ ମଦ୍ୟପାନ ଛାଡ଼ିବା ଭଳି ସତର୍କତା ଜରୁରୀ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁସାରେ ରୁଷିଆ ହେଉଛି ବିଶ୍ୱର ଚତୁର୍ଥ ମଦ୍ୟପାନକାରୀ ରାଷ୍ଟ୍ର। ରୁଷୀୟମାନେ ବର୍ଷକୁ ହାରାହାରି ୧୫.୧ ଲିଟର ମଦ ପିଇଥାନ୍ତି। ଏହି ଦେଶରେ ୧ ଲକ୍ଷ ଲୋକ ଟିକା ନେଇସାରିଲେଣି। ସ୍ପୁଟ୍‌ନିକ୍ ଭି ୯୦% ପ୍ରଭାବୀ ବୋଲି ସେଠାକାର ସ୍ୱାସ୍ଥ୍ୟ ଅଧିକାରୀମାନେ କହୁଛନ୍ତି।

## ଭାକ୍ସିନ: ୨୦୦ ବର୍ଷର ଇତିହାସ

### ସଂକ୍ରାମକ ବସନ୍ତରୁ ରକ୍ଷା

୧୭୯୬ ପୂର୍ବରୁ ଭୂତାଣୁଜନିତ ସଂକ୍ରାମକ ବସନ୍ତ ରୋଗର ନାଁ ଶୁଣିଲେ ଲୋକେ ଆତଙ୍କିତ ହୋଇଉଠୁଥିଲେ। ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିବା ବସନ୍ତର ଉପଚାର ସେତେବେଳେ ଡାକ୍ତର ଓ ବୈଜ୍ଞାନିକଙ୍କ ଚିନ୍ତାର କାରଣ ପାଲଟିଥିଲା। ୧୭୯୬ରେ ବ୍ରିଟେନର ଡାକ୍ତର ଏଡ୍‌ୱାର୍ଡ ଜେନର ଏକ ଛୋଟ ପିଲା ଶରୀରରେ ଭୂତାଣୁ ଠାବ କରିଥିଲେ। ତାହା ବସନ୍ତ ସହ ଲଢ଼ିବାରେ ସ୍ୱତଃ ପ୍ରତିରୋଧକ ଶକ୍ତି ସୃଷ୍ଟି କରୁଥିବା ସେ ଲକ୍ଷ୍ୟ କରିଥିଲେ। ତାହା ହିଁ ତାଙ୍କୁ ବସନ୍ତର ଟିକା ପ୍ରସ୍ତୁତି ପାଇଁ ରାସ୍ତା ଦେଖାଇଥିଲା।

### ଚିନ୍ତା ବଢ଼ାଇଥିଲା ଜଳାତଙ୍କ

ଦିନ ଥିଲା କୁକୁର କାମୁଡ଼ା ପରବର୍ତ୍ତୀ ସମୟରେ ଜଳାତଙ୍କ ଭଳି ରୋଗ ମଣିଷର ବଞ୍ଚିବା କଷ୍ଟକର କରିଦେଇଥିଲା। ଏହା କବଳରୁ ରକ୍ଷା କରିବା ଡାକ୍ତରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଗବେଷଣା ଜାରିଥିବାବେଳେ ୧୮୮୫ରେ ଜଳାତଙ୍କରୁ ରକ୍ଷା ପାଇବା ପାଇଁ ଟିକା ବାହାର କରିବାରେ ସଫଳ ହୋଇଥିଲେ ଫ୍ରାନ୍ସର ବୈଜ୍ଞାନିକ ଲୁଇସ୍ ପାଷ୍ଟର। ସଂକ୍ରାମକ ଭୂତାଣୁର ଏକ ଷ୍ଟ୍ରେନକୁ ଅଲଗା କରି ସେ ଜଳାତଙ୍କ ପାଇଁ ଟିକାର ଉଦ୍ଭାବନ କରିଥିଲେ।

### ଟିବି, ଡିପ୍‌ଥେରିଆ, ଟିଟାନସ୍

ଊନବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଟାଇଫଏଡର ଟିକା ପ୍ରସ୍ତୁତି ଦିଗରେ ମିଳିଥିଲା ସଫଳତା। ୧୯୨୦ ବେଳକୁ ଏହି ଟିକାର ପରୀକ୍ଷଣ ଆରମ୍ଭ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ଡୋଜ୍ ଦିଆଯାଇଥିଲା। ୧୯୨୧ରେ ଟ୍ୟୁବେରୋକ୍ୟୁଲୋସିସ୍ ବା ଯକ୍ଷ୍ମା ପାଇଁ ବାସିଲ୍-କାଲମେଟ-ଗୁରେନ(ବିସିଜି) ଟିକା, ୧୯୨୩ରେ ଡିପ୍‌ଥେରିଆ, ୧୯୨୬ରେ ଟିଟାନସ୍ ଏବଂ ଲହରା କାଶରୁ ମୁକ୍ତି ପାଇଁ ୧୯୨୬ରେ ଭାକ୍ସିନ ଆସିଯାଇଥିଲା।

### ଏଚ୍୧ଏନ୍୧ ବା ସ୍ୱାଇନ୍ ଫ୍ଲୁ ଟିକା




ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ଏଚ୍୧ଏନ୍୧ ବା ସ୍ୱାଇନ୍ ଫ୍ଲୁ ଟିକା ୨୦୦୯ରେ ଆସିଯାଇଥିଲା। ୧୯୧୮ର ଫ୍ଲୁ ସୃଷ୍ଟିକାରୀ ଭୂତାଣୁର ଷ୍ଟ୍ରେନରୁ ପ୍ରସ୍ତୁତ କରାଯାଇଥିଲା ଏହି ଟିକା। କମ୍ ସମୟ ମଧ୍ୟରେ ଭାକ୍ସିନ ପ୍ରସ୍ତୁତ ହୋଇଯାଇଥିଲା। ତେବେ ସେତେବେଳକୁ ଏହି ଭୂତାଣୁ ୧୮,୫୦୦ ଲୋକଙ୍କ ଜୀବନ ନେଇସାରିଥିଲା।

### ସିଜିନାଲ ଫ୍ଲୁ ଭାକ୍ସିନ୍

ଋତୁକାଳୀନ ଭୀଷଣ ଥଣ୍ଡା, ଶର୍ଦ୍ଦିରୁ ସୁରକ୍ଷା ପାଇଁ ୧୯୪୪-୪୫ରେ ୟୁରୋପରେ ଯୁଦ୍ଧରତ ଆମେରିକୀୟ ସୈନ୍ୟଙ୍କୁ ପ୍ରଥମେ ଫ୍ଲୁ ଭାକ୍ସିନ ଦିଆଯାଇଥିଲା। ଏହା ପ୍ରାୟ ୩ରୁ ୪ ପ୍ରକାରର ଇନ୍‌ଫ୍ଲୁଏଞ୍ଜା ଭାଇରସ୍‌ରୁ ସୁରକ୍ଷା ଦେଇଥାଏ। ପ୍ରତିବର୍ଷ ଏହି ଟିକାର ନୂଆ ଡୋଜ୍ ପ୍ରସ୍ତୁତ କରାଯାଏ।

### ଭୟଙ୍କର ପୋଲିଓରୁ ନିସ୍ତାର



୧୯୫୫ରେ ଭୟଙ୍କର ପୋଲିଓ ପାଇଁ ଟିକାକୁ ମଞ୍ଜୁରୀ ମିଳିବା ପରେ ସମସ୍ତଙ୍କ ହିରୋ ପାଲଟି ଯାଇଥିଲେ ଆମେରିକୀୟ ଭାଇରୋଲୋଜିଷ୍ଟ ଡା. ଜୋନାସ୍ ଏଡୱାର୍ଡ ସଲ୍କ। ପୋଲିଓ ପାଇଁ ଏହି ଟିକାକୁ ଇଞ୍ଜେକଶନ ମାଧ୍ୟମରେ ଦିଆଯିବାର ବ୍ୟବସ୍ଥା ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାର ଓରାଲ ଟିକା ଆସିଯାଇଥିଲା। ପୋଲାଣ୍ଡ ତଥା ଆମେରିକାର ଡାକ୍ତରୀ ଗବେଷକ ଆଲବର୍ଟ ବ୍ରୁସ୍ ସବିନ୍ ଓରାଲ ଟିକା ପ୍ରସ୍ତୁତ କରିଥିଲେ। ପରେ ଓରାଲ ଟିକାର ବହୁଳ ବ୍ୟବହାର ହୋଇଆସୁଛି। ସମସ୍ତ ଛୋଟ ପିଲାଙ୍କୁ ଏହି ଟିକା ନେବା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

## ବ୍ରିଟେନ୍‌ରେ ବିରୋଧ




କରୋନା ଭାକ୍ସିନ ଆସିବା ପୂର୍ବରୁ ହିଁ ଏହାକୁ ବିଭିନ୍ନ ଦେଶରେ ବିରୋଧ ଆରମ୍ଭ ହୋଇଯାଇଛି। ଟିକା ପ୍ରକୃତରେ କାମ କରିବ କି? ସଂକ୍ରମିତ ହୋଇଥିବା ଲୋକେ ଭାକ୍ସିନ ନେବା ପରେ ଭୂତାଣୁମୁକ୍ତ ହେବେ କି? ଆବଶ୍ୟକ କରୁଥିବା ଲୋକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଭାକ୍ସିନ ଦିଆଯାଇ ପାରିବ ତ? ଏହାକୁ କେଉଁମାନେ ଆଗେ ପାଇବେ? ଏଭଳି ଅନେକ ପ୍ରଶ୍ନ ଏବେ ଲୋକଙ୍କ ମନରେ ଉଙ୍କି ମାରୁଛି। ଏପରି କି ଟିକାର ପାର୍ଶ୍ୱପ୍ରତିକ୍ରିୟା ବା ସାଇଡ୍‌ଇଫେକ୍ଟକୁ ନେଇ ମଧ୍ୟ ଅନେକେ ଆତଙ୍କିତ। ଏସବୁ ଭିତରେ ଲଣ୍ଡନର ଅକ୍ସଫୋର୍ଡ ଷ୍ଟ୍ରିଟ୍‌ରେ ହଜାର ହଜାର ଲୋକ ଭାକ୍ସିନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବ୍ରିଟେନ୍‌ର ଲକ୍‌ଡାଉନ୍ ବିରୋଧୀ ବିକ୍ଷୋଭକାରୀମାନେ 'ଟିକାକୁ ତୁମ ନିତମ୍ବରେ ରଖ' ଗୀତ ଗାଇ ସରକାରଙ୍କ କଟକଣାର ପ୍ରତିବାଦ କରିଥିଲେ। ଭାରତର ବିଭିନ୍ନ ଭାଗରେ ମଧ୍ୟ ଏହାକୁ ବିରୋଧ କରାଯାଉଛି। ନିକଟରେ ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ ଭାକ୍ସିନ ନେବା ପରେ ବି କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବାରୁ ଭାକ୍ସିନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

# ଜାମସେଦପୁର-ଇଷ୍ଟବେଙ୍ଗଲ ମ୍ୟାଚ୍ ଡ୍ର

**ଭାସ୍କୋ, ୧୦।୧୨**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଗୁରୁବାର ଜାମଶେଦପୁର ଏଫ୍‌ସି ଓ ଇଷ୍ଟବେଙ୍ଗଲ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମ ଥରପାଇଁ ଆଇଏସ୍ଏଲ୍ ଖେଳୁଥିବା ଇଷ୍ଟବେଙ୍ଗଲ ଏହି ମ୍ୟାଚରେ ପଏଣ୍ଟ ଖାତା ଖୋଲିଛି। ପ୍ରଥମ ୩ଟି ମ୍ୟାଚରେ ଦଳ ଏଟିକେ ମୋହନବାଗାନ, ମୁମ୍ବାଇ ସିଟି ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ନିକଟରୁ ହାରି ଯାଇଥିଲା। ଇଷ୍ଟବେଙ୍ଗଲ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିବାବେଳେ ୭ ଗୋଲ ବରଣ କରିଛି। ଫଳରେ ପଏଣ୍ଟ ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ୫ ମ୍ୟାଚରୁ ୧ ବିଜୟ, ୩ଡ୍ର ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିବା ଜାମଶେଦପୁର ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି।

ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପୂର୍ବରୁ ଆଶାନୁରୂପ ଖେଳିପାରି ନ ଥିବା ଇଷ୍ଟବେଙ୍ଗଲ ଏଠାରେ କଡ଼ା ଟକ୍କର ଦେଇଥିଲା। ୨୧ତମ ମିନିଟରେ ବଲ୍‌କୁ ନିଜ ନିୟନ୍ତ୍ରଣକୁ ନେବା ଚକ୍କରରେ ଜାମଶେଦପୁରର ଲାଲଦିନଲିଆନା ରେଣ୍ଟିଲେଇଙ୍କୁ ତଳେ ପକାଇ ଦେବାରୁ ଇଷ୍ଟବେଙ୍ଗଲର ଇୟୁଜେନେସନ ଲିଙ୍ଗଡୋଙ୍କୁ ହଳଦିଆ କାର୍ଡ ମିଳିଥିଲା। ଅବଶିଷ୍ଟ ସମୟରେ ସେ ଜଗିରଖି ଖେଳିବା ଆବଶ୍ୟକ ହେଉଥିଲା। ମାତ୍ର ଏହାର ୪ ମିନିଟ ପରେ ଅର୍ଥାତ୍ ୨୫ତମ ମିନିଟରେ ତାଙ୍କୁ ଦ୍ୱିତୀୟ ହଳଦିଆ କାର୍ଡ ମିଳିଥିଲା। ସ୍ୱାଭାବିକଭାବେ ଏହା ରେଡ୍ କାର୍ଡରେ ହୋଇଯାଉ ଥିବାରୁ ଲିଙ୍ଗଡୋଙ୍କୁ ମାର୍ଚ୍ଚିଂ ଅର୍ଡର ମିଳିଥିଲା। ଫଳରେ ଇଷ୍ଟବେଙ୍ଗଲ ୧୦ ଜଣିଆରେ ପରିଣତ ହୋଇ ଯାଇଥିଲା। ଏହାସତ୍ତ୍ୱେ ମ୍ୟାଚକୁ ଗୋଲଶୂନ୍ୟ ରଖିଥିଲା ଏହି କୋଲକାତା ଦଳ। ବିଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଜାମଶେଦପୁରର ରେଣ୍ଟଲେଇଙ୍କୁ ୫୮ ଓ ୯୦ତମ ମିନିଟରେ ଦୁଇଥର ହଳଦିଆ କାର୍ଡ ମିଳିଥିଲା। ଫଳରେ ସେ ମଧ୍ୟ ରେଡ଼ କାର୍ଡ ପାଇଥିଲେ। ଜାମଶେଦପୁରର ମହମ୍ମଦ ମୋବାସିରଙ୍କୁ ପାସ୍ ଅଫ୍ ଦି ମ୍ୟାଚ ଏବଂ ଇଷ୍ଟବେଙ୍ଗଲର ମହମ୍ମଦ ଇର୍ସାଦଙ୍କୁ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।



ଇଣ୍ଡିଆନ୍ ସୁପରଲିଗ୍‌ରେ ଗୁରୁବାର ଇଷ୍ଟବେଙ୍ଗଲ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଶୀର୍ଷରେ କୋହଲି ଅପରିବର୍ତ୍ତିତ

**ଦୁବାଇ,୧୦।୧୨(ପି.ଟି.)**



ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବପରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଗତ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜରେ ସେ ଦୁଇଟି ଅର୍ଦ୍ଧଶତକ ହାସଲ କରି ବ୍ୟାଟିଂ ତାଲିକାର ଏକ ନମ୍ବର ସ୍ଥାନରେ ରହିଛନ୍ତି। ସିଡନୀ ଓ କାନବେରାରେ ଅନୁଷ୍ଠିତ ପ୍ରଥମ ଓ ତୃତୀୟ ଦିନିକିଆରେ ସେ ଯଥାକ୍ରମେ ୮୯ ଓ ୬୩ ରନ ସଂଗ୍ରହ କରି ମୋଟ ୮୭୦ ପଏଣ୍ଟ ହାସଲ କରିଛନ୍ତି। ଇଞ୍ଜୁରି କାରଣରୁ ଏହି ସିରିଜ ଖେଳି ନ ଥିଲେ ମଧ୍ୟ ତାରକା ଓପନର ରୋହିତ ଶର୍ମା ୮୪୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ରୋହିତଙ୍କଠାରୁ ୫ ପଏଣ୍ଟ କମ୍ ପାଇ ପାକିସ୍ତାନ ଅଧିନାୟକ ବାବର ଆଜମ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୧୯ ଆଇସିସି ବିଶ୍ୱକପ ପରେ ପ୍ରଥମ ଦିନିକିଆ ଖେଳିଥିବା ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୫୩ ପଏଣ୍ଟ ପାଇ ୪୯ ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ୫୦ରେ ସ୍ଥାନିତ ହୋଇଛନ୍ତି। ହାର୍ଦ୍ଦିକ ପ୍ରଥମ ଦିନିକିଆରେ ୯୨ ଓ ତୃତୀୟ ମ୍ୟାଚରେ ଅପରାଜିତ ୯୨ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ୭୯୧ ପଏଣ୍ଟ ପାଇ ବ୍ୟାଟିଂ ତାଲିକାର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଗତବର୍ଷ ଜୁନ୍‌ରେ ସେ କ୍ୟାରିୟର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଫିଞ୍ଚ୍ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନିକିଆରେ ଯଥାକ୍ରମେ ୧୧୪, ୬୦ ଓ ୭୫ ରନ ସଂଗ୍ରହ କରିଥିଲେ। ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ୨୦୧୮ ପରେ ପ୍ରଥମଥର ପାଇଁ ଟପ୍-୨୦ରେ ସ୍ଥାନିତ ହୋଇଛନ୍ତି। ସେ ପ୍ରଥମ ଦୁଇଟି ମ୍ୟାଚରେ କ୍ରମାଗତ ଦୁଇଟି ଶତକ ହାସଲ କରିଥିଲେ। ସେ ୭୦୭ ପଏଣ୍ଟ ପାଇ ୧୫ତମ ସ୍ଥାନରେ ରହିଛନ୍ତି।

# ଭାରତରେ ଇଂଲଣ୍ଡ ୪ ଟେଷ୍ଟ ଖେଳିବ

**ନୂଆଦିଲ୍ଲୀ, ୧୦।୧୨ (ପି.ଟି.)**

ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ଇଂଲଣ୍ଡ ବିପକ୍ଷ ସିରିଜ ସହ ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ ଫେରିବ। କରୋନା ଯୋଗୁ କିଛିମାସ ଧରି କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ ରହିଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଉପରୋକ୍ତ ସିରିଜ ପାଇଁ ଗୁରୁବାର ୫୨ ଦିନିଆ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଦୁଇ ଦଳ ମଧ୍ୟରେ ଏକ ଦିବାରାତ୍ର 'ପିଙ୍କ୍ ବଲ୍ ଟେଷ୍ଟ' ଅହମ୍ମଦାବାଦଠାରେ ପୁନଃ ନିର୍ମିତ ସର୍ଦ୍ଦାର ପଟେଲ ଷ୍ଟାଡିୟମ (ମୋଟେରା)ରେ ଫେବୃୟାରୀ ୨୪ରୁ ଖେଳାଯିବ। ଅହମ୍ମଦାବାଦରେ ଆହୁରି ମଧ୍ୟ ଚତୁର୍ଥ ତଥା ଫାଇନାଲ ଟେଷ୍ଟ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଅନୁଷ୍ଠିତ ହେବ। ବିସିସିଆଇର ରୋଟେଶନ ନିୟମାନୁସାରେ ଅନ୍ୟ ଦୁଇଟି ଭେନ୍ୟୁ ସ୍ଥିର କରାଯାଇଛି। ତଦନୁସାରେ ଚେନ୍ନାଇରେ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ (ଫେବୃୟାରୀ ୫ରୁ ଆରମ୍ଭ) ଏବଂ ପୁଣେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ (ମାର୍ଚ୍ଚ ୨୩ରୁ ୨୮) ଆୟୋଜନ କରିବ। ଅବଶିଷ୍ଟ ଦୁଇ ଟେଷ୍ଟ ମ୍ୟାଚ ଅହମ୍ମଦାବାଦରେ ହେବ। ମୋଟେରା ହେଉଛି ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ। ୧,୧୦,୦୦୦ ଆସନ କ୍ଷମତାବିଶିଷ୍ଟ ଏହି ଆଇକନିକ ଷ୍ଟାଡିୟମରେ ୫ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳାଯିବ। ଶ୍ରୀଲଙ୍କାରେ (ଜାନୁୟାରୀ ୧୪ରୁ ୧୮ ଏବଂ ଜାନୁୟାରୀ ୨୨ରୁ ୨୬) ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଦୁଇଟି ମ୍ୟାଚ ଖେଳିସାରିବା ପରେ ଇଂଲଣ୍ଡ ଦଳ ଜାନୁୟାରୀ ୨୭ରେ ସିଧାସଳଖ ବିମାନ ଯୋଗେ କଲମ୍ବୋରୁ ଚେନ୍ନାଇରେ ପହଞ୍ଚିବ। ଦିବାରାତ୍ର ଟେଷ୍ଟ ପାଇଁ ମୋଟେରାକୁ ଭେନ୍ୟୁ କରାଯାଇଥିବା ବିଷୟ ଗୁରୁବାର ଗୁଜରାଟ କ୍ରିକେଟ ଆସୋସିଏଶନ ଇନ୍‌ଡୋର ଏକାଡେମୀ ଉଦ୍‌ଘାଟନୀ ଅବସରରେ ବିସିସିଆଇ ସମ୍ପାଦକ ଜୟ ଶାହା ଘୋଷଣା କରିଥିଲେ। ଗତବର୍ଷ ଇଡେନଗାର୍ଡେନ୍ସରେ ବାଂଲାଦେଶ ବିପକ୍ଷରେ ଖେଳିବା ପରେ ଭାରତ ନିଜ ଦେଶରେ ଦ୍ୱିତୀୟ ପିଙ୍କ୍ ବଲ୍ ଟେଷ୍ଟ ଖେଳିବାକୁ ଯାଉଛି। ଟୁର୍‌ର ଶେଷ ଭାଗରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ପୁଣେରେ ଖେଳାଯିବ। ଦେଶରେ ବର୍ତ୍ତମାନ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିସିସିଆଇ ଟୁର୍‌କୁ ତିନୋଟି ଭେନ୍ୟୁ ମଧ୍ୟରେ ସୀମିତ ରଖିଛି। ସିରିଜ ଯେପରି ରୋମାଞ୍ଚକ ହୋଇପାରିବ ସେଥିଲାଗି ଦୁଇ ଦେଶର କ୍ରିକେଟ ବୋର୍ଡ କାର୍ଯ୍ୟକରୁଥିବା ଶାହା କହିଛନ୍ତି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସିଇଓ ଟମ୍ ହାରିସନ ମଧ୍ୟ ସମାନ କଥା କହିଛନ୍ତି। ଉଭୟ ଦଳ ପାଇଁ ଜୈବସୁରକ୍ଷିତ ପରିବେଶ ସୃଷ୍ଟି କରିବା ଲାଗି ଏହି ତିନୋଟି ଭେନ୍ୟୁ ଉପଯୁକ୍ତ ବୋଲି ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ହୃଦୟଙ୍ଗମ କରାଯାଇଥିଲା। ଇଂଲଣ୍ଡ ଦଳ ଯେହେତୁ ଏକ ଜୈବସୁରକ୍ଷିତ ଅଞ୍ଚଳରୁ ଆସିବ, ତେଣୁ ଚେନ୍ନାଇରେ ଏହାକୁ ମାତ୍ର ଏକ ସପ୍ତାହ କୋହଳ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ଏହି ସମୟରେ ଖେଳାଳିମାନଙ୍କୁ ଟ୍ରେନିଂ ପାଇଁ ଅନୁମତି ମିଳିବ। ଶ୍ରୀଲଙ୍କାରେ ଦୁଇଟି ଟେଷ୍ଟ ଖେଳି ଆସିଥିବାରୁ ଇଂଲଣ୍ଡ ଦଳକୁ ଚେନ୍ନାଇରେ ପହଞ୍ଚିବା ପରେ ଆଉ ୱାର୍ମଅପ୍ ମ୍ୟାଚ ଖେଳିବାକୁ ପଡ଼ିବ ନାହିଁ। ଅଷ୍ଟ୍ରେଲିଆରୁ ଫେରିବା ପରେ ଭାରତୀୟ ଦଳକୁ ଏକ ସପ୍ତାହ ଛୁଟି ମିଳିବ। ଚେନ୍ନାଇରେ ଜୈବ ସୁରକ୍ଷିତ ଅଞ୍ଚଳରେ ପ୍ରବେଶ ପୂର୍ବରୁ କିନ୍ତୁ ସେମାନଙ୍କର ଆଉଥରେ ଆର୍‌ଟି-ପିସିଆର୍ ଟେଷ୍ଟ ହେବ।

ECB

**କାର୍ଯ୍ୟସୂଚୀ**

**ଟେଷ୍ଟ ସିରିଜ**
ପ୍ରଥମ ଟେଷ୍ଟ: ଫେବୃୟାରୀ ୫ରୁ ୯ (ଚେନ୍ନାଇ)
ଦ୍ୱିତୀୟ ଟେଷ୍ଟ: ଫେବୃୟାରୀ ୧୩ରୁ ୧୭ (ଚେନ୍ନାଇ)
ତୃତୀୟ ଟେଷ୍ଟ: ଫେବୃୟାରୀ ୨୪ରୁ ୨୮ (ଅହମ୍ମଦାବାଦ, ଦିବାରାତ୍ର)।
ଚତୁର୍ଥ ଟେଷ୍ଟ: ମାର୍ଚ୍ଚ ୪ରୁ ୮ (ଅହମ୍ମଦାବାଦ)
**ଟି୨୦ ସିରିଜ** (ସମସ୍ତ ମ୍ୟାଚ ଅହମ୍ମଦାବାଦରେ)
ପ୍ରଥମ ଟି୨୦: ମାର୍ଚ୍ଚ ୧୨
ଦ୍ୱିତୀୟ ଟି୨୦: ମାର୍ଚ୍ଚ ୧୪
ତୃତୀୟ ଟି୨୦: ମାର୍ଚ୍ଚ ୧୬
ଚତୁର୍ଥ ଟି୨୦: ମାର୍ଚ୍ଚ ୧୮
ପଞ୍ଚମ ଟି୨୦: ମାର୍ଚ୍ଚ ୨୦।
**ଦିନିକିଆ ସିରିଜ** (ସମସ୍ତ ମ୍ୟାଚ ପୁଣେରେ)
ପ୍ରଥମ ଦିନିକିଆ: ମାର୍ଚ୍ଚ ୨୩
ଦ୍ୱିତୀୟ ଦିନିକିଆ ମାର୍ଚ୍ଚ ୨୬
ତୃତୀୟ ଦିନିକିଆ ମାର୍ଚ୍ଚ ୨୮।

# ବିହାରୀ, କୁଲଦୀପଙ୍କୁ ପରୀକ୍ଷା କରାଯାଇପାରେ

**ସିଡ୍‌ନୀ, ୧୦।୧୨(ପି.ଟି.)**

**ଦିବାରାତ୍ର ୱାର୍ମଅପ୍ ମ୍ୟାଚ**
**ମ୍ୟାଚ ଆରମ୍ଭ: ସକାଳ ୯ଟା**

ଭାରତ ଓ ଅଷ୍ଟ୍ରେଲିଆ 'ଏ' ମଧ୍ୟରେ ଦ୍ୱିତୀୟ ୱାର୍ମଅପ୍ କ୍ରିକେଟ ମ୍ୟାଚ ଶୁକ୍ରବାରଠାରୁ ଅନୁଷ୍ଠିତ ହେବ। ଦିବାରାତ୍ର ବିଶିଷ୍ଟ ଥିବାରୁ ମ୍ୟାଚଟି ପିଙ୍କବଲ୍‌ରେ ଖେଳାଯିବ। ଡିସେମ୍ବର ୧୭ରୁ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଦିବାରାତ୍ର ଟେଷ୍ଟ ଆରମ୍ଭ ହେଉଥିବାରୁ ୱାର୍ମଅପ୍ ମ୍ୟାଚରେ ହନୁମା ବିହାରୀଙ୍କୁ ଅତିରିକ୍ତ ବ୍ୟାଟ୍ସମ୍ୟାନ ଓ କୁଲଦୀପ ଯାଦବଙ୍କୁ ଅତିରିକ୍ତ ବୋଲରଭାବେ ପରୀକ୍ଷା କରାଯାଇପାରେ। ପ୍ରଥମ ଟେଷ୍ଟ ଆଡିଲେଡରେ ହେବ। ତେଣୁ ସିଡ୍‌ନୀ ଓ ଆଡିଲେଡ ପିଚ୍ ମଧ୍ୟରେ ପାର୍ଥକ୍ୟ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଟେଷ୍ଟ ପିଚ୍ ଘାସୁଆ ରହିବା ଅନୁମାନ କରାଯାଉଛି।

ଦ୍ୱିତୀୟ ୱାର୍ମଅପ୍ ମ୍ୟାଚରେ ଅଧିନାୟକ ବିରାଟ କୋହଲି ଖେଳିବା ସମ୍ଭାବନା କମ୍ ରହିଛି। ସେ ତାଙ୍କ ଫିଜିଓଙ୍କ ସହିତ ଆଲୋଚନା ପରେ ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଭାରତ ଟି୨୦ ସିରିଜ ଜିତିବାପରେ ପ୍ରକାଶ କରିଥିଲେ। ଅଷ୍ଟ୍ରେଲିଆ କ୍ଷେତ୍ରରେ କାମେରନ ଗ୍ରୀନ୍‌ଙ୍କୁ ଆଉ ଏକ ସୁଯୋଗ ଦିଆଯାଇପାରେ। ତାଙ୍କ ପ୍ରଦର୍ଶନରେ କୋଚ୍ ଜଷ୍ଟିନ ଲାଙ୍ଗର ଓ ଅଧିନାୟକ ଟିମ୍ ପେନ୍ ପ୍ରଭାବିତ ଅଛନ୍ତି। ସେହିପରି ମିଚେଲ ସ୍ୱେପସନଙ୍କ ଉପରେ ମଧ୍ୟ ନଜର ରହିବ। କାରଣ ସିଡ୍‌ନୀରେ ନୂଆବର୍ଷରେ ଖେଳାଯିବାକୁଥିବା ତୃତୀୟ ଟେଷ୍ଟରେ ଖେଳିବାନେଇ ସ୍ୱେପସନ ଆଶାବାନ୍ଧିଛନ୍ତି। ପ୍ରଥମ ୱାର୍ମଅପ୍‌ରେ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରା ଓ ଋଦ୍ଧିମାନ ଶାହାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନ ଅଷ୍ଟ୍ରେଲୀୟ ବୋଲରଙ୍କୁ ଠିକ୍‌ଭାବେ ଖେଳିପାରି ନ ଥିଲେ। ତେଣୁ ପ୍ଲେଇଂ କମ୍ବିନେଶନ ଠିକ୍ କରିବା ପାଇଁ ଭାରତ ନିକଟରେ ଏହା ଶେଷ ସୁଯୋଗ। ମୟଙ୍କ ଅଗ୍ରୱାଲଙ୍କ ସହ ୩୬ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଥିବା ଲୋକେଶ ରାହୁଲ ଇନିଂସ ଓପନ କରିପାରନ୍ତି। କାରଣ କ୍ୱାଲିଟି ସିମ୍ ଓ ସୁଇଂ ବିପକ୍ଷରେ ପୃଥ୍ୱୀ ଶ'ଙ୍କ ଟେକ୍ନିକ ଅତ୍ୟନ୍ତ ଦୁର୍ବଳ ପରିଲକ୍ଷିତ ହେଉଛି।

# ଚେସ୍ ଏକାଡେମୀ ପ୍ରତିଷ୍ଠା କରିବେ ଆନନ୍ଦ



**ଚେନ୍ନାଇ, ୧୦।୧୨ (ପି.ଟି.):** ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦ ଏକ ଏକାଡେମୀ ପ୍ରତିଷ୍ଠା କରିବେ। ଏଥିଲାଗି ସେ ୱେଷ୍ଟବ୍ରିଜ୍ କ୍ୟାପିଟାଲ୍ସ ସହ ହାତ ମିଳାଇଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ଯୁବ ଖେଳାଳିମାନଙ୍କୁ ଟ୍ରେନିଂ ଦେବେ। ଏକାଡେମୀର ନାମ ୱେଷ୍ଟବ୍ରିଜ୍-ଆନନ୍ଦ ଚେସ୍ ଏକାଡେମୀ (ୱାକା) ରଖାଯାଇଛି। ଏଥିରେ ପ୍ରଥମେ ଭାରତର ୫ଜଣ ଉଦୀୟମାନ ଖେଳାଳିଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ହେଲେ ୧୫ ବର୍ଷୀୟ ଆର୍. ପ୍ରଜ୍ଞାନନ୍ଦା, ନିହାଲ ସରିନ (୧୬), ରନାକ୍ ସାଧ୍ୱାନୀ (୧୫), ଡି. ଗୁକେଶ (୧୪) ଏବଂ ପ୍ରଜ୍ଞାନନ୍ଦାଙ୍କ ଭଉଣୀ ଆର୍. ବୈଶାଳୀ। ଏକାଡେମୀ ପ୍ରତିବର୍ଷ ପ୍ରତିଭା ଚିହ୍ନଟ କରିବ। ୱାର୍ଲ୍ଡ ଟପ୍ ଚେସ୍ ର୍‍ୟାଙ୍କିଙ୍ଗ୍‌ରେ ପ୍ରବେଶ ପାଇଁ ସହାୟତା କରାଯିବ। ସେମାନଙ୍କୁ ଫେଲୋଶିପ୍ ମଞ୍ଜୁର କରାଯିବ।

# ଦୈନିକ ୩୦,୦୦୦ ଦର୍ଶକଙ୍କୁ ଅନୁମତି

**ମେଲବୋର୍ନ, ୧୦।୧୨ (ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଆଇକନିକ ବକ୍ସିଂ ଡେ' ଟେଷ୍ଟକୁ ଷ୍ଟାଡିୟମରେ ଦୈନିକ ୩୦,୦୦୦ ଦର୍ଶକ ଉପଭୋଗ କରିପାରିବେ। କୋଭିଡ୍ ଯୋଗୁ ଭିକ୍ଟୋରିଆ ପ୍ରଦେଶ ସରକାର ଦର୍ଶକଙ୍କ ସଂଖ୍ୟା ଉପରେ ଯେଉଁ କଟକଣା ଜାରି କରିଥିଲେ, ସେଥିରେ କୋହଳ କରିବାରୁ ଏହା ସମ୍ଭବ ହୋଇପାରିଛି। ବକ୍ସିଂ ଡେ' ଟେଷ୍ଟ ଡିସେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳିବାର କାର୍ଯ୍ୟକ୍ରମ ରହିଛି। କଟକଣା ଯୋଗୁ ପୂର୍ବରୁ ଦୈନିକ ମୋଟ ଆସନ କ୍ଷମତାର ୨୫ ପ୍ରତିଶତ ଅର୍ଥାତ୍ ୨୫,୦୦୦ ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। ମାତ୍ର ଗତ ୪୦ ଦିନ ହେଲା ନୂଆ କୋଭିଡ୍ ପଜିଟିଭ ଦେଖା ଦେଇ ନ ଥିବାରୁ ଦର୍ଶକ ସଂଖ୍ୟା ୩୦,୦୦୦କୁ ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଦୁଇ ଦେଶ ମଧ୍ୟରେ ବହୁ ପ୍ରତୀକ୍ଷିତ ୪ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

**ବକ୍ସିଂ ଡେ' ଟେଷ୍ଟ**




**CUTTACK MUNICIPAL CORPORATION**

"e" PROCUREMENT NOTICE
Tender ID : 2020_ORULB_64512
Bid Reference No. MC(CMC)CTC_Div-I_No44/2020-21
Tender Call Notice No. 5599 (PW) Date. 10.12.2020

Name of Works : Civil Works
No of Works : 19 Nos
Bid Value : Rs. 2.82 Lakh to Rs. 16.10 Lakh
Period of Completion : One Calendar Month to Two Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 14.12.2020 | 5.00 PM on dt.23.12.2020 | 11.00 A.M. on dt. 30.12.2020 |

Tender Details : can be seen from the procurement portal : www.tendersorissa.gov.in

Executive Engineer, CD-I, CMC



**OFFICE OF THE NOTIFIED AREA COUNCIL REDHAKHOL (ODISHA), DIST.- SAMBALPUR**
E-mail: eonacrdl@gmail.com, Ph. No./Fax No. 06644-253466
No. 1748/NAC Date: 09.12.2020

**PUBLIC NOTICE**

This is for information of all concerned that (ODF+) declaration under Swachha Bharat Mission (Urban), Odisha, the Redhakhol NAC has declared the area under the jurisdiction of Administrator, Redhakhol NAC as "ODF+".
If anyone found open defecating and urinating then there is a fine mechanism and he/she will be fined with an amount of Rs.50/- without any argument.

Sd./- Executive Officer, NAC, Redhakhol



**OFFICE OF THE SUPERINTENDENT V.S.S. INSTITUTE OF MEDICAL SCIENCES & RESEARCH, BURLA, (SAMBALPUR)**
suptd.vimsar@gmail.com

**TENDER CALL NOTICE**

No. 14809/VSS.IMSAR, Burla Dated: 09.12.2020
No. E-426: Sealed tenders in two bid system are hereby invited by the undersigned from the Registered Firms/Agencies/Companies/NGOs having Labour Licnece, GST Registration Certificate & experience in similar jobs for Housekeeping, Sanitation and maintenance of this 1323 bedded Hospital Area for the year 2020-21. The tenders should reach the Office of the Superintendent, VSS IMSAR, Burla on or before 15.01.2021 upto 5.30 P.M. through Regd. Post/Speed Post only which will be opened on the next working day at 12.00 Noon.
The details terms and conditions of the Tender Call Notice can be collected from Office of the Superintendent, VSS IMSAR, Burla from the date of publication in Newspapers/Display in website to last date of submission on all working days during the office hours on payment of Rs.10,000/- (Rupees ten thousand) only in the user fee collection counter towards cost of the tender paper in favour of the Superintendent, VSS IMSAR, Burla or it can be downloaded from the website **www.sambalpur.nic.in/www.vimsar.ac.in** & submit the same with a Bank Draft of Rs.10,000/- in favour of the Superintendent, VSS IMSAR, Burla. The estimated cost of tender is Rs.10,00,00,000/-.

Sd./- Superintendent, VSS IMSAR, Burla
OIPR-10026/11/0019/2021



**OFFICE OF THE CDM & PHO CUM DISTRICT MISSION DIRECTOR, GANJAM, BERHAMPUR**
**DISTRICT HEALTH MISSION**
**DEPARTMENT OF HEALTH & FAMILY WELFARE**
Government of Odisha
Letter No. 18282 Date: 09.12.2017

**CORRIGENDUM**

Partial modification in the specification of vehicle & Technical Bid of Tender Notice vide Letter No. 17165, Dt.17.11.2020 as published in the two Odiya Newspapers, The Samaj & The Dharitri on Dt.19.11.2020 has been made which may be downloaded from the district website: **www.ganjam.nic.in**.
Last date of submission is extended upto Dt.16.12.2020 by 2.00 P.M. The tender will be opened on Dt.16.12.2020 by 5.00 P.M. All other terms & condition of the published tender remains unchanged.

Sd./- Chief District Medical & Public Health Officer, Ganjam, Berhampur



GOVT. OF ODISHA
**OFFICE OF THE EXECUTIVE ENGINEER (AGRIL)., CUTTACK DIVISION, CUTTACK**
AT/P.O.: NAYABAZAR, DISTRICT: CUTTACK - 753004
Phone No. (0671) 2442638, E-mail ID: eeagril.cuttack@gmail.com
**e-Procurement Notice No./Bid Identification No.: EE(AGRIL), Cuttack Division - 01/2020-21**

No. L-42: The Executive Engineer (Agril.), Cuttack Division, Nayabazar, Cuttack, Odisha on behalf of the Governor of Odisha, invites percentage rate bids in Single Cvoer system from the eligible class of contractors through e-procurement in ONLINE MODE only in the website **"www.tendersodisha.gov.in"**, for the works as detailed below:

| Sl. No. | Nos of Works for which Tender invited | Approximate Estimated Cost put to tender (Excluding GST) (Rs.) | Cost of Bid Documents (in Rs.) | EMD in (Rs.) | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Total 9 Nos. (Nine) of Building Works | Vary from Rs.532215.00 to Rs.4421959.00 | Rs.4000.00 to Rs.6000.00 | 1% of Amount put to tender | B, C & D |

1. Date & time of availability of bid document in the portal : 14.12.2020 at 10.00 A.M. to 23.12.2020, 5.00 P.M.
2. Last date/time for receipt of bids in the portal : 23.12.2020 at 5.00 P.M.
3. Date of submission of Original bid documents : 15.12.2020 at 10.00 A.M. to 24.12.2020 upto 5.00 P.M.
4. Date & time of opening of Original documents & verification : 28.12.2020 at 11.00 A.M.
5. Date & time of opening of Online bids : 29.12.2020 at 11.00 A.M. onwards
6. Name & address of the Officer Inviting Bid : Executive Engineer (Agril.), Cuttack Division, Nayabazar, Cuttack

The bidders have to participate in **ONLINE bidding only with matching class compatible Digital Signature Certificate (DSC)**. Further details and other terms and conditions can be seen from DTCN in the e-Procurement website: **"https://tendersodisha.gov.in"**. Any addendum/corrigendum/cancellation of tender can also be seen in the said website.

Sd./- Executive Engineer (Agril.), Cuttack Division, Nayabazar, Cuttack
OIPR-01447/11/0001/2021



**OFFICE OF THE EXECUTIVE ENGINEER TELENGIRI CANAL DIVISION, BARINIPUT, DIST.- KORAPUT, ODISHA - 764006**
No. A-342
email id: division.canal@gmail.com, Phone/Fax: 06854-242074
**e-PROCUREMENT NOTICE No. EE-TCD-03/2020-21**
No. 1246/WE Dated: 07.12.2020

1. No. of Work : 01 (One) No.
2. Value of Work : Rs.41.54 lakh (Excluding GST)
3. Bid Security/EMD : Rs.41,600/-
4. Class of Contractor : "B" Class & "A" Class
5. Period of Completion : 4 (four) Calendar Months
6. Type of Contract : Percentage Rate (Single Cover)
7. Cost of Tender Paper : Rs.6,000/- (Non-refundable)
8. Availability of tender online for bidding : From 10.00 hrs of 11.12.2020 to 17.00 hrs. on 26.12.2020
9. Date & time of Online bid submission : From 10.00 hrs. on 11.12.2020 to 17.00 hrs. on 26.12.2020
10. Date & time of opening of Technical/Financial Bid : 12.00 hrs. 27.12.2020 in Office of the Executive Engineer, Telengiri Canal Division, Bariniput

Further details can be seen from the Govt. website: **www.tendersorissa.gov.in/www.dowrodisha.gov.in**. Addendum/Corrigendum/Cancellation if any required will be published in Govt. website only.

Sd./- Executive Engineer
Telengiri Canal Division, Bariniput
OIPR-32080/11/0005/2021



**ଟେଣ୍ଡର ନୋଟିସ**

**No. A-349:-** ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, କଳାହାଣ୍ଡି, ଭବାନୀପାଟଣାଙ୍କ ଟେଣ୍ଡର ଆବେଦନ ନୋଟିସ ପତ୍ର ସଂଖ୍ୟା ୨୫୬୦ ତା୦୩.୧୨.୨୦୨୦ରିଖ ଅନୁଯାୟୀ MGNREGA ଯୋଜନା ୨୦୨୦-୨୧ ଆର୍ଥିକ ବର୍ଷର ବିଭାଗୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମର ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ୧୭୨୪୧୦ କିଲୋଗ୍ରାମ (G.I. Welded wire mesh, 5"x5"-12 gauge, Height 4')ର ମୂଲ୍ୟ ଅଟକଳ ଏକ କୋଟିରୁ ଏକ କୋଟି ପଚାଶ ଲକ୍ଷ ମଧ୍ୟରେ ସୀମିତ ଅଟେ।

ଏଥି ନିମନ୍ତେ ବିଷଦ ବିବରଣୀ, ସର୍ତ୍ତ ଓ ନିୟମାବଳୀ ଜିଲ୍ଲା www.kalahandi.nic.in ଜରିଆରେ ସମସ୍ତ ଆବେଦନକାରୀଙ୍କୁ ତା୧୪.୧୨.୨୦୨୦ରିଖଠାରୁ ତା୨୩.୧୨.୨୦୨୦ରିଖ ପର୍ଯ୍ୟନ୍ତ ଦୃଶ୍ୟମାନ ନିମନ୍ତେ ପ୍ରେରଣ କରାଯାଇଛି। ଟେଣ୍ଡର ପକାଇବା ତା୩୦.୧୨.୨୦୨୦ରିଖ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଏବଂ ଉଠାଣ ତା୦୪.୦୧.୨୦୨୧ରିଖ ଦିବା ୧୧ ଘଟିକାରେ ଧାର୍ଯ୍ୟ ଅଟେ।

ଏତଦ୍ ଅନୁସାରେ ଇଚ୍ଛୁକ ଟେଣ୍ଡର ଆବେଦନକାରୀମାନଙ୍କୁ ଆବେଦନପତ୍ର ପ୍ରେରଣ କରିବା ନିମନ୍ତେ ଅନୁରୋଧ କରାଗଲା।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା
କଳାହାଣ୍ଡି, ଭବାନୀପାଟଣା
OIPR-32404/11/0001/2021



ଇଜିପ୍ଟର ପିରାମିଡ୍ ଆଗରେ ଅଶ୍ଳୀଳ ଫଟୋ ଉଠାଇଥିବା ଜଣେ ମଡେଲଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ସାଲମା ଅଲ୍ ସିମି। ମଡେ଼ଲଙ୍କ ସହ ଫଟୋଗ୍ରାଫର ହୋଶମ ଅହମ୍ମଦଙ୍କୁ ମଧ ଗିରଫ କରାଯାଇଥିଲା। ଇଜିପ୍ଟର ଏହି ମଡେଲ ଫଟୋକୁ ଇନଷ୍ଟାଗ୍ରାମରେ ଶେୟାର କରିବା ପରେ ସେଠାକାର ସରକାରଙ୍କ ନଜରକୁ ଆସିଥିଲା। ପ୍ରତ୍ନତତ୍ତ୍ୱ ବିଭାଗର ବିନା ଅନୁମତିରେ ଫଟୋ ଉଠାଯାଇଥିବା ଅଭିଯୋଗ ହୋଇଛି। ତେବେ ମଡେଲ ଜଣକ ଜାମିନରେ ମୁକୁଳିଥିବା ଜଣାପଡିଛି।



# ଆର୍ଥର୍ ଲୁଇସ୍‌ଙ୍କୁ ସମ୍ମାନ ଜଣାଇଲା ଗୁଗଲ

**ନୂଆଦିଲ୍ଲୀ:** ଅର୍ଥଶାସ୍ତ୍ରୀ, ପ୍ରଫେସର ଏବଂ ଲେଖକ ସାର୍ ଡବ୍ଲ୍ୟୁ. ଆର୍ଥର୍ ଲୁଇସ୍‌ଙ୍କୁ ଗୁଗଲ ଡୁଡଲ୍ କରି ସମ୍ମାନ ଜଣାଇଛି। ୧୯୭୯ ଡିସେମ୍ବର ୧୦ରେ ଲୁଇସ୍ ଯୁଗ୍ମଭାବେ ଅର୍ଥନୀତିରେ ନୋବେଲ ସ୍ମୃତି ପୁରସ୍କାର ପାଇଥିଲେ। ବିକାଶଶୀଳ ଦେଶ ଉପରେ ପ୍ରଭାବ ପକାଉଥିବା ଆର୍ଥିକ ଶକ୍ତିର ମଡେଲ ପ୍ରସ୍ତୁତରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ପୁରସ୍କାର ପାଇଥିଲେ। ଏଭଳି ଏକ ସ୍ମରଣୀୟ ଦିନକୁ ଗୁଗଲ୍ ଡୁଡଲ୍ ମାଧ୍ୟମରେ ପାଳନ କରିବା ସହ ତାଙ୍କୁ ମନେପକାଇଛି। କାରିବିଆନ୍ ଦ୍ୱୀପ ସେଣ୍ଟ ଲୁସିଆରେ ୧୯୧୫ ଜାନୁୟାରୀ ୨୩ରେ ଜନ୍ମଗ୍ରହଣ କରିଥିବା ଲୁଇସ୍‌ଙ୍କ ମାତା ଏବଂ ପିତା ଆଣ୍ଟିଗୁଆର ପ୍ରବାସୀ ଥିଲେ। ଲୁଇସ୍ ୧୪ ବର୍ଷ ବୟସରେ ସ୍କୁଲ ପାଠପଢ଼ା ସାରି ସିଭିଲ ସେବାରେ କ୍ଲର୍କଭାବେ କାମ କରିଥିଲେ। ୧୯୩୨ରେ ସେ ଏକ ସରକାରୀ ବୃତ୍ତି ପାଇଥିଲେ ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ଅଧ୍ୟୟନ ପାଇଁ ଯାଇଥିଲେ। ବର୍ଣ୍ଣ ଭେଦଭାବ ସତ୍ତ୍ୱେ ସେଠାରେ ସେ ପ୍ରଥମ କୃଷ୍ଣକାୟ ପ୍ରଫେସର ହୋଇପାରିଥିଲେ। ଏହା ବ୍ୟତୀତ ସେ ପ୍ରଥମ କୃଷ୍ଣକାୟ ବ୍ୟକ୍ତିଭାବେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇଥିଲେ ଏବଂ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ମଧ୍ୟ ସେ ପୂର୍ଣ୍ଣକାଳୀନ ପ୍ରଫେସର ଭାବେ ପ୍ରଥମ କୃଷ୍ଣକାୟ ପ୍ରଶିକ୍ଷକ ରହିଥିଲେ।

ବିବାହ ଶୁଭେଚ୍ଛା

ରାକେଶ ନନ୍ଦନ ରଣା
ସହିତ
ରଶ୍ମିତା ସାସମଲ
ଗ୍ରା: କଷାଫଳ, ଜି: ବାଲେଶ୍ୱର
ଆଜି ତା.୧୧।୧୨।୨୦୨୦ରିଖ ତୁମର ଶୁଭ ବିବାହ ଉପଲକ୍ଷେ ଆନ୍ତର ଶୁଭେଚ୍ଛା। ଆମ୍ଭେ ଶ୍ରୀଶ୍ରୀ ସାଇ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମର ଦାମ୍ପତ୍ୟ ଜୀବନ ସୁଖମୟ ତଥା ଦୀର୍ଘସ୍ଥାୟୀ ହେଉ।
-:ଶୁଭେଚ୍ଛା ସହ:-
ମାତା: ଅଞ୍ଜଳି ସାସମଲ, ପିତା: ଲକ୍ଷ୍ମୀଧର ସାସମଲ, ଶାଶୁ:ଜ୍ୟୋତିର୍ମୟୀ ରଣା, ଶ୍ୱଶୁର: ସୁଶୀଲ କୁମାର ରଣା ଏବଂ ବନ୍ଧୁବାନ୍ଧବ ।
ଧ-୬୯୬୪୯

# ପର୍ବତ ଶିଖାଏ ପ୍ରେରଣା

**ପର୍ବତ। ଧୈର୍ଯ୍ୟର ପ୍ରତୀକ। ପ୍ରେରଣାର ଉତ୍ସ। ପ୍ରତିକୂଳ ପରିବେଶରେ ଦୃଢ଼ହୋଇ ଠିଆହେବା ଏବଂ ପରିସ୍ଥିତି ମୁକାବିଲା କରିବାର ସାମର୍ଥ୍ୟ ପାଇଁ ଯୁଗେ ଯୁଗେ ଉଦାହରଣ ସାଜିଛି ପ୍ରକୃତିର ଏହି ସୁନ୍ଦର ବିସ୍ମୟ। ପୃଥିବୀ ପୃଷ୍ଠରେ ପାହାଡ଼ ପାଇଁ ସୃଷ୍ଟି ହୋଇଛି ବିସ୍ତୀର୍ଣ୍ଣ ମରୁପ୍ରାନ୍ତର। ମାଟି ପୂରି ଉଠିଛି ସବୁଜ କିଆରିରେ। ପାହାଡ଼ ଛାତିରେ ଘର କରିଥିବା ପାହାଡ଼ି ମଣିଷଙ୍କ ନିଆରା ଜୀବନଶୈଳୀ, ଘଞ୍ଚ ଜଙ୍ଗଲ ବେଷ୍ଟିତ ପରିବେଶ ସୃଷ୍ଟି କରିଛି ପର୍ଯ୍ୟଟନର ଅନନ୍ୟ ସମ୍ଭାବନା। ଏସବୁକୁ ଆକଳନ କଲେ ବୁଝାପଡ଼େ ପର୍ବତ ପାଇଁ ପରିପୁଷ୍ଟ ହୋଇଛି ଜୀବନ। ପର୍ବତର ଆବଶ୍ୟକତା, ଏହାର ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୧ରେ ପାଳିତ ହୁଏ 'ୱାର୍ଲ୍ଡ ମାଉଣ୍ଟେନ୍ ଡେ'।**



## ଆଜି ୱାର୍ଲ୍ଡ ମାଉଣ୍ଟେନ୍ ଡେ'

ପୃଥିବୀର ମୋଟ ଜନସଂଖ୍ୟାର ୧୫% ରୁହନ୍ତି ପାର୍ବତ୍ୟାଞ୍ଚଳରେ। ବନବାସୀଙ୍କ ପାଇଁ ପର୍ବତ ଯେତିକି ଗୁରୁତ୍ୱପୂର୍ଣ୍ଣ ଏହାର ସେତିକି ଆବଶ୍ୟକତା ଅନୁଭବ କରନ୍ତି ସମତଳ ଭୂଇଁରେ ରହୁଥିବା ମଣିଷମାନେ। ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ନଦୀ ପାଇଁ ହିଁ ସର୍ବପ୍ରଥମେ ସୃଷ୍ଟି ହୋଇଥିଲା ମାନବ ସଭ୍ୟତା। ଜୈବ ବିବିଧତା, ଜଳଚକ୍ର, ଜଳବାୟୁ, ଭୂମିରୂପ ପରିବର୍ତ୍ତନ ପଛରେ ପର୍ବତ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପାହାଡ଼ର ମହତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି, ସଂରକ୍ଷଣ ଲାଗି ଧ୍ୟାନ କେନ୍ଦ୍ରୀଭୂତ କରିବା ଏବଂ ଏହାର ବିକାଶ ଲାଗି ଏକଜୁଟ ହେବା ହିଁ ଅନ୍ତର୍ଜାତୀୟ ପର୍ବତ ଦିବସ ପରିକଳ୍ପନାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିନ କର୍ମଶାଳା, ଶୋଭାଯାତ୍ରା, ଆଲୋଚନାଚକ୍ର ମାଧ୍ୟମରେ ପର୍ବତର ପ୍ରଭାବ ଏବଂ ଭୂମିକା ସମ୍ପର୍କରେ ଲୋକଙ୍କୁ ଶିକ୍ଷା ଦିଆଯାଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଥିମ୍ ଅନୁଯାୟୀ ପାଳିତ ହୋଇଥାଏ ୱାର୍ଲ୍ଡ ମାଉଣ୍ଟେନ୍ ଡେ'। ଚଳିତ ବର୍ଷ ଏହାର ଥିମ୍ ରହିଛି 'ମାଉଣ୍ଟେନ ବାୟୋଡାଇଭର୍ସିଟି' ବା 'ପର୍ବତ ଜୈବବିବିଧତା'। ମନୁଷ୍ୟକୃତ କାରଣରୁ ପର୍ବତ ଉପରେ ବିପଦ ଘନେଇବାରେ ଲାଗିଛି। ଏହାର ସଂରକ୍ଷଣ କରିବା ଦିଗରେ ଏକଜୁଟ ହେବା ଲାଗି ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ଏଥିରେ ଆହ୍ୱାନ ଦିଆଯାଇଛି।

ପାର୍ବତ୍ୟାଞ୍ଚଳର ପରିବେଶ ଏବଂ ବିକାଶ ଲାଗି ବିଶ୍ୱସ୍ତରରେ ଚିନ୍ତା କରାଯାଉଥିବାବେଳେ ୧୯୯୨ରେ ମିଳିତ ଜାତିସଂଘରେ ଏହାକୁ ବିଧିବଦ୍ଧ ଭାବେ ମିଳିଥିଲା ଅନୁମୋଦନ। ଏଜେଣ୍ଡା ୨୧ ଏବଂ ୧୩ତମ ଅଧ୍ୟାୟ ଅନୁଯାୟୀ ଜାତିସଂଘ ପକ୍ଷରୁ 'ମାନେଜିଂ ଫ୍ରାଜିଲ ଇକୋସିଷ୍ଟମ: ସଷ୍ଟେନବଲ୍ ମାଉଣ୍ଟେନ୍ ଡେଭଲପମେଣ୍ଟ'କୁ ସ୍ୱୀକୃତି ମିଳିଥିଲା, ଯାହା ପାହାଡ଼, ପର୍ବତ, ଗିରିଶୃଙ୍ଗର ସଂରକ୍ଷଣକୁ ଦେଇଥିଲା ନୂଆ ଦିଗ। ଜାତିସଂଘ ମହାସଭା ୨୦୦୨କୁ ଅନ୍ତର୍ଜାତୀୟ ପର୍ବତ ବର୍ଷ ଭାବେ ଘୋଷଣା କରିଥିଲା। ଏହାପରେ ୨୦୦୩ ଡିସେମ୍ବର ୧୧କୁ ମିଳିଥିଲା 'ବିଶ୍ୱ ପର୍ବତ ଦିବସ' ମାନ୍ୟତା। ତେବେ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଭାବେ ଏହାକୁ ପାଳନ କରିଥାନ୍ତି। ଏହି ଦିବସରେ ଦୁଃସାହସିକ ପଦଯାତ୍ରା, ସ୍ପୋର୍ଟସ୍, ଶୋଭାଯାତ୍ରା ଆୟୋଜନ କରାଯାଏ। ଏଥିରେ ଖ୍ୟାତନାମା ବକ୍ତା, କ୍ରୀଡ଼ାବିତ୍, ରାଜନେତା, ବିଶେଷଜ୍ଞଙ୍କ ସମେତ ପ୍ରକୃତି ଉପରେ ରୁଚି ରଖୁଥିବା ବ୍ୟକ୍ତି ସାମିଲ ହୋଇଥାନ୍ତି। ସେହିପରି ଅନ୍ୟ କେତେକ ସ୍ଥାନରେ ପାହାଡ଼ରେ ବନୀକରଣ କାର୍ଯ୍ୟକ୍ରମ, ସଚେତନତାଧର୍ମୀ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୁଏ।

ପ୍ରକୃତିର ସୁନ୍ଦରତମ ସଂରଚନା ମଧ୍ୟରୁ ପର୍ବତ ଗୋଟିଏ। ଅନେକ ସ୍ଥାନରେ ଏହା ସାଜିଛି ଅନ୍ତର୍ଜାତୀୟ ସୀମାରେଖା। ପର୍ବତ ପାଲଟେ ଦେଶର ସୁରକ୍ଷା କବଚ। ଲୋକଙ୍କୁ ପାଇଁ ସାଜେ ଅବସର ବିନୋଦନର ମାଧ୍ୟମ। ଏହାର ଛାତି ଚିରି ପ୍ରବାହିତ ଜଳସ୍ରୋତ ଚାଷକୁ ବଳ ଯୋଗାଏ। ଜଙ୍ଗଲରୁ ମିଳୁଥିବା ପର୍ଯ୍ୟାପ୍ତ ଜଙ୍ଗଲଜାତ ଦ୍ରବ୍ୟ ଅର୍ଥନୀତିକୁ ମଜଭୁତ କରେ। ପାର୍ବତ୍ୟ ଉପତ୍ୟକାରେ ବନ୍ଧ ବାନ୍ଧି ଉତ୍ପାଦନ କରାଯାଏ ଜଳବିଦ୍ୟୁତ୍ ଶକ୍ତି। ମାନବ ଜୀବନକୁ ପରିପୁଷ୍ଟ କରିବାରେ ପର୍ବତର ଭୂମିକାକୁ ଅଣଦେଖା କରାଯାଇ ନ ପାରେ। ତେଣୁ ପାହାଡ଼, ପର୍ବତ ଏବଂ ଗିରିଶୃଙ୍ଗର ସୁରକ୍ଷା ବିଷୟରେ ଭାବିବାର ବେଳ ଆସିଛି ବୋଲି ପ୍ରକୃତିପ୍ରେମୀ ମତବ୍ୟକ୍ତ କରିଛନ୍ତି।

**ବିଶ୍ୱର କେତେକ ବୃହତ୍ତମ ପର୍ବତଶ୍ରେଣୀ**

| | | |
|---|---|---|
| ଆଣ୍ଡିଜ୍ | ଦକ୍ଷିଣ ଆମେରିକା | ୭୦୦୦କି.ମି. |
| ସାଉଥର୍ନ ଗ୍ରେଟ୍ ଇସ୍କାର୍ପମେଣ୍ଟ | ଆଫ୍ରିକା | ୫୦୦୦କି.ମି. |
| ରକି | ଉତ୍ତର ଆମେରିକା | ୪୮୦୦କି.ମି. |
| ଗ୍ରେଟ୍ ଡିଭାଇଡିଂ ରେଞ୍ଜ | ଅଷ୍ଟ୍ରେଲିଆ | ୩୫୦୦କି.ମି. |
| ହିମାଳୟ | ଏସିଆ | ୨୬୦୦କି.ମି. |
| ଉରାଲ | ଏସିଆ-ୟୁରୋପ | ୨୫୦୦କି.ମି. |

# ଚାହତ୍‌ଙ୍କ ବିକିନି ଫଟୋ ଭାଇରାଲ



**ମୁମ୍ବାଇ:** ଟେଲି ଅଭିନେତ୍ରୀ ଚାହତ୍ ଖାନ୍ନା ନିଜର ହଟ୍ ଅବତାରକୁ ନେଇ ଏବେ ଭାରି ଚର୍ଚ୍ଚାରେ। କୋଭିଡ୍ କଟକଣା ପାଇଁ ଦୀର୍ଘଦିନ ହେଲା ସେ ଘରୁ ବାହାରି ନ ଥିଲେ। ବଲିଉଡ୍‌ରେ ସବୁ ଅଭିନେତ୍ରୀ ଅଭିନେତା ମଧ୍ୟ ଘରେ ଏକପ୍ରକାର ବନ୍ଦ ହୋଇଯାଇଥିଲେ। କିଛିମାସ ହେଲା ସବୁ ଖୋଲିବାରୁ ସମସ୍ତଙ୍କ ଲାଇଫ୍ ନର୍ମାଲ ହେଉଛି। ଚାହତ୍ ଏବେ କାମରୁ ବ୍ରେକ୍ ନେଇ ଦୁବାଇରେ ଛୁଟି ଏନ୍‌ଜୟ କରୁଛନ୍ତି। ସେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। କିଛିଦିନ ହେଲା ସେ ନିଜର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଫଟୋଗୁଡ଼ିକରେ ମସ୍ତି କରୁଥିବା ନଜର ଆସିଛନ୍ତି। ଏହି ଫଟୋଗୁଡ଼ିକ ଏବେ ଇଣ୍ଟରନେଟ୍‌ରେ ଭାଇରାଲ ହେବାରେ ଲାଗିଛି। ବ୍ଲାକ୍ ବିକିନିରେ ବହୁତ ଫଟୋ ଏକସଙ୍ଗେ ପୋଷ୍ଟ କରିଛନ୍ତି। ଚାହତ୍‌ଙ୍କ ବୋଲ୍ଡ ଫଟୋଗୁଡ଼ିକ ଫ୍ୟାନ୍‌ମାନଙ୍କୁ ପାଗଳ କରିଦେଇଛି। କେହି କେହି କମେଣ୍ଟ କରିଛନ୍ତି ଯେ, ସତରେ ଏହି ଫଟୋ ନିଆଁ ଲଗାଇ ଦେଉଛି। ଚାହତ୍‌ଙ୍କ ପ୍ରଥମ ଶୁଟ୍ କ୍ୟାଡବରିରେ ଆଡ୍ ଶୁଟ୍ ଥିଲା। ତା'ପରେ ୨୦୦୨ରୁ ବିଭିନ୍ନ ଟିଭି ଶୋ'ରେ କାମ କରୁଥିବା ନଜର ଆସିଥିଲେ। ବହୁତ ଟେଲି ସିରିଏଲରେ ସେ କାମ କରିଛନ୍ତି। ଅଭିନୟ ଯେମିତି ଦମ୍‌ଦାର ଦେଖିବାକୁ ମଧ୍ୟ ଭାରି ସୁନ୍ଦରୀ।

# ସିନ୍ଧୁ ସଭ୍ୟତା ଲୋକେ ଥିଲେ ମାଂସାହାରୀ

**ନୂଆଦିଲ୍ଲୀ/କେମ୍ବ୍ରିଜ:** ସିନ୍ଧୁସଭ୍ୟତା ଲୋକେ ମାଂସାହାରୀ ଥିଲେ। ଏହା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏସମ୍ପର୍କିତ ତଥ୍ୟ ଜର୍ନାଲ ଅଫ ଆର୍କିୟୋଲୋଜିକାଲ ସାଇନ୍ସ୍‌ରେ ପ୍ରକାଶିତ ହୋଇଛି। ଏଠାକାର ଲୋକେ ମାଂସକୁ ଅଧିକ ପସନ୍ଦ କରୁଥିଲେ। ଏହି ଗବେଷଣା କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିଲା। ସିନ୍ଧୁବାସୀମାନେ ଘୁଷୁରି, ମଇଁଷି, ଛେଳି ଆଦି ପ୍ରାଣୀଙ୍କ ମାଂସକୁ ଖାଦ୍ୟରୂପେ ବ୍ୟବହାର କରୁଥିଲେ। ଉତ୍ତରପ୍ରଦେଶ ଏବଂ ହରିୟାଣା ଆଦି ଉତ୍ତର-



ପଶ୍ଚିମ ଭାରତ ଅଞ୍ଚଳରେ ଥିବା ସିନ୍ଧୁ ସଭ୍ୟତାବାସୀମାନେ ଦୁଗ୍ଧ ଜାତୀୟ ପଦାର୍ଥକୁ ମଧ୍ୟ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏହି ସଭ୍ୟତା ପାକିସ୍ତାନ, ଉତ୍ତର-ପଶ୍ଚିମ ଭାରତ ଏବଂ ଆଫଗାନିସ୍ତାନରେ ଅବସ୍ଥିତ ଥିଲା। ଗବେଷଣା ଉତ୍ତରପ୍ରଦେଶ ଏବଂ ହରିୟାଣାର ୫ଟି ଗାଁରେ କରାଯାଇଥିଲା। ସେଥିମଧ୍ୟରେ ଉତ୍ତରପ୍ରଦେଶ ମିରଟର ଆଲମଗିରପୁର, ହରିୟାଣା ହିସାରର ମସୁଦ୍ଦୁର, ରାଖଗଡି ଏବଂ ଲୋହାରି ରାଘୋ, ଭିୱାନିର ଖନକ, ରୋହତକର ଫରମନା ଆଦି ଗାଁରେ ରହିଛି। ସିନ୍ଧୁବାସୀ ଧାନ, ଗହମ, ବାଜରା ଆଦିର ଭିନ୍ନ ଭିନ୍ନ କିସମ ଚାଷ କରୁଥିଲେ। ସେମାନେ ଡାଲି, ବିଭିନ୍ନ ଫଳ, ବାଇଗଣ, କାକୁଡ଼ି ଏବଂ ଖଜୁରୀ ସହ ବିଭିନ୍ନ ପନିପରିବା ଚାଷ କରୁଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ୭ ବର୍ଷରେ ୮୦ କେଜି

**ନୂଆଦିଲ୍ଲୀ:** ମାତ୍ର ୭ ବର୍ଷ ବୟସରେ ରୋରୀ ଉଠାଉଛନ୍ତି ୮୦ କିଲୋଗ୍ରାମ୍ ଓଜନର ଜିନିଷ। ଭାର ଉତ୍ତୋଳନ ବର୍ଗରେ ସେ ୮୦ କିଲୋଗ୍ରାମ ଓଜନ ଉଠାଇ ଏବେ ସମସ୍ତଙ୍କୁ ଚମତ୍କୃତ କରି ଦେଇଛନ୍ତି। ସବୁଠୁ କମ୍ ବୟସ ଭାର ଉତ୍ତୋଳନ ବର୍ଗରେ ରୋରୀ ଏହି ସଫଳତା ହାସଲ କରି ପାରିଛନ୍ତି। ତେବେ ପ୍ରତିଦିନ ଅଭ୍ୟାସ କରିବା ଫଳରେ ସେ ଏବେ ୮୦ କେଜିର ଭାର ଉଠାଇ ପାରୁଛନ୍ତି। ଏନେଇ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଆଉ ସୋସିଆଲ ମିଡିଆରେ ଏହି ଭିଡିଓ ଶେୟାର ହେବାର ମାତ୍ର କେଇ ଘଣ୍ଟା ପରେ ତାହା ଭାଇରାଲ ହେବାରେ ଲାଗିଛି। ତେବେ ପ୍ରବଳ ଆଗ୍ରହର ସହିତ ବାରମ୍ବାର ଅଭ୍ୟାସ କରିବା ଫଳରେ ହିଁ ରୋରୀ ଏଭଳି କାମ କରିପାରିଥିବା ତାଙ୍କ ଘର ଲୋକେ ପ୍ରକାଶ କରିଛନ୍ତି। ମାତ୍ର ୫ ବର୍ଷ ବୟସରୁ ରୋରୀଲ ଭାର ଉତ୍ତୋଳନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଆଉ ଏହା ପରଠାରୁ ସେ ପ୍ରତିଦିନ ଅଭ୍ୟାସ କରିବାକୁ ଲାଗିଥିଲେ। ଫଳରେ ତାଙ୍କର ଅଭ୍ୟାସ ଯୋଗୁଁ ସେ ଏଭଳି ଅସାଧ୍ୟ ସାଧନ କରିପାରିଛନ୍ତି। ସୋସିଆଲ ମିଡିଆରେ ରୋରୀଙ୍କୁ ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କର ଏଭଳି ପଦକ୍ଷେପ ଅନ୍ୟ ସମସ୍ତଙ୍କୁ ଦୁଃସାହସିକ ପ୍ରେରଣା ଦେବ ବୋଲି ଲୋକେ କହିଛନ୍ତି। ତେବେ ରୋରୀଙ୍କ ମତରେ ୮୦ କିଲୋଗ୍ରାମ ଓଜନକୁ ସେ ଏବେ ବେଶ୍ ସହଜରେ ଉଠାଇ ପାରୁଛନ୍ତି ଏବଂ ଆହୁରି ଅଧିକ ଓଜନ ଉଠାଇବାକୁ ଅଭ୍ୟାସ ଜାରି ରଖିଛନ୍ତି।



ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ପୂର୍ଣ୍ଣୟାତୋୟା ସଞ୍ଜୟ
ଆବିର୍ଭାବ : ୧୪.୧୧.୧୯୮୨
ତିରୋଧାନ : ୦୪.୧୨.୨୦୧୮
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ
ସଞ୍ଜୟ କୁମାର (ସ୍ୱାମୀ), ଅପର୍ଣ୍ଣା (ଝିଅ), ଯଶରାଜ (ପୁଅ) ଏବଂ ସମସ୍ତ ପରିବାରବର୍ଗ ।
ଧ-୭୦୦୫୧

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

✓ ପ୍ରେମଚନ୍ଦ ରାୟ
ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ୧୩.୧୦.୧୯୩୨
ତିରୋଧାନ-୨୪.୧୧.୨୦୧୬
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ଓ ପରିବାରବର୍ଗ
ଧ-୬୯୬୫୬

# ଚକୋଲେଟ୍ ହାତୀ

**ନୂଆଦିଲ୍ଲୀ:** କେତେବେଳେ ଚକୋଲେଟରେ ତିଆରି ହେଉଛି ଗରିଲା ତ କେବେ ପୁଣି ଚକୋଲେଟରେ ଟେଲିସ୍କୋପ ବି ତିଆରି କରାଯାଉଛି। ଚକୋଲେଟରେ ଏଭଳି ଭିନ୍ନ ଢଙ୍ଗରେ ବିଭିନ୍ନ ରୂପ ଦେବାର ପରମ୍ପରାରେ ପୁଣି ଏକ ନୂଆ ଡିଜାଇନ୍ ସାମିଲ ହୋଇଛି। ସେଫ ଆମାଉରୀ ଗୁଇଚନ୍ ଚକୋଲେଟରେ ତିଆରି କରିଛନ୍ତି ଏକ ହାତୀ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚକୋଲେଟରେ ପୁଣି ହାତୀ ତିଆରି ହୋଇଛି, ଏକଥା ହୁଏତ ସହଜରେ କେହି ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ହାତୀର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗକୁ ବେଶ୍ ସୁନ୍ଦର ଭାବରେ ତିଆରି କରି ତାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛ ନ୍ତି ସେଫ ଗୁଇଚନ୍। ଚକୋଲେଟରେ ସେ କିଭଳି ଏହି ଡିଜାଇନ୍ କରିଛନ୍ତି ତାର ଏକ ପୁରା ଭିଡିଓ ବି ସେ ଶେୟାର କରିଛନ୍ତି ସୋସିଆଲ ମିଡିଆରେ। ଏହି ଭିଡିଓରେ ସେ ଦେଖାଇଛନ୍ତି କିଭଳିଭାବରେ ହାତୀର ବିଭିନ୍ନ ଅଙ୍ଗକୁ ତିଆରି କରି ଖଞ୍ଜି ହେବ। ଏହା ସହିତ ଏତେ ସୁନ୍ଦରଭାବରେ ସେ ଖୁବ ଯତ୍ନରେ ଏହି ଚକୋଲେଟ ହାତୀଟିକୁ ତିଆରି କରିଛନ୍ତି। ଏମିତିକି ହାତୀ ଛିଡ଼ା ହେବା ପାଇଁ ସେ ଚକୋଲେଟରେ ଏକ ବେସ୍ ବି ତିଆରି କରିଛନ୍ତି। ଖାଲି ସେତିକି ନୁହେଁ ହାତୀକୁ ତିଆରି କରି ଛିଡ଼ା କରିବା ପରେ ସେ ତଳେ କିଛି ଘାସର ମଧ୍ୟ ରୂପ ଦେଇଛନ୍ତି। ତାଙ୍କର ଏଭଳି କାମ ପାଇଁ ଏବେ ତାଙ୍କୁ ସୋସିଆଲ ମିଡିଆରେ ଢେର ପ୍ରଶଂସା ମିଳୁଛି। ଲୋକେ ତାଙ୍କର ଏହି ଡିଜାଇନକୁ ପସନ୍ଦ କରିବା ସହିତ ଏହାକୁ ନେବା ପାଇଁ ବିଭିନ୍ନ ସ୍ଥାନର ଲୋକେ ଇଚ୍ଛା କରିଛନ୍ତି। ତେବେ ଖ୍ରୀଷ୍ଟମାସକୁ ଆଖିରେ ରଖି ସେଫ ଏଭଳି ଏକ ଚକୋଲେଟ ହାତୀ ତିଆରି କରିଥିବା ଜଣାଇଛନ୍ତି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଚାଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
The World Mall, Nayapalli, Bhubaneswar
Ph.: 8144114249
9667766419

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

# ଓସିଏରେ ପ୍ରସ୍ତୁତି



ନିର୍ମଳ କୁମାର ମିଶ୍ର




**ରାଜ୍ୟ କ୍ରିକେଟକୁ ଆହୁରି ଦୃଢ଼ କରିବାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ରଶ୍ମିରଞ୍ଜନ ପରିଡ଼ାଙ୍କୁ ଓଡ଼ିଶା ଦଳର ନୂଆ କୋଚ୍, କୁଳମଣି ପରିଡ଼ାଙ୍କୁ ଚୟନକର୍ତ୍ତା, ଗୌତମ ଗୋପାଳଙ୍କୁ ଫିଲ୍ଡିଂ କୋଚ, ଦୀପକ ମଙ୍ଗରାଜଙ୍କୁ ବୋଲିଂ କୋଚ୍ ରୂପେ ନିଯୁକ୍ତି ଦିଆଯାଇଛି। ସେହିପରି ଓସିଏଲ (ଓଡ଼ିଶା କ୍ରିକେଟ୍ ଲିଗ୍) ଟି୨୦ ଆୟୋଜନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି।**

ଆଗାମୀ ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟ୍ରଫି ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। କରୋନା ଯୋଗୁ ଦୀର୍ଘ ଦିନର ନୀରବତା ପରେ ଓସିଏ ବେଶ୍ ଚଳଚଞ୍ଚଳ ହୋଇଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବା ସହିତ ଅଭିଜ୍ଞ ରଶ୍ମିରଞ୍ଜନ ପରିଡାଙ୍କୁ ନୂଆ କୋଚ୍ ରୂପେ ଏବଂ ଅଫସ୍ପିନର କୁଳମଣି ପରିଡାଙ୍କୁ ଚୟନକର୍ତ୍ତା ରୂପେ ଓସିଏ ମନୋନୀତ କରିଛି। ରଶ୍ମିରଞ୍ଜନଙ୍କୁ ତାରକା ଖେଳାଳି ଦେବାଶିଷ ମହାନ୍ତିଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଦେବାଶିଷ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜୁନିୟର ସିଲେକସନ୍ କମିଟିର ସିଲେକ୍ଟର ରୂପେ କାର୍ଯ୍ୟ କରିବା ଯୋଗୁ ରଶ୍ମିରଞ୍ଜନଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୮ରେ ଓଡ଼ିଶା ୟୁଥ୍ ଆୱାର୍ଡ ପାଇଥିବା ଏବଂ ୨୦୧୫ରେ ଓଡ଼ିଶା ଗୌରବ ପୁରସ୍କାର ଭୂଷିତ ଏହି ଷ୍ଟାର ବ୍ୟାଟ୍ସମ୍ୟାନ୍ ୧୯୯୪ରେ ଓଡ଼ିଶା ପାଇଁ ଖେଳିବା ଆରମ୍ଭ କରି ୨୦୦୮ ପର୍ଯ୍ୟନ୍ତ ଖେଳିଥିଲେ। ଏହା ପରେ ସେ ୨୦୦୮–୦୯ ପାଇଁ ଆସାମ ପକ୍ଷରୁ, ୨୦୧୦–୧୩ ପର୍ଯ୍ୟନ୍ତ ରାଜସ୍ଥାନ ଏବଂ ୨୦୧୩ରେ ବିଦର୍ଭ ଏବଂ ୨୦୧୪–୧୫ରେ ହିମାଚଳ ପ୍ରଦେଶ ପକ୍ଷରୁ ଖେଳି ବେଶ୍ ସଫଳତା ହାସଲ କରିଥିଲେ।



ରଶ୍ମିରଞ୍ଜନ ପରିଡ଼ା



ଦୀପକ ମଙ୍ଗରାଜ



ଗୌତମ ଗୋପାଳ

ସୂଚନାଯୋଗ୍ୟ, ଗତ ରଣ୍ଜୀ ସିଜନ୍‌ରେ ଗ୍ରୁପ୍ 'ସି'ରେ ଶକ୍ତିଶାଳୀ ଦଳଗୁଡିକ ବିପକ୍ଷରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ନିଜର ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କ ସହାୟତାରେ ଦୀର୍ଘଦିନ ପରେ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ସିନିୟର ଦଳର ସଫଳତା ଉପରେ ଅନ୍ୟ ସମସ୍ତ ବର୍ଗର ସଫଳତା ନିର୍ଭର କରିଥାଏ। ଏଥିସହିତ ଦୀପକ ମଙ୍ଗରାଜଙ୍କ ପରି ଅଭିଜ୍ଞ ରଣ୍ଜୀ ଖେଳାଳିଙ୍କୁ ବୋଲିଂ କୋଚ ରୂପେ ମନୋନୀତ କରିବା ଏକ ପ୍ରଶଂସିତ ପଦକ୍ଷେପ। ଦୀପକ ଜଣେ ଦକ୍ଷ ବୋଲର ଏବଂ ତାଙ୍କର ଅନେକ ରଣ୍ଜୀ ମ୍ୟାଚ ଅଭିଜ୍ଞତା ରହିଛି। ଜଣେ କଠିନ ପରିଶ୍ରମୀ କ୍ରିକେଟର ରୂପେ ତାଙ୍କର ବେଶ୍ ସୁନାମ ରହିଛି। ଅନ୍ୟତମ ଅଭିଜ୍ଞ ଖେଳାଳି ଗୌତମ ଗୋପାଳଙ୍କୁ ଫିଲ୍ଡିଂ କୋଚ ରୂପେ ମନୋନୀତ କରି ଓସିଏ ସିଲେକ୍ସନ୍ କମିଟିକୁ ବେଶ୍ ଶକ୍ତିଶାଳୀ କରିବାକୁ ସକ୍ଷମ ହୋଇଛି। ଏଥିପାଇଁ ନବ ନିର୍ବାଚିତ ସେକ୍ରେଟାରୀ ସଞ୍ଜୟ ବେହେରା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଚଳିତ ସିଜନ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି।

ଗତ ସିଜନରେ ଛତିଶଗଡ, ସର୍ଭିସେସ୍, ଉତ୍ତରାଖଣ୍ଡ, ହରିୟାଣା, ଆସାମ ସହିତ ମ୍ୟାଚ ଜିତିଥିବା ବେଳେ ବେଙ୍ଗଲ, ଝାଡଖଣ୍ଡ, ତ୍ରିପୁରା ସହିତ ମ୍ୟାଚ ଡ୍ର ରଖିଥିଲା। ସେହିପରି ଜମ୍ମୁ ଓ କଶ୍ମୀର, ମହାରାଷ୍ଟ୍ରଠାରୁ ମ୍ୟାଚ ହାରିଥିଲା। ଯୁବ ଓ ଅଭିଜ୍ଞ ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଟିମ୍ ଓଡ଼ିଶା ତା'ର ଶ୍ରେଷ୍ଠତା ବଜାୟ ରଖିଥିଲା। ବ୍ୟାଟିଂରେ ଦେବାଶିଷ ସାମନ୍ତରାୟ, ସାନ୍ତନୁ ମିଶ୍ର, ରାଜେଶ ଧୂପର, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦାର, ଶୁଭ୍ରାଂଶୁ ସେନାପତି ଓ ଅନୁରାଗ ଷଡଙ୍ଗୀ ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଭେଟେରାନ୍ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା, ରାଜେଶ ମହାନ୍ତି ଓ ପପୁ ରାୟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିବା ଫଳରେ ଓଡ଼ିଶା ଦୀର୍ଘ ବର୍ଷ ପରେ ସଫଳତା ପାଇଥିଲା।

ଓଡ଼ିଶା କ୍ରିକେଟକୁ ଏକ ନୂତନ ଦିଗନ୍ତରେ ପହଞ୍ଚାଇବା ପାଇଁ ଓସିଏ ତା'ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରିଛି, ଯାହାକୁ କି ସମସ୍ତ ଖେଳାଳିମାନେ ବେଶ୍ ପ୍ରଶଂସା କରିଛନ୍ତି। ନଭେମ୍ବର ୨୯ ତାରିଖରେ ଓସିଏ ତା'ର ସମସ୍ତ କମିଟିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରିଛି। ଓଡ଼ିଶା କ୍ରିକେଟ୍‌କୁ ଆହୁରି ଅଧିକ ଶକ୍ତିଶାଳୀ ଓ ସୁଦୂରପ୍ରସାରୀ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି, ଯାହାକୁ କି ସବୁ ମହଲରେ ପ୍ରଶଂସା କରାଯାଇଛି। କରୋନା ଯୋଗୁ କ୍ରିକେଟ ପ୍ରାୟ ୮ମାସ ବ୍ୟାଘାତ ହେବା ଯୋଗୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଥିବାରୁ ଖେଳାଳିମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି ହୋଇଛି। ଦେଶର ବିଭିନ୍ନ କ୍ରିକେଟ ଆସୋସିଏଶନ୍ ସହିତ ଓ ଆଗାମୀ କ୍ରିକେଟ ସିଜିନ୍‌କୁ ଦୃଷ୍ଟିରେ ରଖି ବିଭିନ୍ନ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଓସିଏଲ (ଓଡ଼ିଶା କ୍ରିକେଟ୍ ଲିଗ୍) ଟି୨୦ ଏବଂ ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟ୍ରଫି ପାଇଁ ସିଲେକସନ୍ ଟ୍ରାଏଲ ନେଇ ଓସିଏ ପ୍ରସ୍ତୁତି ଆରମ୍ଭ କରିଛି।

ଟିସିଏମ୍ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ ସହଯୋଗରେ ଏହି ଓସିଏଲ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟିସିଏମ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ), ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍, ଖେଲୋ ଇଣ୍ଡିଆ ଭଳି ଇଭେଣ୍ଟ ଅତି ସଫଳତାର ସହ ଆୟୋଜିତ କରି ଆସିଛି। ପୂର୍ବରୁ ୧୬୮ ଜଣ ଖେଳାଳିଙ୍କୁ ନେଇ ଟ୍ରାଏଲ ମ୍ୟାଚ ସହିତ ସେଥିରୁ ଶ୍ରେଷ୍ଠ ୮୪ଜଣଙ୍କୁ ଚୟନ କରାଯାଉଥିଲା। ଏହି ୮୪ଜଣ ଖେଳାଳିଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଥିଲା। ଏଥର ଏହି ଟୁର୍ନାମେଣ୍ଟ ବାୟୋ ବବଲ ପରିବେଶ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଖେଳାଳି ମନୋନୟନ ପାଇଁ ଡିସେମ୍ବର ୫ରୁ ଓଡ଼ିଶାର ବିଭିନ୍ନ ଜିଲା ଆସୋସିଏଶନ୍ ମାନେ ତତ୍ପରତା ପ୍ରକାଶ କରି ଖେଳାଳି ମନୋନୟନ ଆରମ୍ଭ କରିଛନ୍ତି। ଏହା ନିଶ୍ଚିତ ରୂପେ ଖେଳାଳିମାନଙ୍କ ଭବିଷ୍ୟତ ପାଇଁ ବେଶ୍ ସହାୟକ ହେବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏବଂ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଆଶା ପୋଷଣ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୧–୧୨ ଏବଂ ୨୦୧୨–୧୩ରେ ଓପିଏଲ (ଓଡ଼ିଶା ପ୍ରିମିୟର ଲିଗ୍) ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍ ବେଶ୍ ସଫଳତାର ସହିତ ଅନୁଷ୍ଠିତ ହୋଇଥିବା ବେଳେ ହଠାତ୍ ଫ୍ରାଞ୍ଚାଇଜ ଏବଂ ଅନ୍ୟାନ୍ୟ ସମସ୍ୟା ଯୋଗୁ ବନ୍ଦ ହୋଇଯିବା ଯୋଗୁ ଖେଳାଳିମାନେ ନିରାଶ ହୋଇଥିଲେ। ଏଥର ଅନ୍ୟ ନାମରେ ଫେରୁଥିବା ଏହି ଓସିଏଲ୍ ବେଶ୍ ସଫଳତା ପାଇବା ସହିତ ଶ୍ରେଷ୍ଠ ଖେଳାଳି ଚୟନ ପାଇଁ ସହାୟକ ନିଶ୍ଚୟ ହେବ। ବାରବାଟୀ ଷ୍ଟାଡିୟମର ଫ୍ଲଡ ଲାଇଟରେ ଖେଳାଯିବାକୁ ଥିବା ଏହି ଲିଗ୍‌ର ସମସ୍ତ ମ୍ୟାଚ ଓ ଅନ୍ୟାନ୍ୟ ପାଇଁ ଏହି ଓସିଏ ପ୍ରସ୍ତୁତ ରହିଛି। ଏହା ଆଗାମୀ ଦିନରେ ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ।

---

**ସ୍ୱଳ୍ପ ବର୍ଷର କ୍ୟାରିୟରରେ ସୋଫିଆ କେନିନ୍ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ୨୨ ବର୍ଷୀୟା ଏହି ଆମେରିକୀୟ ମହିଳା ଟେନିସ ତାରକା ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନ ଟାଇଟଲ ହାସଲ କରିବା ସହ ଫ୍ରେଞ୍ଚ୍ ଓପନ୍ ରନର୍ସଅପ୍ ବିବେଚିତ ହୋଇଛନ୍ତି। ର୍ୟାଙ୍କିଙ୍ଗ୍‌ରେ କ୍ୟାରିୟରର ଶ୍ରେଷ୍ଠ ୪ ନମ୍ବର ସ୍ଥାନ ହାସଲ କରି ସେ ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି...**

# ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର

ଆମେରିକୀୟ ମହିଳା ଟେନିସ ତାରକା ସୋଫିଆ କେନିନ୍ ଚଳିତବର୍ଷ ଦମ୍‌ଦାର ପ୍ରଦର୍ଶନ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ସେ ଏଥର ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସକ୍ଷମ ହୋଇଥିଲେ। ଏହି କ୍ରମରେ ସେ ଏକ ବିରଳ କ୍ଲବରେ ମଧ୍ୟ ସାମିଲ ହୋଇଛନ୍ତି। ୨୨ ବର୍ଷୀୟା କେନିନ୍ ଆମେରିକାର ଅଷ୍ଟମ ମହିଳା ଖେଳାଳିଭାବେ ଏହି ସମ୍ମାନ ହାସଲ କରିଛନ୍ତି। ପୂର୍ବରୁ ସେରେନା ୱିଲିୟମ୍ସ, ମାଟ୍ରିନା ନାଭ୍ରାତିଲୋଭା, ଲିଣ୍ଡସେ ଡାଭେନପୋର୍ଟ, ଟ୍ରେସି ଅଷ୍ଟିନ, କ୍ରିସ୍ ଇଭର୍ଟ, ଭେନସ୍ ୱିଲିୟମ୍ସ ଓ ଜେନିଫର କାପ୍ରିଆତି ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

ରୁଷିଆର ମସ୍କୋରେ ଜନ୍ମିତ କେନିନ୍ ଜନ୍ମ ହେବାର ମାତ୍ର କିଛିମାସ ପରେ ପରିବାର ସହ ଆମେରିକା ଚାଲିଆସିଥିଲେ। କିଛି ବର୍ଷର କ୍ୟାରିୟର ମଧ୍ୟରେ ସେ ବିଶ୍ୱସ୍ତରୀୟ ସଫଳତ ହାସଲ କରିପାରିଛନ୍ତି। କେନିନ୍ ଉଭୟ ଜୁନିୟର ଓ ସିନିୟର ସ୍ତରରେ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୦୨୦ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟ ତାଙ୍କ ପାଇଁ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ଥିଲା। କେବଳ ସେତିକି ନୁହଁ ସେ ଚଳିତବର୍ଷ ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ପରାସ୍ତ ହୋଇ ସେ ରନର୍ସଅପ୍ ବିବେଚିତ ହୋଇଥିଲେ। ଏହାପୂର୍ବରୁ ସେ ୨୦୧୮, ୨୦୧୯ରେ ୱିମ୍ବେଲଡନ ଦ୍ୱିତୀୟ ରାଉଣ୍ଡରେ ଓ ଚଳିତବର୍ଷ ୟୁଏସ୍ ଓପନର ଚତୁର୍ଥ ରାଉଣ୍ଡରେ ମଧ୍ୟ ପ୍ରବେଶ କରିଥିଲେ। ୫ ଫୁଟ ୭ ଇଞ୍ଚ ଉଚ୍ଚତା ବିଶିଷ୍ଟ କେନିନ କ୍ୟାରିୟରରେ ଏପର୍ଯ୍ୟନ୍ତ ୫ଟି ଟାଇଟଲ ହାସଲ କରିଛନ୍ତି। ତାଙ୍କର ଉଚ୍ଚତମ ଓ ଏବେକାର ର୍ୟାଙ୍କିଙ୍ଗ୍ ୪ ନମ୍ବର ରହିଛି। ଡବଲ୍ସ ଇଭେଣ୍ଟରେ ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।

ଜୁନିୟର କ୍ୟାରିୟରରେ କେନିନ୍ ମଧ୍ୟ ର୍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୨ ନମ୍ବର ସ୍ଥାନ ଅଧିକାର କରିଥିଲେ। ୨୦୧୭ରେ ସେ ପେସାଦାର ଟେନିସ୍‌ରେ ପାଦ ଦେଇଥିଲେ। ୨୦୧୫ ୟୁଏସ୍ ଓପନ୍‌ରେ ଗ୍ରାଣ୍ଡସ୍ଲାମ ଡେବ୍ୟୁ କରିଥିଲେ। ଚଳିତବର୍ଷ ଅଷ୍ଟ୍ରେଲିଆ ଓପନ ଚାମ୍ପିୟନ ଓ ଫ୍ରେଞ୍ଚ୍ ଓପନ ରନର୍ସଅପ୍ ହେବା ପରେ ସେ ବିଶ୍ୱ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନ ହାସଲ କରିଥିଲେ। ୨୦୧୯ରେ ୩ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି କେନିନ୍ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୨ ନମ୍ବର ସ୍ଥାନ ହାସଲ କରିଥିଲେ ଓ ମୋଷ୍ଟ ଇମ୍ପ୍ରୁଭଡ଼ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୨୦୧୮ରେ ସେ ର୍ୟାଙ୍କିଙ୍ଗ୍‌ର ଟପ୍ ୫୦ରେ ସ୍ଥାନ ପାଇଥିଲେ। ୨୦୧୩ରୁ ୨୦୧୭ ମଧ୍ୟରେ ସେ ୟୁଏସ୍ ଓପନ୍‌ରେ ଡେବ୍ୟୁ କରିବା ସହ ୩ଟି ଆଇଟିଏଫ୍ ଟାଇଟଲ ହାସଲ କରିଥିଲେ ଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ।



ସେରେନା ୱିଲିୟମ୍ସ ଓ ରୁଷିଆର ମାରିଆ ସାରାପୋଭାଙ୍କୁ ନିଜର ଆଦର୍ଶ ମାନୁଥିବା କେନିନ୍ ବିଶ୍ୱ ଟେନିସ୍‌ରେ ଲମ୍ବା ଯାତ୍ରା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କୁହନ୍ତି। ନିଜର ଦକ୍ଷତା ଓ ପ୍ରତିଭା ଅନୁରୂପ ପ୍ରଦର୍ଶନ କଲେ କେନିନ୍ ବିଶ୍ୱ ଟେନିସର ସଫଳତାର ଶୀର୍ଷକୁ ପହଞ୍ଚିବେ ବୋଲି ଆଶା କରାଯାଉଛି। ତେବେ ଏଥପାଇଁ ତାଙ୍କୁ ଫିଟ୍‌ନେସ୍ ବଜାୟ ରଖିବା ସହ ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବାକୁ ହେବ।

---

## ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଇନ୍‌ଡୋର ଗେମ୍ସ ବାତିଲ

**ମୋନାକୋ, ୧୦।୧୨ (ଏପି):** ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌କୁ କ୍ରମାଗତ ଦ୍ୱିତୀୟ ବର୍ଷପାଇଁ ବାତିଲ ରଖା ଯାଇଛି। ୨୦୨୦ରେ ଚାଇନାର ନାନ୍‌ଜିଙ୍ଗ୍‌ରେ ହେବାକୁଥିବା ଏହି ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୧ ମାର୍ଚ୍ଚରେ ମଧ୍ୟ ହୋଇପାରିବ ନାହିଁ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ପ୍ରକାଶ କରାଯାଇଛି। କୋଭିଡ୍–୧୯ ମହାମାରୀକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଖେଳର ସର୍ବୋଚ୍ଚ ସଂସ୍ଥା ସ୍ପଷ୍ଟ କରିଛି। ଏକବର୍ଷ ପୂର୍ବରୁ କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ଉହାନଠାରୁ ୫୩୦ କିଲୋମିଟର (୩୩୦ ମାଇଲ) ଦୂରରେ ନାନ୍‌ଜିଙ୍ଗ ଅବସ୍ଥିତ। ତେବେ ଏହି ସହର ୨୦୨୩ ସଂସ୍କରଣକୁ ଆୟୋଜନ ପାଇଁ ରାଜି ହୋଇଛି। ସର୍ବିୟାର ବେଲ୍‌ଗ୍ରେଡ୍‌ଠାରେ ୨୦୨୨ ସଂସ୍କରଣ ଅନୁଷ୍ଠିତ ହେବ।

---

### ସଂକ୍ଷେପରେ...

ନାମ: ପାଓଲୋ ରୋସି
ଜନ୍ମ: ୨୩ ସେପ୍ଟେମ୍ବର ୧୯୫୬
ଜନ୍ମସ୍ଥାନ: ପ୍ରାଟୋ, ଇଟାଲୀ
ଉଚ୍ଚତା: ୫ ଫୁଟ୍ ୧୦ ଇଞ୍ଚ୍
ପ୍ଲେଇଂ ପୋଜିଶନ: ଷ୍ଟ୍ରାଇକର
ଜାତୀୟ ଦଳ: ଇଟାଲୀ
ଅନ୍ତର୍ଜାତୀୟ ମ୍ୟାଚ: ୪୮
ଅନ୍ତର୍ଜାତୀୟ ଗୋଲ: ୨୦

**ପ୍ରମୁଖ କ୍ଲବ:**
ଜୁଭେଣ୍ଟସ୍, ଏସି ମିଲାନ, ହେଲାସ ଭେରୋନା

**ପୁରସ୍କାର**
ବାଲନ ଡି'ଅର: ୧୯୮୨
ଫିଫା ବିଶ୍ୱକପ: ୧୯୮୨
ଫିଫା ବିଶ୍ୱକପ ଗୋଲ୍ଡେନ ବୁଟ୍: ୧୯୮୨
ଫିଫା ବିଶ୍ୱକପ ଗୋଲ୍ଡେନ ବଲ୍: ୧୯୮୨
ଫିଫା ପ୍ଲେୟର ଅଫ୍ ଦି ଇୟର: ୧୯୮୨
ଇଟାଲିଆନ ଫୁଟବଲ ହଲ୍ ଅଫ୍ ଫେମ: ୨୦୧୬



# କିମ୍ବଦନ୍ତୀ ଫୁଟବଲର ରୋସି

**୬୪ ବର୍ଷ ବୟସରେ ପରଲୋକ**

**ରୋମ,୧୦।୧୨(ଏପି)**

ଇଟାଲୀ କିମ୍ବଦନ୍ତୀ ଫୁଟବଲର ପାଓଲୋ ରୋସି ୬୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ୧୯୮୨ ବିଶ୍ୱକପରେ ଇଟାଲୀକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରୋସି ଗୁରୁବାର ମୃତ୍ୟୁବରଣ କରିଛନ୍ତି ବୋଲି ଇଟାଲୀର ଗଣମାଧ୍ୟମଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ରହିଆସୁଥିଲେ। ତାଙ୍କ ଦେହାନ୍ତରେ ବିଶ୍ୱ ଫୁଟବଲରେ ଶୋକର ଛାୟା ଖେଳିଯାଇଛି। ବେଟିଂ ସ୍କାଣ୍ଡାଲ୍‌ରେ ଲିପ୍ତ ଥିବାରୁ ତାଙ୍କୁ ଫୁଟବଲରୁ ବାସନ୍ଦ କରାଯାଇଥିଲା। ତେବେ ପରେ ସେ ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ ଜିତିବା ସହ ସେହି ବର୍ଷ ବାଲନ ଡି'ଅର ପୁରସ୍କାର ମଧ୍ୟ ହାସଲ କରିଥିଲେ। ସ୍ତ୍ରୀ ଫେଡେରିକା କାପେଲେଟି ରୋସିଙ୍କ ମୃତ୍ୟୁ ଖବର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ନିଜର ଦୁଃଖ ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟବଲର ଡିଏଗୋ ମାରାଡୋନା ମୃତ୍ୟୁବରଣ କରିବାର ଠିକ୍ ଦୁଇ ସପ୍ତାହ ପରେ ରୋସି ତାଙ୍କ ପଥ ଅନୁସରଣ କରିଛନ୍ତି। ସ୍ପେନ୍‌ରେ ଅନୁଷ୍ଠିତ ୧୯୮୨ ବିଶ୍ୱକପରେ ରୋସିଙ୍କ ପ୍ରଦର୍ଶନ ବଳରେ ଇଟାଲୀ ଚାମ୍ପିୟନ ହୋଇଥିଲା। ଏଥିସହିତ ତୃତୀୟଥର ପାଇଁ ଇଟାଲୀ ଫିଫା ବିଶ୍ୱକପ ଜିତିଥିଲା। ୬ଟି ଗୋଲ ସ୍କୋର କରି ରୋସି ଏହି ବିଶ୍ୱକପରେ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ବିଶ୍ୱକପ ଗ୍ରୁପ୍ ପର୍ଯ୍ୟାୟରେ ବ୍ରାଜିଲ ବିପକ୍ଷରେ ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ ଓ ଫାଇନାଲ ମ୍ୟାଚରେ ପଶ୍ଚିମ ଜର୍ମାନୀ ବିପକ୍ଷରେ ପ୍ରଥମ ଗୋଲ ସ୍କୋର କରିଥିଲେ। ୧୯୭୮ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ବିଶ୍ୱକପରେ ଇଟାଲୀ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ଓ ରୋସି ଏହି ଇଟାଲୀ ଦଳର ସଦସ୍ୟ ଥିଲେ। ସେ କ୍ୟାରିୟରରେ ମୋଟ ୯ଟି ବିଶ୍ୱକପ ଗୋଲ ସ୍କୋର କରିଥିଲେ। ଅବଶ୍ୟ ଖ୍ରୀଷ୍ଟିଆନ ଭିଏରି ଓ ରବର୍ଟ ବାଜିଓ ମଧ୍ୟ ବିଶ୍ୱକପରେ ୯ଟି ଗୋଲ ସ୍କୋର କରିବାର ରେକର୍ଡ ହାସଲ କରିଥିଲେ। ସେ ଇଟାଲୀ ପାଇଁ ୪୮ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୨୦ଟି ଗୋଲ ସ୍କୋର କରିଥିଲେ। ୧୯୮୨ରେ ତାଙ୍କୁ ୟୁରୋପିଆନ ଫୁଟବଲ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ଇଟାଲୀର ପ୍ରାଟୋରେ ଜନ୍ମିତ ରୋସି ଜୁଭେଣ୍ଟସ୍ ତରଫରୁ ଖେଳି ୧୯୭୩ରେ ପେସାଦାର ଫୁଟବଲରେ ପଦାର୍ପଣ କରିଥିଲେ। ଜୁଭେଣ୍ଟସ୍ ତରଫରୁ ପ୍ରତିନିଧିତ୍ୱ କରି ସେ ଦୁଇଟି ସିରି ଏ ଟାଇଟଲ, ଦି କୋପା ଇଟାଲିଆ, ଦି ୟୁରୋପିଆନ କପ ୱିନର୍ସ କପ ହାସଲ କରିଥିଲେ। ସେ ମଧ୍ୟ ଏସି ମିଲାନ ତରଫରୁ ଖେଳିଛନ୍ତି। ଅବସର ନେବା ପରେ ସେ ଟେଲିଭିଜନରେ ଭାଷ୍ୟକାର ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ ଓ ୩ ସନ୍ତାନ ରହିଥିଲେ। ତାଙ୍କ ଦେହାନ୍ତରେ ଇଟାଲୀ ସକର ଫେଡେରେଶନ ତରଫରୁ ଶୋକବ୍ୟକ୍ତ କରାଯାଇଛି। ବିଶ୍ୱ ଫୁଟବଲରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ଓ ତାଙ୍କ ପାଇଁ ପତାକା ଅର୍ଦ୍ଧନମିତ କରାଯିବ ବୋଲି ଫେଡେରେଶନ ତରଫରୁ କୁହାଯାଇଛି।

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି







# ୬ ବିବେକାନନ୍ଦ ପରିଡ଼ା

ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ନିର୍ଦ୍ଦେଶକ ଭିଜନ୍‌ଟେକ୍ କନ୍‌ସଲଟାନ୍ସି ସର୍ଭିସ୍

ପ୍ରତିଷ୍ଠାତା: ଆରପଟା ଉଚ୍ଚ ବିଦ୍ୟାଳୟ, ଉପଦେଷ୍ଟା: ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନ, ଚେଙ୍ଗୁଆ ମଙ୍ଗଳପୁର

ଆବିର୍ଭାବ: ୧୨।୦୮।୧୯୪୫ | ତିରୋଧାନ: ୦୧।୧୨।୨୦୨୦

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମମାନଙ୍କର ଅଭୁଲା ସ୍ମୃତି ହୋଇ ରହିବ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ବିକାଶରେ ଆପଣଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** କୁମାର ରଞ୍ଜନ, ରମଣୀ ରଞ୍ଜନ
ଓ ଭିଜନ୍‌ଟେକ୍ କନ୍‌ସଲ୍‌ଟାନ୍ସି ପରିବାରବୃନ୍ଦ

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ